ବର୍ଷ-୨୪, ସଂଖ୍ୟା-୧୬୩
ଭୁବନେଶ୍ୱର
୧୨ ଜୁଲାଇ, ୨୦୨୪ ଶୁକ୍ରବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-24, Issue No. 163
Bhubaneswar
12 July, 2024, Friday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com
Mahabharat



# ଅଗ୍ନିବୀରଙ୍କ ପାଇଁ ବଡ଼ ଘୋଷଣା

**ନୂଆଦିଲ୍ଲୀ, ୧୧।୭(ଏଜେନ୍ସି):** ଅଗ୍ନିବୀର ଯୋଜନାକୁ ନେଇ ଗତ କିଛି ଦିନ ହେଲା ବିବାଦ ଲାଗି ରହିଥିଲା। ଆଉ ଏବେ ଅଗ୍ନିବୀର ସ୍କିମକୁ ନେଇ ସରକାର ବଡ ଘୋଷଣା କରିଛନ୍ତି। ଏବେ କେନ୍ଦ୍ରୀୟ ସୁରକ୍ଷା ପୋଲିସ ବଳରେ ମଧ୍ୟ ଅଗ୍ନିବୀରଙ୍କୁ ମିଳିବ ଚାକିରି। ଏଥିପାଇଁ ୧୦ ପ୍ରତିଶତ ସ୍ଥାନ ଅଗ୍ନିବୀରଙ୍କ ପାଇଁ ସଂରକ୍ଷିତ ରଖାଯିବ। ସେନାରେ ୪ବର୍ଷ ପୂରଣ ପରେ କେନ୍ଦ୍ରୀୟ ସୁରକ୍ଷା ପୋଲିସ ବଳରେ ଚାକିରି ପାଇପାରିବେ ଅଗ୍ନିବୀର। ଏଥିସହ ତାଙ୍କୁ ଫିଜିକାଲ୍ ଟେଷ୍ଟରେ ମଧ୍ୟ ସୁବିଧା ମିଳିବ ବୋଲି ଗୃହ ମନ୍ତ୍ରାଳୟ ତରଫରୁ ପ୍ରକାଶ କରାଯାଇଥିବା ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି।

ତେବେ ଏ ସମ୍ପର୍କରେ ବିଏସଏଫ୍ ଡିଜି ନୀତିନ ଅଗ୍ରୱାଲ ଏବଂ ସିଆଇଏସଏଫ୍ ଡିଜି ମୀନା ସିଂହ ସୂଚନା ଦେଇଛନ୍ତି। କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ, ପୂର୍ବ ଅଗ୍ନିବୀରଙ୍କୁ



ସିଆଇଏସଏଫ, ବିଏସଏଫରେ ୧୦ ପ୍ରତିଶତ ସଂରକ୍ଷଣ ଦିଆଯିବ। ଏହା ବ୍ୟତୀତ ସେମାନଙ୍କୁ ଫିଜିକାଲ ଟେଷ୍ଟ ମଧ୍ୟ ଦେବାକୁ ପଡିବନି। ସୂଚନାଯୋଗ୍ୟ ଯେ, ୨୦୨୨ ମସିହା ଜୁନ୍ ୧୮ ତାରିଖରେ ଗୃହ ମନ୍ତ୍ରାଳୟ ଏକ ନୋଟିସ୍ ଜାରି କରିଥିଲା। ଏହି ନୋଟିସରେ ସିଏପିଏଫ୍ ଏବଂ ଆସାମ ରାଇଫଲ୍ସରେ ପୂର୍ବ ଅଗ୍ନିବୀରମାନଙ୍କୁ ୧୦ ପ୍ରତିଶତ ସଂରକ୍ଷଣ ଦେବାକୁ ନିଷ୍ପତ୍ତି ନିଆଯାଇଥିଲା। ଏହି ସିଏପିଏ ଭିତରେ ବିଏସଏଫ୍, ସିଆରପିଏଫ୍, ଆଇଟିବିପି, ଏସଏସବି ଏବଂ ସିଆଇଏସଏଫ୍ ରହିଅଛି। ୨୦୨୨ରେ ଅଗ୍ନିବୀର ସ୍କିମ ଆଣିଥିଲେ କେନ୍ଦ୍ର ସରକାର ଏହା ଅଧିନରେ ସେନା,ନୌସେନା ଓ ବାୟୁସେନାରେ ୪ବର୍ଷ ପାଇଁ ଯୁବବର୍ଗଙ୍କୁ ଚୁକ୍ତିଭିତିକ ନିଯୁକ୍ତି ଦିଆଯାଉଛି। ଏହା ମଧ୍ୟରେ ସେମାନଙ୍କୁ ୬ ମାସର ଟ୍ରେନିଂ ଦିଆଯାଉଥିଲା।

### କ୍ଷତିପୂରଣ ଡାଞ୍ଚା ସମ୍ପର୍କରେ ବିସ୍ତୃତ ସୂଚନା

ନୂଆଦିଲ୍ଲୀ, ୧୧।୭(ପିଆଇବି): ସହିଦ ଅଗ୍ନିବୀର ପରିବାରକୁ ମିଳୁଥିବା ଅନୁକମ୍ପାମୂଳକ କ୍ଷତିପୂରଣ ସମ୍ପର୍କରେ ପୂର୍ବତନ ବାୟୁସେନା ମୁଖ୍ୟ ଆରକେଏସ୍ ଭଦୌରିଆ ସ୍ପଷ୍ଟ ଭାବେ ସୂଚନା ଦେଇ କହିଛନ୍ତି ଯେ, ବିସ୍ତୃତ ମାର୍ଗଦର୍ଶିକା କାରଣରୁ କ୍ଷତିପୂରଣ ପ୍ରଦାନ ପ୍ରକ୍ରିୟା ପାଇଁ ସାଧାରଣତଃ ଦୁଇରୁ ତିନି ମାସ ଲାଗିଥାଏ। ଅନୁକମ୍ପାମୂଳକ କ୍ଷତିପୂରଣ ପ୍ରକ୍ରିୟାରେ ସାମିଲ ବିଭିନ୍ନ ପର୍ଯ୍ୟାୟ ସମ୍ପର୍କରେ ସବିଶେଷ ସୂଚନା ଦେଇ ଶ୍ରୀ ଭଦୌରିଆ ସମ୍ପୂର୍ଣ୍ଣ ଅର୍ଥପଇଠ ପାଇଁ ଲାଗୁଥିବା ସମୟକୁ ନେଇ ଦେଖା ଦେଇଥିବା ସମସ୍ତ ବିବାଦକୁ ଖଣ୍ଡନ କରିଛନ୍ତି। ଭଦୌରିଆ କହିଛନ୍ତି,''ଜଣେ ସାଧାରଣ ସୈନିକଙ୍କ କ୍ଷେତ୍ରରେ ନିର୍ଦ୍ଦିଷ୍ଟ ନୀତି ରହିଛି। କର୍ତ୍ତୃପକ୍ଷ ସାଧାରଣତଃ ୨୪ କିମ୍ବା ୪୮ ଘଣ୍ଟା ମଧ୍ୟରେ ସିଧାସଳଖ ୫୦ ପ୍ରତିଶତ ଅର୍ଥରାଶି ଦିଅନ୍ତି ଏବଂ ତା'ପରେ ସେମାନେ ପରିବାରକୁ ଭେଟି ବାକି ଅର୍ଥ କିଭଳି ନେବାକୁ ଚାହୁଁଛନ୍ତି ବୋଲି ପଚାରନ୍ତି, ନିଜ ନାମରେ କିମ୍ବା ପିଲାଙ୍କ ନାମରେ?''

# ଅରବିନ୍ଦ ପାଢ଼ୀ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ

**ଭୁବନେଶ୍ୱର, ୧୧।୭(ମହାଭାରତ):** ଚଳିତ ରଥଯାତ୍ରାରେ ଆଡ଼ପ ପହଣ୍ଡିରେ ବଡ଼ଠାକୁର ବଳଭଦ୍ର ଚାରମାଳ ଉପରେ ହାମୁଡେଇ ପଡ଼ିଯାଇଥିଲେ ଯାହା ବିଶ୍ୱର କୋଟି କୋଟି ଜଗନ୍ନାଥପ୍ରେମୀଙ୍କ ହୃଦୟ ଭାଙ୍ଗିଦେଇଥିଲା। ଯାହାକୁ ନେଇ ରାଜ୍ୟ ସରକାରଙ୍କୁ ନିନ୍ଦିତ ହେବାକୁ ପଡ଼ିଛି। ଏ ନେଇ ରାଜ୍ୟ ସରକାର ବଡ଼ ନିଷ୍ପତ୍ତି ନେଇଛନ୍ତି। ବରିଷ୍ଠ ଭାରତୀୟ ପ୍ରଶାସନିକ ଅଧିକାରୀ ଅରବିନ୍ଦ ପାଢ଼ୀ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଭାବେ ନିଯୁକ୍ତି ହୋଇଛନ୍ତି। ବୀର ବିକ୍ରମ ଯାଦବଙ୍କ ସ୍ଥାନରେ ଅରବିନ୍ଦ ପାଢ଼ୀଙ୍କୁ ଦାୟିତ୍ୱ ଦିଆଯାଇଛି। ୧୯୯୬ ମସିହା ବ୍ୟାଚର ଆଇଏଏସ ଅଫିସର ଅରବିନ୍ଦ ପାଢ଼ୀଙ୍କୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି। ତାଙ୍କର ପ୍ରଶାସନିକ ଦକ୍ଷତା ରହିଥିବାବେଳେ ମହାପ୍ରଭୁଙ୍କ ବାହୁଡ଼ା ଯାତ୍ରା ଓ ନୀଳାଦ୍ରିବିଜେ ନୀତି ଯେଭଳି ସୁରୁଖୁରୁରେ ହେବ ସେହି ଦିଗ ପ୍ରତି ଅରବିନ୍ଦ ପାଢ଼ୀ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବେ। ଏହାପୂର୍ବରୁ ୨୦୧୨ରୁ ୨୦୧୪ରେ ଅରବିନ୍ଦ ପାଢ଼ୀ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଥିଲେ।



ଏହା ମହାପ୍ରଭୁଙ୍କ ଇଚ୍ଛା ବୋଲି ଦାୟିତ୍ୱ ମିଳିବା ପରେ ଅରବିନ୍ଦ ପାଢ଼ୀ ପ୍ରତିକ୍ରିୟା ରଖିଛନ୍ତି। ନୀତିକାନ୍ତିର ଶୃଙ୍ଖଳା ଓ ମହାପ୍ରଭୁଙ୍କ ପ୍ରଚାର ପ୍ରସାର ଉପରେ ଗୁରୁତ୍ୱ ଦେବେ ବୋଲି ପ୍ରକାଶ କରିଛନ୍ତି। ବର୍ତ୍ତମାନ ଡ. ଅରବିନ୍ଦ ପାଢ଼ୀ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ମୁଖ୍ୟ ପ୍ରଶାସକ ରହିଛନ୍ତି।

# ୧୪ରେ ରତ୍ନଭଣ୍ଡାର ଖୋଲାଯିବା ପ୍ରାୟତଃ ସ୍ପଷ୍ଟ

ଭୁବନେଶ୍ୱର, ୧୧।୭(ମହାଭାରତ): 'ଜୁଲାଇ ୧୪ ତାରିଖରେ ଶ୍ରୀମନ୍ଦିର ରତ୍ନଭଣ୍ଡାର ଖୋଲିବା ପ୍ରାୟତଃ ସ୍ପଷ୍ଟ। କେବଳ ପରିଚାଳନା କମିଟି ଯେଉଁ ଏସଓପି ସୁପାରିଶ କରିଛି ତାର ବିଭିନ୍ନ ଦିଗକୁ ଯାଞ୍ଚ କରାଯିବ। ନୀତିକାନ୍ତି ସହ ଖାପ ଖୁଆଇ ସବୁ ଦିଗକୁ ସୁବିଧା ହେବା ଭଳି ନିଷ୍ପତ୍ତି ନିଆଯିବ।' ଆଜି ଏପରି ସୂଚନା ଦେଇଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ।



ଆଇନମନ୍ତ୍ରୀ କହିଛନ୍ତି, ଶ୍ରୀମନ୍ଦିର ପରିଚାଳନା କମିଟି ଯେଉଁ ତାରିଖ ଧାର୍ଯ୍ୟ କରିଛି ସେହି ଦିନ ରତ୍ନ ଭଣ୍ଡାର ଖୋଲିବ। ରତ୍ନ ଭଣ୍ଡାର ଯାଞ୍ଚ କମିଟିର ସୁପାରିଶକୁ ମୋହର ମାରିଛି ପରିଚାଳନା କମିଟି। ତାହା ଆଜି ସରକାରଙ୍କ ନିକଟରେ ପହଞ୍ଚିବ। ଯେଉଁ ଏସଓପି ସେମାନେ ତିଆରି କରିଛନ୍ତି ତାହାକୁ ସଠିକ ଭାବେ ଯାଞ୍ଚ କରାଯିବ। ଏହାକୁ ବାଦ ଦେଲେ ଯାଞ୍ଚ କମିଟି ଯେଉଁ ତାରିଖ ସ୍ଥିର କରିଛି ସେ ତାରିଖରେ ହିଁ ରତ୍ନ ଭଣ୍ଡାର ଖୋଲିବା ପ୍ରାୟତଃ ସ୍ପଷ୍ଟ ବୋଲି କହିଛନ୍ତି ଆଇନମନ୍ତ୍ରୀ।

# 'ମହରମ' ଶୋଭାଯାତ୍ରା ପାଇଁ କଟକଣା

**ସମ୍ବଲପୁର, ୧୧।୭(ମହାଭାରତ):** ଧାର୍ମିକ ଶୋଭାଯାତ୍ରା ପାଇଁ ପୁଣି ସମ୍ବଲପୁରରେ ଲାଗିଲା କଟକଣା। ଚଳିତବର୍ଷ ସହରରେ ମହରମରେ ହେବନାହିଁ ଶୋଭାଯାତ୍ରା। ନିଜ ନିଜ ପଡା ଭିତରେ ସ୍ଥାନୀୟ ଲୋକେ ପାଳିବେ ପର୍ବ ଉତ୍ତରାଞ୍ଚଳ ଆଇଜିଙ୍କ ମହରମ କମିଟି, ହିନ୍ଦୁ ପକ୍ଷ, ମୁସଲିମ ପକ୍ଷଙ୍କୁ ନେଇ ବୈଠକ ପରେ ନିଷ୍ପତ୍ତି ନିଆଯାଇଛି। କଟକଣା ବର୍ଷେ ଯାଏଁ ଲାଗିଥିବାରୁ ଏହି ଅବଧି ସରିନାହିଁ। ଫଳରେ ନିଜ ନିଜ ପଡାରେ ମହରମ ପାଳିବା ନେଇ ସୂଚନା ଦେଇଛନ୍ତି। ଉତ୍ତରାଞ୍ଚଳ ଆଇଜି ହିମାଂଶୁଲାଲ ଗତକାଲି କଟଣା ହଟିଥିବା ନେଇ ଗତକାଲି ନିଷ୍ପତ୍ତି ହୋଇଥିଲା। ତେବେ ଆଜି ପୁଣି ପୁର୍ନବିଚାର କରାଯାଇ କଟକଣା ପୁଣି ବଳବତ୍ତର ରହିଛି।

# ସାଇବର ଠକଙ୍କ କବଳରୁ ବର୍ତ୍ତିବା ପାଇଁ ୧୯୩୦

ଭୁବନେଶ୍ୱର, ୧୧।୭(ମହାଭାରତ): ଅନଲାଇନରେ ସାଇବର ଠକ ମାତିଛନ୍ତି। ୬ ମାସରେ ୩୬ କୋଟି ଟଙ୍କା ଲୁଟି ନେଲେଣି। ଜାନୁଆରୀରୁ ଜୁନ୍ ପର୍ଯ୍ୟନ୍ତ ଏହି ପରିମାଣ ଲୁଟ ହୋଇଥିବା ପୁଲିସ୍ କହିଛି।


ଖବର ଅନୁଯାୟୀ, ସାଇବର ଠକଙ୍କ ପ୍ରାର୍ଦୁଭାବ ଦିନକୁ ଦିନ ବଢିବାରେ ଲାଗିଛି। ଏନେଇ ମୋଟ ୨୩୯୪ଟି ମାମଲା ସାଇବର ଥାନାରେ ରିପୋର୍ଟ ହୋଇଛି। ପୁଲିସ୍ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇ ସାଇବର ଠକଙ୍କର ୯କୋଟି ୫୦ଲକ୍ଷ ଟଙ୍କା ଫ୍ରିଜ କରାଯାଇଛି। ଅଭିଯୋଗକାରୀଙ୍କୁ ୪୬ ଲକ୍ଷ ଟଙ୍କା ଫେରସ୍ତ କରାଯାଇଥିବା ବେଳେ ଏହି ଘଟଣାରେ ମୋଟ ୨୩ ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କ ମଧ୍ୟରୁ ୨ଜଣ ଆନ୍ତଃରାଜ୍ୟ ଠକ ରହିଛନ୍ତି।

ଦୁଇଟି ଉପାୟରେ ଠକେଇ ଅଭିଯୋଗ ବଢିଥିବା ବେଳେ ଡିଜିଡିଟାଲ ଆରେଷ୍ଟର ଅଧିକ ମାମଲା ରୁଜୁ ହୋଇଛି। ଇନଭେଷ୍ଟମେଣ୍ଟ ଫ୍ରଡ୍ ନାମରେ ମଧ୍ୟ ଅନେକ ଲୋକଙ୍କୁ ସାଇବର ଠକ ଠକୁଛନ୍ତି। ଏଭଳି ଠକଙ୍କ କବଳରୁ ବର୍ତ୍ତିବା ଲାଗି ୧୯୩୦ ନମ୍ବରରେ କଲ୍ କରିବାକୁ ଜନସାଧାରଣଙ୍କୁ ପୁଲିସ୍ କମିସନରେଟ ପକ୍ଷରୁ ପରାମର୍ଶ ଦିଆଯାଇଛି।

# ଭଜନ ଗାଉ ଗାଉ ଟଳି ପଡ଼ିଲେ ଏଡିଏମ

ବ୍ରହ୍ମପୁର, ୧୧।୭(**ମହାଭାରତ**): ଷ୍ଟେଜରେ ଗୀତ ଗାଉଗାଉ ଟଳି ପଡ଼ିଲେ ଏଡିଏମ୍। ଗଜପତି ପାରଳାଖେମୁଣ୍ଡିରେ ସାମ୍ନାକୁ ଆସିଛି ଏଭଳି ଅଭାବନୀୟ ଘଟଣା। ମୃତକ ହେଲେ ଗଜପତି ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ବୀରେନ୍ଦ୍ର ଦାସ।

ତାଙ୍କର ଅକାଳ ବିୟୋଗରେ



ପ୍ରଶଂସାର ପାତ୍ର ଥିଲେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଅତିରିକ୍ତ ଜିଲ୍ଲାପାଳ ବୀରେନ୍ଦ୍ର ଦାସ ପାରଳାଖେମୁଣ୍ଡିରେ ଏକ ବନ୍ଧୁତ୍ୱପୂର୍ଣ୍ଣ ନୈଶ୍ୟ ଭୋଜିରେ ଯୋଗ ଦେଇଥିଲେ। ସେଠାରେ ସେ ଷ୍ଟେଜ ଉପରେ ଜଗନ୍ନାଥ ଭଜନ ଗାଉଥିଲେ। ଏହି ସମୟରେ ସେ ହଠାତ ଅସୁସ୍ଥ ହେବା ସହ ଷ୍ଟେଜ୍ ଉପରେ ପଡ଼ି ଯାଇଥିଲେ। ତାଙ୍କୁ ତୁରନ୍ତ ପାରଳାଖେମୁଣ୍ଡି ଚିକିତ୍ସାଳୟକୁ ନିଆଯାଇଥିଲା। ପରେ ଗୁରୁତର ଅବସ୍ଥାରେ ତାଙ୍କୁ ବ୍ରହ୍ମପୁର ଏମକେସିଜିକୁ ସ୍ଥାନାନ୍ତର କରାଯାଇଥିଲା। ମାତ୍ର ସେଠାରେ ଡାକ୍ତର ଅତିରିକ୍ତ ଜିଲ୍ଲାପାଳଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପରିବାର ଲୋକେ ବ୍ରହ୍ମପୁର ମେଡିକାଲରେ ପହଞ୍ଚିଥିବା ଜଣାଯାଇଛି। ପ୍ରାଥମିକ ତଦନ୍ତରୁ ହୃଦଘାତରେ ଅତିରିକ୍ତ ଜିଲ୍ଲାପାଳ ବୀରେନ୍ଦ୍ର ଦାସଙ୍କ ମୃତ୍ୟୁ ହୋଇଥିବା ଜଣାଯାଇଛି। ଆଜି ଶବ ବ୍ୟବଚ୍ଛେଦ ସରିଥିବା ବେଳେ ପୋଷ୍ଟମର୍ଟମ ରିପୋର୍ଟକୁ ଅପେକ୍ଷା କରାଯାଇଛି।

ଗଜପତି ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ବୀରେନ୍ଦ୍ର ଦାସଙ୍କ ଅକାଳ ବିୟୋଗରେ ଶୋକ ପ୍ରକାଶ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ। ସ୍ୱର୍ଗତ ବୀରେନ୍ଦ୍ର ଦାସ ଜଣେ ନିଷ୍ଠାପର ଓ ଦାୟିତ୍ୱ ସମ୍ପନ୍ନ ଅଧିକାରୀ ଭାବେ କାର୍ଯ୍ୟ କରୁଥିଲେ। ଉଚ୍ଚକୋଟୀର ପ୍ରଶାସନିକ ଦକ୍ଷତା ପାଇଁ ସେ ସବୁ ମହଲରେ ପ୍ରଶଂସିତ ଥିଲେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

### ଶୋକପ୍ରକାଶ କଲେ ମୁଖ୍ୟମନ୍ତ୍ରୀ

ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଶୋକ ପ୍ରକାଶ କରିଛନ୍ତି। ସ୍ୱର୍ଗତ ବୀରେନ୍ଦ୍ର ଦାସ ଜଣେ ନିଷ୍ଠାପର ଓ ଦାୟିତ୍ୱ ସମ୍ପନ୍ନ ଅଧିକାରୀ ଭାବେ କାର୍ଯ୍ୟ କରୁଥିଲେ। ଏହା ସହ ଉଚ୍ଚକୋଟୀର ପ୍ରଶାସନିକ ଦକ୍ଷତା ପାଇଁ ସେ ସବୁ ମହଲରେ

# ପ୍ରତିମାସର ୨୦ ତାରିଖ ସୁଦ୍ଧା ମିଳିବ ଭତ୍ତା

**ଭୁବନେଶ୍ୱର, ୧୧।୭(ମହାଭାରତ):** ଗରିବ ହିତାଧିକାରୀମାନଙ୍କୁ ପ୍ରତିମାସର ୨୦ ତାରିଖ ସୁଦ୍ଧା ମଧୁବାବୁ ପେନସନ ଯୋଜନାରେ ମାସିକ ଭତ୍ତା ପ୍ରଦାନକୁ ସୁନିଶ୍ଚିତ କରିବା ପାଇଁ ଆଜି ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟର ବିଜେପି ସରକାର ନିଜର ନିର୍ବାଚନୀ ଇସ୍ତାହାରରେ ମାସିକ ସର୍ବନିମ୍ନ ୩ହଜାର ଟଙ୍କା ଭତ୍ତା ଦେବାକୁ ପ୍ରତିଶ୍ରୁତି ଦେଇଥିବାରୁ ଆସନ୍ତାକାଲି ରାଜ୍ୟ ଅର୍ଥ ସଚିବଙ୍କ ଅଧ୍ୟକ୍ଷତାରେ ମଧୁବାବୁ ପେନସନ ଯୋଜନାକୁ ଜାରି ରଖିବା ପାଇଁ ଗୁରୁତ୍ୱପୂର୍ଣ୍ଣ ଇଏଫସି( ଏକ୍ସପେଣ୍ଡିଚର ଫାଇନାନ୍ସ କମିଟି) ବୈଠକ ବସିବାର କାର୍ଯ୍ୟକ୍ରମ ରହିଛି।ଏହି ବୈଠକରେ ମାସିକ ଭତ୍ତା ବୃଦ୍ଧି ନେଇ ପ୍ରାରମ୍ଭିକ ବିଚାରବିମର୍ଶ ହୋଇପାରେ ବୋଲି ଜଣାପଡ଼ିଛି।

ସୂଚନା ଅନୁସାରେ, ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ଅତିରିକ୍ତ ସଚିବ ଦୀପକ ରାଉତରାଏ ଆଜି ସମସ୍ତ ଜିଲ୍ଲାପାଳଙ୍କୁ ଚିଠି ଲେଖି ରାଜ୍ୟ ସରକାରଙ୍କ ଫ୍ଲାଗସିପ୍ ସାମାଜିକ ସୁରକ୍ଷା ଯୋଜନା ମଧୁବାବୁ ପେନସନ ଯୋଜନାରେ ମାସିକ ପେନସନ(ଭତ୍ତା) ପ୍ରଦାନରେ ହେଉଥିବା ବିଳମ୍ବ ସମ୍ପର୍କରେ ଅବଗତ କରାଇଛନ୍ତି। ଏହି ମାସିକ ଭତ୍ତା ପ୍ରତିମାସ ୧୫ତାରିଖ ଜନସେବା ଦିବସରେ ପ୍ରଦାନ କରାଯାଏ। କିନ୍ତୁ ଏହି ଭତ୍ତା ବଂଟନ ଏବେ ପ୍ରତିମାସର ଶେଷ ସପ୍ତାହ ପର୍ଯ୍ୟନ୍ତ ଚାଲୁଥିବା ସରକାରଙ୍କ ନଜରକୁ ଆସିଛି।

# ମହାନଦୀକୁ ଡେଇଁଲେ ଯୁବତୀ, ମିଳୁନି ପତ୍ତା

ଜଗତସିଂହପୁର, ୧୧।୭(ମହାଭାରତ): ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ଥାନା ତାରତୋଲଠାରେ ଆଜି ସକାଳେ ମହାନଦୀକୁ ଜଣେ ଯୁବତୀ ଡେଇଁ ପଡ଼ିଥିବା ସୂଚନା ମିଳିଛି। ଖବର ପାଇ ଅଗ୍ନିଶମ ବାହିନୀ ପହଞ୍ଚି ଖୋଜାଖୋଜି ଆରମ୍ଭ କରିଥିଲେ ବି ଯୁବତୀଙ୍କ ପତ୍ତା ମିଳି ପାରିନି।

ଆଜି ପୂର୍ବାହ୍ନ ୧୦ଟାରେ ତିର୍ତ୍ତୋଲ ଅଗ୍ନିଶମ ବାହିନୀ ନିକଟକୁ ଏକ କଲ୍ ଯାଇଥିଲା।ଜଣେ ଯୁବତୀ ବ୍ରିଜ ଉପରୁ ମହାନଦୀକୁ ଡେଇଁ ପଡ଼ିଥିବା ଅପର ପାର୍ଶ୍ୱର ବ୍ୟକ୍ତିଜଣକ କହିଥିଲେ।



ଏହାପରେ ତୁରନ୍ତ ପୁଲିସ୍ ଓ ଅଗ୍ନିଶମ ବାହିନୀ ପହଞ୍ଚି ଖୋଜାଖୋଜି ଆରମ୍ଭ କରିଛନ୍ତି। ୨ଟି ବୋଟରେ ଅଗ୍ନିଶମ କର୍ମଚାରୀ ପ୍ରାୟ ୩ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ହେଲା ଖୋଜାଖୋଜି କରୁଥିଲେ ବି ଯୁବତୀଙ୍କ ପତ୍ତା ପାଇ ପାରୁ ନାହାନ୍ତି।ଏନେଇ ପ୍ରତ୍ୟକ୍ଷଦର୍ଶୀଜଣକ କହିଛନ୍ତି, ସକାଳ ପ୍ରାୟ ୧୦ଟା ବେଳେ ଜଣେ ଯୁବତୀ ଲିଫ୍ଟ ମାଗି ବ୍ରିଜ ମଝିକୁ ଆସିଥିଲେ। ଏହାପରେ ସେଠାରୁ ସେ ମହାନଦୀକୁ ଡେଇଁ ପଡ଼ିଥିଲେ। ତେବେ ଯୁବତୀଜଣକ ବ୍ରିଜ ଉପରେ ନିଜ ଫୋନ୍ କିମ୍ବା ଚପଲ ଆଦି କିଛି ବି ଜିନିଷ ଛାଡ଼ି ନ ଥିବାରୁ ତାଙ୍କୁ ଚିହ୍ନଟ କରିବା ସମ୍ଭବ ହୋଇନି। ଯୁବତୀଙ୍କ ଘର କେଉଁଠି, ସେ ତାରତୋଲକୁ କିପରି ଆସିଲେ ଓ କାହିଁକି ଡେଇଁଲେ ସେ ନେଇ ସଠି ସୂଚନା ମିଳି ପାରିନି। ପୁଲିସ୍ ଘଟଣାର ତଦନ୍ତ ଆରମ୍ଭ କରିଛି।

# ମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷା ଦାୟିତ୍ୱରୁ ହଟିଲେ ଆଶିଷ ସିଂ

## ଗୃହ ବିଭାଗର ଓଏସଡି ଭାବେ ମିଳିଲା ନିଯୁକ୍ତି

ଭୁବନେଶ୍ୱର, ୧୧।୭(ମହାଭାରତ): ବରିଷ୍ଠ ଆଇଏଏସସ୍ତରରେ ଗତକାଲି ବଡ଼ଧରଣର ଅଦଳବଦଳ କରିବା ପରେ, ରାଜ୍ୟ ସରକାର ଆଜି ଆଇପିଏସ୍ ଅଫିସର ଆଶିଷଙ୍କ ସିଂଙ୍କ କ୍ଷମତାରେ ଚୋଟ ମାରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷା ଦାୟିତ୍ୱରେ ଥିବା ଏହି ଅଫିସରଙ୍କୁ ଗୃହ ବିଭାଗର ଓଏସଡି ଭାବେ ବଦଳି କରିଛନ୍ତି। ଏନେଇ ଗୃହ ବିଭାଗ ତରଫରୁ ବିଜ୍ଞପ୍ତି ପ୍ରକାଶ ପାଇଛି।



ରାଜ୍ୟରେ ସାଧାରଣ ନିର୍ବାଚନ-୨୦୨୪ ଆରମ୍ଭ ହେବା ସମୟରୁ ବରିଷ୍ଠ ଆଇପିଏସ୍ ଆଶିଷ ସିଂ ହିଁ ବିବାଦରେ ଥିଲେ। ନିର୍ବାଚନ ସମୟରେ ସେ ବିଜେଡି ପାଇଁ କାମ କରୁଥିବା ବିଜେପି ଅଭିଯୋଗ ଆଣିଥିଲା। ଏମିତି କି ତାଙ୍କ ଛୁଟିକୁ ନେଇ ମଧ୍ୟ ପ୍ରଶ୍ନ ଉଠିଥିଲା। ଅସୁସ୍ଥତା ଦର୍ଶାଇ ସେ ଛୁଟି ନେଇଥିବାରୁ, ଏହି ପ୍ରସଙ୍ଗରେ ନିର୍ବାଚନ ଆୟୋଗ ମଧ୍ୟ ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଏମ୍ସ ଭୁବନେଶ୍ୱରରେ କରାଇଥିଲେୟ ଆଉ ସେ ସମ୍ପୂର୍ଣ୍ଣ ଥିବା ଜାଣିବା ପରେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଛୁଟି ସରିବା ପରେ ଆଶିଷ ସିଂ କାର୍ଯ୍ୟରେ ଯୋଗ ଦେଇଥିଲେ। ଆଉ ରାଜ୍ୟରେ ନୂଆ ସରକାର ଆସିବା ପରେ ତାଙ୍କର କ୍ଷମତାରେ ଏବେ ଚୋଟ ପଡ଼ିଛି। ମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷା ଦାୟିତ୍ୱରେ ଥିବା ଏହି ଅଫିସରଙ୍କୁ ଗୃହ ବିଭାଗର ଓଏସଡି ଭାବେ ନିଯୁକ୍ତି ଦିଆଯାଇଛି।

# ନବୀନଙ୍କ ଚିଠିର ଜବାବ ଦେଲେ ମୋହନ

**ଭୁବନେଶ୍ୱର, ୧୧।୭(ମହାଭାରତ):** ଗତ ମଙ୍ଗଳବାର ଦିନ ପହଣ୍ଡି ସମୟରେ ଘଟିଥିବା ଅଘଟଣ ନେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ ଲେଖିଥିବା ଚିଠିର ଉତ୍ତର ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସେ କହିଛନ୍ତି, ଜଗତର ନାଥ ଜଗନ୍ନାଥ କେବଳ ଓଡ଼ିଆ ଜାତିର ଅସ୍ମିତାର ପ୍ରତୀକ ନୁହଁନ୍ତି, ସେ ସାରା ଜଗତ ଅର୍ଥାତ ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳର ନାଥ ଅଟନ୍ତି। ପ୍ରଭୁ ଜଗନ୍ନାଥ, ପ୍ରଭୁ ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ମିଳିତ ସମାହାର ଏବଂ ତାଙ୍କର ପୂଜନ ବିଧି ବ୍ୟବସ୍ଥା ସାରା ଜଗତରେ ବିରଳ। ଚଳିତ ବର୍ଷ ଆଡ଼ପ ମଣ୍ଡପକୁ ବଡ଼ଠାକୁରଙ୍କ ପହଣ୍ଡି ବେଳେ ଯେଉଁ ଅଘଟଣ ଘଟିଲା। ସେଥିରେ ସାରା ଜଗତ ଦୁଃଖିତ। ତେଣୁ ଆପଣ ଏଘଟଣାରେ ମର୍ମାହତ ହେବା ସ୍ୱାଭାବିକ। ମୁଁ ମଧ୍ୟ ଗଭୀର ଭାବେ ମର୍ମାହତ। ମୋହନ ମାଝୀ କହିଛନ୍ତି, ଆଡ଼ପ ମଣ୍ଡପ ପହଣ୍ଡି ବିଜେ ସମୟରେ ହୋଇଥିବା ଅଘଟଣ ବିଷୟରେ ଜାଣିବା ପରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ପୁରୀ ଯିବାକୁ ନିର୍ଦ୍ଦେଶ ଦେବା ସହିତ ଭବିଷ୍ୟତରେ ଏହାର ଯେପରି ପୁନରାବୃତ୍ତି ନଘଟିବ ସେଥିପାଇଁ ଯତ୍ନବାନ ହେବା ପାଇଁ ସମସ୍ତଙ୍କୁ ପରାମର୍ଶ ଦେଇଛି। ଏସମ୍ବନ୍ଧରେ ଆପଣ ମୋତେ ଲେଖିଥିବା ପତ୍ରକୁ ଗୁରୁତ୍ୱର ସହ ପାଠ କରିଛି। ଆମେ ସମସ୍ତେ ମିଶି ଚତୁର୍ଦ୍ଧାମୂର୍ତ୍ତିଙ୍କ ସମସ୍ତ ସେବା ଓ ଶ୍ରୀଗୁଣ୍ଡିଚା ଯାତ୍ରା ସଠିକ ଭାବେ ସମ୍ପନ୍ନ କରିବା। ଆପଣଙ୍କର ପରାମର୍ଶ ମୋ ପାଇଁ ସବୁବେଳେ ସମ୍ମାନର ସହିତ ଗ୍ରହଣୀୟ ହେବ।

ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ ଚିନ୍ତା ପ୍ରକଟ କରି



ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ନିଜର କ୍ଷୋଭ ପ୍ରକାଶ କରିଛନ୍ତି। ଚିଠିରେ ସେ ଉଲ୍ଲେଖ କରିଛନ୍ତି, ଚଳିତ ବର୍ଷ ଆଡ଼ପ ମଣ୍ଡପକୁ ବଡ଼ଠାକୁରଙ୍କ ପହଣ୍ଡି ବେଳେ ଯେଉଁ ଅଘଟଣ ଘଟିଲା, ତାହା ସାରା ବିଶ୍ୱର ଜଗନ୍ନାଥପ୍ରେମୀଙ୍କୁ ଗଭୀର ଭାବରେ ବ୍ୟଥିତ କରିଛି। ମୁଁ ମଧ୍ୟ ଏହି ଘଟଣାରେ ଅତ୍ୟନ୍ତ ମର୍ମାହତ। ମହାପ୍ରଭୁ ହେଉଛନ୍ତି ଓଡ଼ିଆ ଜାତିର ଶ୍ରେଷ୍ଠ। ତାଙ୍କର ପହଣ୍ଡି ବେଳେ ଏଭଳି ଅଘଟଣ ଅଶ୍ରୁତପୂର୍ବ। ଚାରମାଳରେ ପହଣ୍ଡି ସମୟରେ ବଡ଼ଠାକୁର ମୁହଁ ମାଡ଼ି ପଡ଼ିଯିବାର ଦୃଶ୍ୟ ଥିଲା ଅତ୍ୟନ୍ତ ହୃଦୟ ବିଦାରକ। ରଥଯାତ୍ରାର ହଜାର ହଜାର ବର୍ଷର ପରମ୍ପରାରେ ଏଭଳି ଘଟଣା କେବେ ଘଟି ନଥିଲା। ଆଖିରେ ଦେଖି ମଧ୍ୟ ଏଭଳି ଅଘଟଣାକୁ ବିଶ୍ୱାସ କରି ହେଲା ନାହିଁ। ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ଓଡ଼ିଆ ଅସ୍ମିତାର ପ୍ରତୀକ। ଓଡ଼ିଆ ଜାତିର ସର୍ବଶ୍ରେଷ୍ଠ ପରିଚୟ। ସେ ହେଉଛନ୍ତି ଏଜାତିର ମଉଡ଼ମଣି। ମହାପ୍ରଭୁଙ୍କ ରଥଯାତ୍ରାରେ ଭାଗ ନେବା ପାଇଁ ଦେଶବିଦେଶରୁ ଲକ୍ଷଲକ୍ଷ ଜଗନ୍ନାଥପ୍ରେମୀ ପୁରୀଧାମ ଆସିଥାନ୍ତି। ସାରା ବିଶ୍ୱର କୋଣଅନୁକୋଣରେ ରଥଯାତ୍ରା ବିପୁଳ ଶ୍ରଦ୍ଧା ଓ ଭକ୍ତିର ସହ ପାଳନ କରାଯାଇଥାଏ। ଏତଦ ବ୍ୟତୀତ ଟିଭି ଓ ସାମାଜିକ ଗଣମାଧ୍ୟମ ଜରିଆରେ ସାରା ବିଶ୍ୱର କୋଟିକୋଟି ଜଗନ୍ନାଥପ୍ରେମୀ ମହାପ୍ରଭୁଙ୍କର ଏହି ମାନବୀୟ ଲୀଳାକୁ ସଂଦର୍ଶନ କରି ଦିବ୍ୟ ଆନନ୍ଦ ଲାଭ କରିଥାନ୍ତି। ଚିଠିରେ ଶ୍ରୀ ପଟ୍ଟନାୟକ ଆହୁରି ଲେଖିଛନ୍ତି ଯେ, ଏଭଳି ସ୍ପର୍ଶକାତର ବିଷୟରେ ରାଜ୍ୟ ମନ୍ତ୍ରିମଣ୍ଡଳର କିଛି ସଦସ୍ୟ ଯେଭଳି ହାଲୁକା ମନ୍ତବ୍ୟ ଦେଲେ, ତାହା ଜଗନ୍ନାଥପ୍ରେମୀଙ୍କ ଦୁଃଖକୁ ଦ୍ୱିଗୁଣିତ କରିଛି। ଭକ୍ତର ଭାବାବେଗକୁ ଗଭୀର ଆଘାତ ଦେଇଛି। ସରକାରଙ୍କର ଏଭଳି ଆଭିମୁଖ୍ୟ ଜଗନ୍ନାଥପ୍ରେମୀଙ୍କୁ ଆଶ୍ୱସ୍ତ କରିବାରେ ସମର୍ଥ ହେଲା ନାହିଁ।

# ରାଜ୍ୟରେ ବଢୁଛି ଡେଙ୍ଗୁ ରୋଗୀଙ୍କ ସଂଖ୍ୟା

ଭୁବନେଶ୍ୱର, ୧୧।୭(ମହାଭାରତ) ରାଜ୍ୟରେ ଏବେ ବଢୁଛି ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା। ଆଜି ସୁଦ୍ଧା ୪୮୮ ଜଣ ଡେଙ୍ଗୁ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଯାଏଁ ମୋଟ ୩୫ ହଜାର ୪୭୦ ଟେଷ୍ଟିଂ ହୋଇଛି। ଖୋର୍ଦ୍ଧା ଜିଲ୍ଲାରେ ସର୍ବାଧିକ ୧୩୦ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଗତକାଲି ୩୩ ଜଣ ଡେଙ୍ଗୁ ପଜିଟିଭ ଚିହ୍ନଟ ହୋଇଛନ୍ତି। ବର୍ଷା ଋତୁ ଆସିଥିବାରୁ ରାଜ୍ୟରେ ମ୍ୟାଲେରିଆ ବଢିଛି।

ଗତକାଲି ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ହାଇଲେବଲ ମିଟିଂ ହୋଇଥିଲା। ସବୁ ବିଭାଗର ସଚିବ ମାନେ ଉପସ୍ଥିତ ଥିଲେ। ସବୁ ବିଭାଗକୁ



ସତର୍କ ରହିବା ସହ ମାର୍ଗଦର୍ଶିକା ଜାରି କରାଯାଇଛି। ମଶା ବଂଶ ବୃଦ୍ଧିକୁ ରୋକାଯିବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ସ୍କୁଲ ପ୍ରଧାନଶିକ୍ଷକ ମାନେ ପିଲାଙ୍କୁ ସଚେତନ କରିବାକୁ କୁହାଯାଇଛି। ହଷ୍ଟେଲରେ ମଶାରୀ ଟାଙ୍ଗି ଶୋଇବାକୁ କୁହାଯାଇଛି। ସ୍କୁଲ ପାଖରେ ଯେଭଳି ପାଣି ନ ଜମେ, ଧୂଆଁ ଦିଆଯିବ ସେଥିପାଇଁ ସ୍ୱତନ୍ତ୍ର ଧ୍ୟାନ ଦେବାକୁ ଗଣଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଥିବା ସୂଚନା ଦେଇଛନ୍ତି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନୀଳକଣ୍ଠ ମିଶ୍ର।

ଅନ୍ୟପଟେ କଟକ ସହରରେବି ବଢିଲା ଡେଙ୍ଗୁର ଭୟ ମେଡିକାଲରେ ବଢୁଛି ଡେଙ୍ଗୁରୋଗୀଙ୍କ ସଂଖ୍ୟା। କଟକ ମହାନଗର ନିଗମ ଆରମ୍ଭ କରିଛି ଡେଙ୍ଗୁ ମୁକାବିଲା ପ୍ରସ୍ତୁତିୟ ବିଭିନ୍ନ ବିଭାଗର ଅଧିକାରୀଙ୍କୁ ନେଇ ବୈଠକ କରାଯିବା ସହ ସହରରେ ଗଡ଼ିଛି ଡେଙ୍ଗୁ ସଚେତନତା ରଥ। ବିଶେଷ କରି ଗତବର୍ଷର ଡେଙ୍ଗୁ ହଟସ୍ପଟ ଅଞ୍ଚଳ ଉପରେ ଅଧିକ ଫୋକସ କରିଛି ସିଏମସି। ଖାଲି ପଡ଼ିଥିବା ଜମି, ଅର୍ଦ୍ଧନିର୍ମିତ ଘର, ବଣବୁଦା, ପାଣି ଜମି ରହୁଥିବା ସ୍ଥାନ, ବିଭିନ୍ନ ପାତ୍ର ଓ ଭଙ୍ଗା ଜିନିଷରେ ଦୀର୍ଘ ଦିନ ପାଣି ରହିଲେ ମଶାଙ୍କ ବଂଶବୃଦ୍ଧି ହୋଇଥାଏ। ତେଣୁ ଉତ୍ପତ୍ତି ସ୍ଥଳରୁ ମଶାଙ୍କୁ ନିପାତ କରିବାକୁ ଯୋଜନା କରିଛି ସିଏମସି।

ସିଏମସି କମିଶନର କହିଛନ୍ତି, ନିୟମିତ ମଶା ତେଲ ସିଞ୍ଚନ କରାଯାଉଛି। ବୁଶ୍ କଟିଂ ପାଇଁ ୨ଟି ଟିମ ଗଠନ କରାଯାଇଛି। ୨୦୨୩ ଜାନୁଆରୀ ମାସରୁ ଡିସେମ୍ବର ଯାଏ କଟକ ସହରରେ ୪୬୭ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିଲେ। ଏଥର ଯେମିତି ଡେଙ୍ଗୁ ନ ବ୍ୟାପିବ, ତାହା ଉପରେ ନଜର ରଖାଯାଇଛି। ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ବଢୁଥିବାରୁ କଟକ ବଡ଼ ଡାକ୍ତରଖାନାରେ ଏକ ସ୍ୱତନ୍ତ୍ର ୱାର୍ଡ ମଧ୍ୟ ଖୋଲାଯାଇଛି।

# ନିଟ୍ ପ୍ରଶ୍ନପତ୍ର ଲିକ୍ ମାମଲାର କାର୍ପେଟଦାର ଗିରଫ

ପାଟନା, ୧୧।୭: ନିଟ୍ ପ୍ରଶ୍ନପତ୍ର ଲିକ୍ ମାମଲାରେ ସିବିଆଇକୁ ବଡ଼ ସଫଳତା ମିଳିଛି। ଏହି ମାମଲାର ମୁଖ୍ୟ ଅଭିଯୁକ୍ତ ରାକେଶ ରଂଜନ ଓରଫ ରକିକୁ ଗିରଫ କରାଯାଇଛି। ଗିରଫ କରିବା ପରେ ସିବିଆଇ ଆଜି ତାକୁ ପାଟନା କୋର୍ଟରେ ହାଜର କରିଥିଲା। କୋର୍ଟ ରକିଙ୍କୁ ୧୦ ଦିନିଆ ସିବିଆଇ ରିମାଣ୍ଡକୁ ପଠାଇ ଦେଇଛନ୍ତି। ରକି ମୂଳତଃ ବିହାରର ନୱାଡାର ବାସିନ୍ଦା। କିନ୍ତୁ ଗତ କିଛି ବର୍ଷ ହେବ ସେ ରାଞ୍ଚିରେ ଏକ ରେଷ୍ଟୁରାଣ୍ଟ ଚଳାଉଥିଲା।ମିଳିଥିବା ସୂଚନା ଅନୁଯାୟୀ, ରକି ହିଁ ନିଟ୍ ପ୍ରଶ୍ନପତ୍ର ଲିକ୍ କରାଇ ଚିଣ୍ଟୁଙ୍କ ମୋବାଇଲକୁ ପଠାଇଥିଲା।



ମିଳିଥିବା ସୂଚନା ଅନୁଯାୟୀ, ରକିଙ୍କୁ ଧରିବା ପାଇଁ ସିବିଆଇ ଅନେକ ଅତ୍ୟାଧୁନିକ ଜ୍ଞାନକୌଶଳ ବ୍ୟବହାର କରିଥିଲା। ତାକୁ ଖୋଜିବା ପାଇଁ ପାଟନା, କଲିକତା ଓ ଏହାର ଆଖପାଖ ୨ଟି ସ୍ଥାନରେ ଚଢ଼ାଉ କରାଯାଇଥିଲା। ରାକେଶ ତାଙ୍କ ପତ୍ନୀଙ୍କ ମେଲ୍ ଆଇଡି ମେଲ୍ କରୁଥିଲେ, ସେହି ଆଇପି ଠିକଣା ଠାବ କରି ସିବିଆଇ ତାଙ୍କ ପାଖରେ ପହଞ୍ଚିଥିଲା।

ରକି ଏହି ମାମଲାର ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ସଞ୍ଜୀବ ମୁଖିଆଙ୍କ ସମ୍ପର୍କୀୟ ବୋଲି କୁହାଯାଉଛି। ପେପର ଲିକ୍ ମାମଲାରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିବା ସନ୍ଦେହ କରାଯାଉଛି। ରକିକୁ ଆଉଟର ପାଟନା ଅଞ୍ଚଳରୁ ଗିରଫ କରାଯାଇଛି। ନିଟ୍ ପେପର ଲିକ୍ ମାମଲାର ତଦନ୍ତ କରୁଥିବା ସିବିଆଇ ଟିମ୍ ମଙ୍ଗଳବାର ଆଉ ଦୁଇ ଅଭିଯୁକ୍ତ ସନ୍ନି ଓ ରଞ୍ଜିତଙ୍କୁ ଗିରଫ କରିଥିଲା। ଗିରଫ ଦୁଇ ଅଭିଯୁକ୍ତଙ୍କ ମଧ୍ୟରୁ ଜଣେ ଜଣେ ପରୀକ୍ଷାର୍ଥୀ ହୋଇଥିବା ବେଳେ ଅନ୍ୟ ଜଣେ ଅନ୍ୟ ପ୍ରାର୍ଥୀଙ୍କ ବାପା।

# ସ୍ୱାଦିଷ୍ଟ କଫି

ଆବଶ୍ୟକ ସାମଗ୍ରୀ: କଫି ଆବଶ୍ୟକ ପରିମାଣରେ କଦଳୀ ୧ଟି, କ୍ଷୀର ୧କପ, ଡ଼ାଲଚିନି ଗୁଣ୍ଡ ୧ ଚାମଚ, ଚିନି ଆ।ବଶ୍ୟକ ପରିମାଣରେ

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଏକ ପାତ୍ରରେ କଦଳୀ ଓ ଚିନିକୁ ଭଲ ଭାବେ ମିଶାଇ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏବେ ଗ୍ୟାସରେ ଏକ କଡ଼େଇ ବସାଇ ଏହି ପ୍ରସ୍ତୁତ ପେଷ୍ଟକୁ ସେଥିରେ ପକାଇ ଗୋଳାନ୍ତୁ। କିଛି ସମୟ ଗୋଳାଇବା ପରେ ଏଥିରେ କ୍ଷୀର ପକାଇ ପୁଣି ଗୋଳାନ୍ତୁ। କିଛି ସମୟ ଫୁଟିବା ପରେ ଏଥିରେ ଡ଼ାଲଚିନି ଗୁଣ୍ଡ ପକାଇ ଗ୍ୟାସ ବନ୍ଦ କରି ଦିଅନ୍ତୁ। ଏବେ ଏହି ମିଶ୍ରଣକୁ ଭଲ ଭାବେ ପେଷି ଦିଅନ୍ତୁ। ଏହାପରେ ଅନ୍ୟ ଏକ ପାତ୍ର ଗ୍ୟାସରେ ବସାଇ କ୍ଷୀର, ଚିନି, କଫି ପାଉଡ଼ର ପକାଇ ଫୁଟାଇ ଦିଅନ୍ତୁ। କଫି ପ୍ରସ୍ତୁତ ହେବା ପରେ ଏହାକୁ ଏକ କାଚ ଗ୍ଲାସକୁ କାଢି ପ୍ରସ୍ତୁତ ମିଶ୍ରଣକୁ ଏହାଉପରେ ରଖନ୍ତୁୟ।ପ୍ରସ୍ତୁତ ହୋଇଗଲା ସ୍ୱାଦିଷ୍ଟ କଫି।




ଖବର

# ଦିବ୍ୟାଙ୍କା ଓ ତାଙ୍କ ସ୍ୱାମୀ ହେଲେ ଲୁଟର ଶିକାର








ଟେଲିଭିଜନ ଅଭିନେତ୍ରୀ ଦିବ୍ୟାଙ୍କା ତ୍ରିପାଠୀ ତାଙ୍କ ସ୍ୱାମୀଙ୍କ ସହିତ ବିଦେଶ ଯାଇଥିବା ବେଳେ ଠକେଇର ଶିକାର ହୋଇଛନ୍ତି।ନିକଟରେ ହୋଇଥିବା ଏକ ସାକ୍ଷାତକାରରେ ଦିବ୍ୟାଙ୍କାଙ୍କ ସ୍ୱାମୀ ସମ୍ପୂର୍ଣ୍ଣ ଘଟଣା ବିଷୟରେ ଆଲୋଚନା କରି କହିଛନ୍ତି, '୮ମ ବିବାହ ବାର୍ଷିକ ପାଳନ କରିବା ପାଇଁ ଆମେ ୟୁରୋପ ଯାତ୍ରା କରିଥିଲୁ। ଏହି ଯାତ୍ରା ଆମର ଭଲରେ ଯାଉଥିଲା। ଗତକାଲି ଆମେ ଫ୍ଲୋରେନ୍ସରେ ରହିବାକୁ ଆସିଥିଲୁ। ଯେଉଁ ହୋଟେଲରେ ରହିବାର ଥିଲା ତାହାକୁ ଆମେ ଦେଖିବାକୁ ଯାଉଥିଲୁ।ତେଣୁ ପାର୍କିଂରେ କାର ଛାଡ଼ି ଦେଇଥିଲୁ। ହୋଟେଲ ଦେଖି କାରରୁ ଜିନିଷ ନେବାକୁ ଯାଉଥିବା ବେଳେ ଆମେ ତାହାର ଦୃଶ୍ୟ ଦେଖି ଚକିତ ହୋଇ ଯାଇଥିଲୁ। କାରଣ କାରର ଦ୍ୱାର ଭଙ୍ଗା ଯାଇଥିଲା। ଚାରିପାର୍ଶ୍ୱର କାଚ ଭାଙ୍ଗି ଦିଆଯାଇଥିଲାୟ କାର ଭିତରେ ଥିବା ଜରୁରୀ ଓ ମୂଲ୍ୟବାନ ସାମଗ୍ରୀ ଚୋରି ହୋଇଯାଇଥିଲା।ଆମେ ସ୍ଥାନୀୟ ପୁଲିସକୁ ଏଘଟଣା ବିଷୟରେ ଜଣାଇଥିଲୁ। ସେମାନେ ସିସିଟିଭି ଫୁଟେଜ ବିନା ମାମଲା ରୁଜୁ କରି ପାରିବେ ନାହିଁ ବୋଲି ରୋକଠୋକ ମନା କରି ଦେଇଥିଲେ। ସନ୍ଧ୍ୟା ୬ଟା ସୁଦ୍ଧା ପୁଲିସ ଷ୍ଟେସନ ବନ୍ଦ ହୋଇଯାଇଥିଲା।ଦିବ୍ୟାଙ୍କା ଇନଷ୍ଟାଗ୍ରାମରେ ଏକ ପୋଷ୍ଟ ସେୟାର କରି ଲେଖିଛନ୍ତି, 'ମୁଁ ଏବଂ ବିବେକ ଠିକ ଅଛୁ। କିନ୍ତୁ ଆମର ପାସପୋର୍ଟ, କିଛି ଜରୁରୀ ଓ ମୂଲ୍ୟବାନ ସମାଗ୍ରୀ ଚୋରି ହୋଇଯାଇଛି।'

# ସରଳ ଉପାୟରେ ପୂରଣ ହେବ ମନସ୍କାମନା



ଶ୍ରାବଣ ମାସ ଭଗବାନ ଶଙ୍କରଙ୍କ ପ୍ରିୟ ମାସ। ତେବେ ଭଗବାନଙ୍କୁ ପ୍ରସନ୍ନ କରିବାର କିଛି ସରଳ ଉପାୟ ବିଷୟରେ ଜାଣନ୍ତୁ। ଏହି ଉପାୟ ଦ୍ୱାରା ମନସ୍କାମନା ପୂରଣ ହେବା ସହ ଶୁଭଫଳ ପ୍ରାପ୍ତି ହୋଇଥାଏ।

ତମ୍ବାର ଏକ କଳସରେ ଜଳରେ ଗଙ୍ଗାଜଳ ମିଶାଇ ଶିବ ଲିଙ୍ଗରେ ଜଳ ଅର୍ପଣ କରନ୍ତ। ଏହି ସମୟରେ ମନ୍ତ୍ର ଜପ କରନ୍ତୁ। ଧିରେ ଧିରେ ଏକ ଧାରାରେ ଜଳ ଅର୍ପଣ କରନ୍ତୁ।


ଅଖଣ୍ଡିତ ବେଲପତ୍ରରେ ଚନ୍ଦନ ତିଳକ ଲଗାଇ ପ୍ରଭୁଙ୍କୁ ଅର୍ପଣ କରନ୍ତୁ।

ବେଲପତ୍ର,ଦୁଦୁରା ଫୁଲ ପ୍ରଭୁଙ୍କୁ ଅର୍ପଣ କରନ୍ତୁ। ଶିବ ମନ୍ଦିରରେ ଘିଅ ଦୀପ ଲଗାଇବା ସହ ୧୦୮ ଥର ଶିବ ମନ୍ତ୍ରର ଜପ କରନ୍ତୁ।

କ୍ଷୀର,ମହୁ ମଧ ପ୍ରଭୁଙ୍କୁ ଅର୍ପଣ କଲେ ମନସ୍କାମନା ପୂରଣ ହୋଇଥାଏ।

ଅସହାୟଙ୍କୁ ଭୋଜନ ଓ ବସ୍ତ୍ର ଦାନ କରନ୍ତୁ।

# ଘରର ପଶ୍ଚିମ ଦିଗରେ ରଖନ୍ତୁ ନାହିଁ ଏହି ସବୁ ଜିନିଷ



ପ୍ରତିଟି ଲୋକ ଘର ଭିତରେ ସକାରାତ୍ମକ ପରିବେଶ ଚାହିଁଥାନ୍ତି । ଏଥିପାଇଁ ବାସ୍ତୁ ପ୍ରତି ବିଶେଷ ଧ୍ୟାନ ଦେବାକୁ ପଡିଥାଏ । ଘର ଭିତରେ ସକାରାତ୍ମକ ପରିବେଶ ବଜାୟ ରଖିବା ପାଇଁ ଦିଗ ପ୍ରତି ବିଶେଷ ଧ୍ୟାନ ଦେବାକୁ ପଡିଥାଏ। ପ୍ରତ୍ୟେକ ଦିଗର ଭିନ୍ନ ଭିନ୍ନ ମହ□ ରହିଛି। ଦିଗର ମହ□ ଜାଣିବା ପରେ ହିଁ ଆମେ ଘରକୁ ବାସ୍ତୁ ଅନୁସାରେ ସଜାଡ଼ିବା ଉଚିତ ହେବ । ଫଳରେ ଘର ଭିତରେ ସକାରାତ୍ମକ ଚିନ୍ତାଧାରା ବଢିବା ସହ ନକାରାତ୍ମକ ଶକ୍ତି କମ୍ କରିପାରିବେ । ଚାଲନ୍ତୁ ଜାଣିବା ବିଶେଷକରି ପଶ୍ଚିମ ଦିଗ ବିଷୟରେ। ଏହି ଦିଗର ସ୍ୱାମୀ ବରୁଣ ଦେବ। ତାଙ୍କ ସହ ଶନିଙ୍କ ପ୍ରଭାବ ମଧ ରହିଥାଏ ଏହି ଦିଗ ଉପରେ। ଚାଲନ୍ତୁ ଦେଖିବା ପଶ୍ଚିମ ଦିଗରେ କ'ଣ ନ ରଖିବା ଦରକାର।

ରଖନ୍ତୁନି ଆକ୍ୱାରିୟମ୍: ପଶ୍ଚିମ ଦିଗରେ ଏପରି କୌଣସି ଜିନିଷ ରଖନ୍ତୁନି, ଯେଉଁଥିରେ ପାଣି ସାମିଲ୍ ରହିଥିବ। ଏହି ଦିଗରେ ଆକ୍ୱାରିୟମ୍ ବା ଫାଉଣ୍ଟେନ୍ ରଖିବା ଉଚିତ ନୁହେଁ । ନହେଁ ଘର ଭିତରେ ନକାରାତ୍ମକ ଉର୍ଜ୍ଜା ବଢିଥାଏ।

ଭଗବାନଙ୍କ ଫଟୋ ରଖନ୍ତୁନି: ପଶ୍ଚିମ ଦିଗରେ କୌଣସି ଭଗବାନଙ୍କ ଫଟୋ ବା ତାଙ୍କ ସମ୍ବନ୍ଧୀୟ ଜିନିଷ ରଖିବା ଅନୁଚିତ। ପୂଜା ପାଇଁ ରଖାଯାଉଥିବା ଭଗବାନଙ୍କ ଫଟୋ ସବୁବେଳେ ପୂଜା ଘରେ ପୂର୍ବ ଆଡକୁ ମୁହଁ କରି ରଖିବା ଉଚିତ।

ତୁଳସୀ ରଖାଯାଏନା: ପ୍ରାୟ ଲୋକ ନିଜ ଘରେ ଭିନ୍ନ ଭିନ୍ନ ପ୍ରକାରର ଗଛ ଲଗାଇବାକୁ ଭଲ ପାଇଥାନ୍ତି । କିନ୍ତୁ ପଶ୍ଚିମ ଦିଗରେ କେବେ ବି ତୁଳସୀ ଗଛ ରଖିବା ଅନୁଚିତ । ବାସ୍ତୁ ଅନୁସାରେ ତୁଳସୀ ଗଛ ସର୍ବଦା ପୂର୍ବ ଦିଗ ଆଡ଼କୁ ରଖିବା ଦରକାର ।

ବଡ଼ ଝରକା ରଖନ୍ତୁନି: ଘରକୁ ବାୟୁ ଚଳାଚଳ କରିବା ପାଇଁ ବଡ଼ ବଡ଼ ଝରକା ରଖିବା ଉଚିତ କିନ୍ତୁ ପଶ୍ଚିମ ଦିଗରେ ଝରକା ବା କବାଟ ରଖିବା ଅନୁଚିତ। ଯଦି ବଡ଼ ଝରକା ରହିଥାଏ, ତେବେ ଏହାକୁ ପରଦା ଦେଇ ବନ୍ଦ କରିଦିଅନ୍ତୁ ।

କରନ୍ତୁନି ପିଲାଙ୍କ ପଢାଘର: ଆଜିକାଲି ସମସ୍ତଙ୍କ ଘରେ ପିଲାଙ୍କ ପଢିବା ପାଇଁ ଗୋଟିଏ ଲେଖାଁଏ ପଢା ଘର ରହୁଛି । ତେବେ ଏହି ପଢା ଘରକୁ ମଧ ପଶ୍ଚିମ ଦିଗରେ ରଖିବା ଅନୁଚିତ। ପଢା ଘର ସବୁବେଳେ ପୂର୍ବ ଦିଗରେ କରନ୍ତୁ, ଯାହା ପିଲାଙ୍କ ପାଇଁ ତଥା ଘର ପାଇଁ ଭଲ ହୋଇଥାଏ ।

# ମହିଳାମାନଙ୍କ ଶୃଙ୍ଗାର ମଧ୍ୟରୁ ଚୁଡ଼ିର ମହତ୍ୱ





ମହିଳାମାନଙ୍କ ଶୃଙ୍ଗାର ମଧ୍ୟରୁ ଚୁଡ଼ି ଏକ ମୁଖ୍ୟ ଶୃଙ୍ଗାର ଦ୍ରବ୍ୟ ଅଟେ। ମାତ୍ର ଏହା କେବଳ ସୌନ୍ଦର୍ଯ୍ୟ ଓ ଶୃଙ୍ଗାର ପାଇଁ ନୁହେଁ ବରଂ ଉତମ ସ୍ୱାସ୍ଥ୍ୟ ପାଇଁ ଏହା ଖୁବ ଲାଭଦାୟକୟ।

ମାନସିକ ସନ୍ତୁଳନ:
ଚୁଡ଼ି ପିନ୍ଧିବା ଦ୍ୱାରା ମହିଳାଙ୍କର ମାନସିକ ସନ୍ତୁଳନ ସଠିକ ରହିଥାଏ। ବୈଜ୍ଞାନିକଙ୍କ ମତାନୁଯାୟୀ କାଚ ଚୁଡ଼ି ମଧ୍ୟରୁ ହେଉଥିବା ଶବ୍ଦ ବାତାବରଣରେ ଥିବା ନକରାତ୍ମକ ଶକ୍ତିକୁ ନଷ୍ଟ କରିଥାଏ। ଏହାସହ ଚୁଡ଼ି ବାତାବରଣରେ ସକରାତ୍ମକ ଶକ୍ତି ସଂଚାର କରିଥାଆନ୍ତି।

ଥକ୍କାପଣ ଦୂର କରିଥାଏ :
ଚୁଡ଼ି ଯୋଗୁଁ ସୃଷ୍ଟି ହେଉଥିବା ଘର୍ଷଣ ଦ୍ୱାରା ଶରୀରରେ ଶକ୍ତି ସୃଷ୍ଟି ହୋଇଥାଏ। ଯାଦ୍ୱାରା ମହିଳାମାନେ ଶୀଘ୍ର ଥକ୍କାପଣ ଅନୁଭବ କରନ୍ତି ନାହିଁ।

ଶ୍ୱାସ ରୋଗ:
ସୁନା ଓ ରୂପା ଚୁଡ଼ି ପିନ୍ଧିବା ଦ୍ୱାରା ମଧ ଏଥିରେ ଥିବା ଧାତୁ ଶରୀର ପାଇଁ ଖୁବ ଉପକାରୀ ହୋଇଥାଏ। ହସ୍ତରେ ସୁନା, ରୂପା , କାଚ ଆ।ଦି ଚୁଡ଼ି ଧାରଣ କରିବା ଦ୍ୱାରା ମହିଳାମାନଙ୍କର ଶ୍ୱାସ, ହୃଦ ରୋଗ ହେବାର ସମ୍ଭାବନା ଖୁବ କମ ଥାଏ।

ହରମୋନ ସନ୍ତୁଳନ କରିଥାଏ :
ଚୁଡ଼ି ପିନ୍ଧିବା ଦ୍ୱାରା ମହିଳାଙ୍କ ଶରୀରରେ ହରମୋନ ସଠିକ ସ୍ତରରେ କ୍ଷରଣ ହୋଇଥାଏ।

ରକ୍ତ ପ୍ରବାହ :
ଚୁଡ଼ି ପିନ୍ଧିବା ଦ୍ୱାରା ଏହା ହସ୍ତରେ ଘର୍ଷଣ ହୋଇ ହାତରେ ରକ୍ତ ସଂଚାଳନ ସୂଚାରୁ ରୂପେ କରିଥାଏ।



# ଖଟରେ ବସି କରନ୍ତୁ ନାହିଁ ଭୋଜନ

ଆଧୁନିକ ଜୀବନଶୈଳୀରେ ଅନେକ ସମୟରେ ଆମେ ଖାଦ୍ୟ ଖାଇବା ନୀତିନିୟମରେ ପରିବର୍ତ୍ତନ କରିଥାଉ। ପ୍ରଥମେ ଲୋକେ ଚଟାଣରେ ଆସନ ପକାଇ ଭୋଜନ କରୁଥିଲେ। ଖାଦ୍ୟ ଖାଇବା ସମୟରେ ଅନ୍ୟ କାହା ସହ କଥାବାର୍ତ୍ତା ମଧ କରୁନଥିଲେ। ଜ୍ୟୋତିଷଙ୍କ ମତାନୁଯାୟୀ, ଖାଦ୍ୟ ଖାଇବାର ଅଭ୍ୟାସ ଓ ପ୍ରଣାଳୀ ଆମ ଗ୍ରହଙ୍କ ଉପରେ ପ୍ରଭାବ ପକାଇଥାଏ। ଜାଣନ୍ତୁ.



■ ଖଟରେ ବସି କଦାପି ଭୋଜନ କରନ୍ତୁ ନାହିଁ। ଏହାଦ୍ୱାରା ଅନ୍ନର ଅବମାନନା ହୋଇଥାଏ। ରାହୁଙ୍କ କୁପ୍ରଭାବ ପଡ଼ିଥାଏ।

■ ଭୋଜନ କରିବା ସମୟରେ ଟିଭି ଦେଖନ୍ତୁ ନାହିଁ। ବହି ପଢନ୍ତୁ ନାହିଁ। ଏପରି କରିବା ଦ୍ୱାରା ଶ୍ୱାସନଳୀ ମଧ୍ୟରେ ଭୋଜନର ଅଂଶ ଯିବାର ଅଧିକ ସମ୍ଭାବନା ରହିଥାଏ।

■ଖାଦ୍ୟ ଖାଇବା ପୂର୍ବରୁ ହାତ ଓ ଗୋଡ଼ ଭଲ ଭାବେ ଧୁଅନ୍ତୁ। ଶୀଘ୍ର ଶୀଘ୍ର ଖାଦ୍ୟ ଖାଆନ୍ତୁ ନାହିଁ।

■ ଖାଦ୍ୟ ଖାଇବାର ସଙ୍ଗେ ସଙ୍ଗେ ପାଣି ପିଅନ୍ତୁ ନାହିଁ। ଅତି ଆବଶ୍ୟକ ହେଲେ ସାମାନ୍ୟ ପିଇପାରିବେ।

■ସର୍ବଦା ବସିବା ଅବସ୍ଥାରେ ଭୋଜନ କରନ୍ତୁ। ଖାଦ୍ୟ ଖାଇବାର ୪୦ ମିନିଟ ପରେ ପାଣି ପିଅନ୍ତୁ।

■ଭୋଜନ କରିବା ପରେ କିଛି ଲୋକେ ଥାଳିରେ ହିଁ ହାତ ଧୋଇଦିଅନ୍ତି। ଏହାଦ୍ୱାରା ମା'ଲକ୍ଷ୍ମୀଙ୍କ ଅବମାନନା ହୋଇଥାଏ। ଚନ୍ଦ୍ର ଓ ଶୁକ୍ରଙ୍କର କୁପ୍ରଭାବ ପଡ଼ିଥାଏ। ଘରୁ ସୁଖ-ସମୃଦ୍ଧି ହ୍ରାସ ପାଇଥାଏ।

■ ଖାଦ୍ୟ ଖାଇବା ପରେ ଥାଳିରେ ବଳକା ଖାଦ୍ୟ ଛାଡ଼ନ୍ତୁ ନାହିଁ। ଖାଦ୍ୟ ଖାଇବା ସମୟରେ ପ୍ରଥମେ ଏହାକୁ ମସ୍ତକରେ ଲଗାଇ ଭୋଜନ କରନ୍ତୁ।

■ ଭୋଜନ କରିବା ସମୟରେ ପୂର୍ବ ଦିଗକୁ ମୁହଁ କରି ଭୋଜନ କରନ୍ତୁ।

# ଡେଙ୍ଗୁ ଓ ଭେକ୍ଟର ବାହିତ ରୋଗ ନିୟନ୍ତ୍ରଣ ସଂପର୍କରେ ମୁଖ୍ୟ ସଚିବଙ୍କ ସମୀକ୍ଷା

ଭୁବନେଶ୍ୱର,୧୧।୭ (ମହାଭାରତ): ରାଜ୍ୟରେ ଡେଙ୍ଗୁ ଏବଂ ଅନ୍ୟାନ୍ୟ ଭେକ୍ଟର ବାହିତ ରୋଗ ନିୟନ୍ତ୍ରଣ ସଂପର୍କରେ ବ୍ୟପକ ଜନ ସଚେତନତା ପାଇଁ ପ୍ରସ୍ତୁତି ସଂପର୍କରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଆଜି ଅପରାହ୍ଣରେ ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟଶାସନ ସଚିବ ଅନୁ ଗର୍ଗ, କୃଷି ଓ କୃଷକ ସଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ଡଃ.ଅରବିନ୍ଦ କୁମାର ପାଢ଼ୀ, ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା , ସ୍ୱାସ୍ଥ୍ୟ ବିଭାଗ କମିଶନର ତଥା ଶାସନ ସଚିବ ଶାଳିନୀ ପଣ୍ଡିତ, ଅନୁସୂଚିତ ଜନଜାତି , ଅନୁସୂଚିତ ଜାତି, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ କମିଶନର ତଥା ଶାସନ ସଚିବ ରୂପା ରୋଶନ ସାହୁ, ଇଡକୋର ପରିଚାଳନା ନିର୍ଦ୍ଦେଶକ





ଭୁପେନ୍ଦ୍ର ସିଂ ପୁନିଆଙ୍କ ସମେତ ସଂପୃକ୍ତ ବିଭିନ୍ନ ବିଭାଗର ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ। ବୈଠକରେ ବିଭିନ୍ନ ମହାନଗର ନିଗମର କମିଶନର ମାନେ ଆଭାସୀ ବ୍ୟବସ୍ଥା ମାଧ୍ୟମରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

ବୈଠକରେ ମୁଖ୍ୟ ଶାସନ ସଚିବ ରାଜ୍ୟର ବିଭିନ୍ନ ଜିଲ୍ଲା, ସମସ୍ତ ମହାନଗର ନିଗମ ଓ ଗ୍ରାମାଞ୍ଚଳରେ ଡେଙ୍ଗୁ ରୋଗର ସ୍ଥିତି ସଂପର୍କରେ ସମୀକ୍ଷା କରିବା ସହ ଏହି ରୋଗ ନ ବ୍ୟାପିବା ପାଇଁ କି କି ପଦକ୍ଷେପ ନିଆଯାଇଛି ସେ ସଂପର୍କରେ ସବିଶେଷ ସମୀକ୍ଷା କରି ଏଥି ନିମନ୍ତେ ସଂପୃକ୍ତ ବିଭାଗ ତରଫରୁ ସଚେତନତା କାର୍ଯ୍ୟକ୍ରମ ଜାରି ରଖିବାକୁ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଥିଲେ। ରାଜ୍ୟରେ ଡେଙ୍ଗୁ ନିୟନ୍ତ୍ରଣ ପାଇଁ ରାଜ୍ୟସ୍ତରରେ ଆକ୍ସନପ୍ଲାନ୍ ଓଏସଓପି ରହିଛି। ଆକ୍ସନପ୍ଲାନ୍ ଅନୁସାରେ କାର୍ଯ୍ୟ କରିବା ସହ ଏସଓପି ଅନୁପାଳନକୁ ଗୁରୁତ୍ୱ ଦେବାକୁ ମୁଖ୍ୟ ଶାସନ ସଚିବ ଗୁରୁତ୍ୱ ଦେଇଛନ୍ତି।

ବୈଠକରେ ସ୍ୱାସ୍ଥ୍ୟ ବିଭାଗ ଶାସନ ସଚିବ ରାଜ୍ୟରେ ଡେ଼ଙ୍ଗୁରୋଗର ସ୍ଥିତି ସଂପର୍କରେ ସୂଚନା ଦେଇ ତଥ୍ୟ ଉପସ୍ଥାପନ କରିଥିଲେ। ଖୋର୍ଦ୍ଧା ଜିଲ୍ଲାରେ ଅଦ୍ୟାବଧି ୧୨୫ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି। ତନ୍ମଧ୍ୟରୁ ୭୪ ଟି ଭୁବନେଶ୍ୱର ମହାନଗର ନିଗମ ଅଂଚଳର। ଏହି ପରିପ୍ରେକ୍ଷୀରେ ମୁଖ୍ୟଶାସନ ସଚିବ ବ୍ୟାପକ ସୂଚନା, ଶିକ୍ଷା ଓ ଯୋଗାଯୋଗ (ଆଇଇସି) କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ ଦେଇଛନ୍ତି। ସୂଚନା ଓ ଲୋକସଂପର୍କ ବିଭାଗ ତରଫରୁ ୟୁଟ୍ୟୁବ୍ ବ୍ୟବହାର ସମେତଅନ୍ୟ ସାମାଜିକ ଗଣମାଧ୍ୟମ,ସ୍ୱାସ୍ଥ୍ୟ ବିଭାଗର ସୋସିଆଲ ମିଡିଆ , ମୁଦ୍ରଣ, ବୈଦ୍ୟୁତିକ ଗଣମାଧ୍ୟମ ଆଦି ବ୍ୟବହାର ଜରିଆରେ ବ୍ୟାପକ ପ୍ରଚାର ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଛି। ବୈଠକରେ ବିଭିନ୍ନ ବିଭାଗ ତରଫରୁ ଡେଙ୍ଗୁ ସଚେତନତା କାର୍ଯ୍ୟକ୍ରମ କରାଯାଉଥିବା ସଂପର୍କରେ ଉପସ୍ଥାପନ କରାଯାଇଥିଲା। ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ତରଫରୁ ସମସ୍ତ ବିଜ୍ଞାପିତ ଅଂଚଳ ମ୍ୟୁନସିପାଲିଟି ଓ ମହାନଗର ନିଗମ ଅଂଚଳରେ ବିଭିନ୍ନ ଗୋଷ୍ଠୀ ସହ ଯୋଗିତାରେ ସହରାଂଚଳ ଟ୍ୟାକ୍ସଫୋର୍ସ ଟିମ ଗଠନ କରିବାକୁ ଗୁରୁତ୍ୱ ଦିଆଯିବା, କଠିନ ବର୍ଜ୍ୟବସ୍ତୁ ପରିଚାଳନା ସହ ପଡି ରହୁଥିବା ପ୍ଲାଷ୍ଟିକ ବ୍ୟାଗ୍, କପ୍, ନଡିଆ। କତା ଆଦିକୁ ହଟାଇବା ଏବଂ ସଚେତନତା ଉପରେ ଗୁରୁତ୍ୱ ଦିଆଯାଉଛି।

## ବଡ ଠାକୁର ପଡ଼ିଯିବା ଘଟଣାକୁ ସାମାନ୍ୟ କହିବା ଦୁର୍ଭାଗ୍ୟ ଜନକ : କଂଗ୍ରେସ

ଭୁବନେଶ୍ୱର,୧୧।୭ (ମହାଭାରତ): ଚଳିତ ରଥ ଯାତ୍ରାର ପ୍ରଥମ ଦିନରେ ଜଣେ ଭକ୍ତ ଙ୍କ ମୃତ୍ୟୁ ଓ ଶତାଧିକ ଆହତ ହେବା ଅତ୍ୟନ୍ତ ଦୁର୍ଭାଗ୍ୟ ଜନକ। ସେହି ପରି ଦିତ୍ୱୀୟ ଦିନରେ ବଳଭଦ୍ର ଠାକୁର ଚରମାଳ ଉପରେ ହାମୁଡ଼େଇ ପଡ଼ିବା କୋଟି କୋଟି ଜଗନ୍ନାଥ ପ୍ରେମୀ ଭକ୍ତଙ୍କୁ ଗଭୀର ମାନସିକ ଆଘାତ ଦେଇଛି। ଏହା ଦୁର୍ଭାଗ୍ୟ ଜନକ। ମାତ୍ର ତାହା ଠାରୁ ଆହୁରି ଦୁର୍ଭାଗ୍ୟ ଜଣକ ହେଉଛି, ଏହି ଘଟଣା କୁ ସାମାନ୍ୟ ବା ମାମୁଲି ବୋଲି ରାଜ୍ୟର ଉପ ମୁଖ୍ୟମନ୍ତ୍ରୀ ଓ ଆଇନ ମନ୍ତ୍ରୀ ଗଣ ମାଧ୍ୟମରେ କହିବା କଂଗ୍ରେସ ଦଳ ଏହା କୁ ନେଇ ଆଜି ଏକ ସାମ୍ବାଦିକ ସମ୍ମିଳନୀ ରେ ଦୃଢ଼ ପ୍ରତିବାଦ କରିବା ସହିତ ତଦନ୍ତ କମିଶନ ବସାଇ ଦୁର୍ଘଟଣା ପଛର ପ୍ରକୃତ ରହସ୍ୟ କୁ ଲୋକଙ୍କ ସାମ୍ନାକୁ ଆଣିବା ପାଇଁ ଦାବି କରିଛି। ଆଜି କଂଗ୍ରେସ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀ କୁ ସମ୍ବୋଧିତ କରି ଦଳର ଉପସଭାପତି ଶିବାନନ୍ଦ ରାୟ ବିଜେପି ସରକାର ଉପରେ ବର୍ଷି ଥିଲେ। ରଥ ଯାତ୍ରା ର ପ୍ରଥମ ଦିନ ରେ ଜଣେ ଭକ୍ତ ଙ୍କ ମୃତ୍ୟୁହେବା ଓ ଶତାଧିକ ଆହତ ହେବା ଏକ ଅଶୁଭ ଲକ୍ଷଣ। କାହିଁକି ଏହା ଘଟିଲା, କିଏ ଏଥିପାଇଁ ଦାୟୀ, କାହାର ଅବହେଳା ଏଠାରେ ରହିଛି – ଏସବୁର ତଦନ୍ତ ହେବା ଆବଶ୍ୟକ। ତଦନ୍ତ କମିଶନ ବସାଇ ପ୍ରକୃତ ସତ୍ୟକୁ ଲୋକ ଲୋଚନ କୁ ଆଣିବାକୁ କଂଗ୍ରେସ ଦାବି କରୁଛି ବୋଲି ଶ୍ରୀ ରାୟ କହିଥିଲେ। ଦଳର ବରିଷ୍ଠ ପ୍ରବକ୍ତା ମନୋରଞ୍ଜନ ଦାସ କହିଲେ ଯେ ପହଣ୍ଡି ସମୟରେ ବଡ଼ ଠାକୁର ହାମୁଡ଼େଇ ପଡ଼ିବା ଏକ ଅତି ସମ୍ବେଦନଶୀଳ ଘଟଣା , ଯାହାକି ଦେଶ ଏବଂ ଦେଶ ବାହାରେ ଥିବା କୋଟି କୋଟି ଭକ୍ତଙ୍କୁ ଗଭୀର ମାନସିକ ଆଘାତ ଦେଇଛି। ଏହା ଏକ ବିରଳ ଘଟଣା, ଯାହା ଅତୀତରେ କେବେ ଦେଖା ଯାଇନଥିଲା।

# କ୍ୟାପିଟାଲ୍ ହସ୍ପିଟାଲରେ ୨ଗୁଣ ଡେଙ୍ଗୁ ଟେଷ୍ଟ ବୃଦ୍ଧି

ଭୁବନେଶ୍ୱର,୧୧।୭ (ମହାଭାରତ): ରାଜଧାନୀରେ ବଢ଼ିଲେଣି ଡେଙ୍ଗୁ ରୋଗୀଙ୍କ ସଂଖ୍ୟା। ଆଜି ସୁଦ୍ଧା କ୍ୟାପିଟାଲ ହସ୍ପିଟାଲରେ ୯୮ ଜଣ ରୋଗୀ ଡେଙ୍ଗୁ ପରୀକ୍ଷା କରାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୮ ଜଣ ରୋଗୀ ଚିହ୍ନଟ ହୋଇଛନ୍ତି। ଏହାବାଦ କ୍ୟାପିଟାଲ ହସ୍ପିଟାଲରେ ଡେଙ୍ଗୁ ରୋଗୀଙ୍କ ପାଇଁ ଥିବା ସ୍ୱତନ୍ତ୍ର ୱାର୍ଡ଼ରେ ଏବେ ୪ ଜଣ ଗୁରୁତର ରୋଗୀ ଭର୍ତ୍ତି ହୋଇ ଚିକିତ୍ସିତ ହେଉଛନ୍ତି। ସେମାନଙ୍କ ଅବସ୍ଥା ସ୍ଥିର ରହିଛି। ରାଜଧାନୀରେ ଡେଙ୍ଗୁକୁ ଆଖି ଆଗରେ ରଖି କ୍ୟାପିଟାଲ ହସ୍ପିଟାଲରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ପୂର୍ବରୁ ୨୦ଟି ଶଯ୍ୟା ରହିଥିବା ବେଳେ ଏହାକୁ ଦୁଇଗୁଣ ବୃଦ୍ଧି କରାଯାଇଛି। ଆବଶ୍ୟକ ହେଲେ ଆହୁରି ଶଯ୍ୟା ସଂଖ୍ୟା ବୃଦ୍ଧି କରାଯିବ। ଅତ୍ୟାବଶ୍ୟକ ପଡ଼ିଲେ ବାରଣ୍ଡାରେ ଅସ୍ଥାୟୀ ଶଯ୍ୟା ପକାଯାଇ ରୋଗୀ ଚିକିତ୍ସା କରାଯିବ। ଏହାସହ ରକ୍ତ ଭଣ୍ଡାରରେ ରକ୍ତ ମହଜୁଦ ରଖାଯାଇଛି। ରୋଗୀଙ୍କ ପାଇଁ ଅବଶ୍ୟକୀୟ ମଶାରୀ ସହ ଔଷଧ ଓ ଅନ୍ୟ ଆନୁଷଙ୍ଗୀକ ବ୍ୟବସ୍ଥା କରାଯାଇଛି। ଟେଷ୍ଟିଂ କିଟ୍ ମଧ୍ୟ ମହଜୁଦ ରଖା ଯାଇଥିବା କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକ ଡା ଦିଲ୍ଲୀପ କୁମାର ପଣ୍ଡା କହିଛନ୍ତି।

ଏବେ କେବଳ କ୍ୟାପିଟାଲ ହସ୍ପିଟାଲରେ ଆଲିସା ଟେଷ୍ଟ କରାଯାଉଛି। ରାଜଧାନୀରେ ଅନ୍ୟ କେଉଁଠି ଏହି ଟେଷ୍ଟ କରାଯାଉନାହିଁ। ଆଲିସା ଟେଷ୍ଟରେ ହିଁ ସଠିକ ଭାବେ ଡେଙ୍ଗୁ ହୋଇଛି କି ନାହିଁ ଜଣାପଡ଼େ। ପୂର୍ବରୁ କ୍ୟାପିଟାଲ ହସ୍ପିଟାଲରେ ମାତ୍ର ୫୦ଟି ଲେଖାଏଁ ଟେଷ୍ଟ ହେଉଥିବା ବେଳେ ଆଜି ଏହାକୁ ଦୁଇଗୁଣ ବାଢ଼ି ଦିଆଯାଇଛି। ଆଜି ୯୮ ଜଣ ଡେଙ୍ଗୁ ଟେଷ୍ଟ କରିଥିବା ବେଳେ ୮ଜଣ ପଜେଟିଭ ଚିହ୍ନଟ ହୋଇଛନ୍ତି। ଏହାବାଦ କ୍ୟାପିଟାଲ ହସ୍ପିଟାଲକୁ ଭୁବନେଶ୍ୱରରୁ କମ ବାହାରୁ ଅଧିକ ଡେଙ୍ଗୁ ରୋଗୀ ଆସୁଥିବା ଶ୍ରୀ ପଣ୍ଡା କହିଛନ୍ତିୟ ନୟାଗଡ଼, ପିପିଲି, ଖୋର୍ଦ୍ଧା, କଟକ ଆଡୁ ମଧ୍ୟ ରୋଗୀ ଆସି ଚିକିତ୍ସିତ ହେଉଛନ୍ତି। ଏବେ ସ୍ଥିତି ନିୟନ୍ତ୍ରଣରେ ରହିଛି।

ପୂର୍ବ ବର୍ଷ ଜୁଲାଇ, ଅଗଷ୍ଟ, ସେପ୍ଟେମ୍ବର ମାସରେ ଅଧିକ ଡେଙ୍ଗୁ ରୋଗୀ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେୟ ଭୁବନେଶ୍ୱରରେ ମଧ୍ୟ ସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲିଯାଇଥିଲା। ଏପରିକି ଦିନକୁ ୧୦୦ ରୁ ଅଧିକ ଡେଙ୍ଗୁ ରୋଗୀ କ୍ୟାପିଟାଲ ହସ୍ପିଟାଲରେ ଚିହ୍ନଟ ହୋଇ ଚିକିତ୍ସିତ ହେଉଥିଲେ। ତେଣୁ ଏଥର ବିଏମସି ପକ୍ଷରୁ ମଧ୍ୟ ଏବେ ଠାରୁ ଡେଙ୍ଗୁ ମୁକାବିଲା ପାଇଁ ପ୍ରସ୍ତୁତି କରାଯାଇଛି।

# କିସ୍ ଓ ଏଭିଏନ୍‌ଏଲ୍ ମଧ୍ୟରେ ବୁଝାମଣା ସ୍ୱାକ୍ଷରିତ

ଭୁବନେଶ୍ୱର,୧୧।୭ (ମହାଭାରତ): କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ୍ ସାଇନ୍‌ସେସ୍ (କିସ୍) ଓ ଆର୍ମୋର୍ଡ଼ ଭାଇକିଲସ୍ ନିଗମ ଲିମିଟେଡ଼ (ଏଭିଏନ୍‌ଏଲ୍) ମଧ୍ୟରେ ଏକ ବୁଝାମଣାପତ୍ର ଆଜି ସ୍ୱାକ୍ଷରିତ ହୋଇଛି। କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଉପସ୍ଥିତିରେ କିସ୍ ପକ୍ଷରୁ କିସ୍ ବିଶ୍ୱବିଦ୍ୟାଳୟ କୁଳସଚିବ ଡ଼. ପ୍ରଶାନ୍ତ କୁମାର ରାଉତରାୟ ଓ ଏଭିଏନ୍‌ଏଲ୍ ପକ୍ଷରୁ ଏହାର ମାନବସମ୍ବଳ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଟ୍ଟନାୟକ ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ। ଆର୍ମୋର୍ଡ଼ ଭାଇକିଲ୍‌ସ୍ ନିଗମ ଲିମିଟେଡ଼ (ଏଭିଏନ୍‌ଏଲ୍) ହେଉଛି ଭାରତ ସରକାରଙ୍କ ପ୍ରତିରକ୍ଷା ମନ୍ତ୍ରାଳୟର ଡ଼ିଫେନ୍‌ସ ପ୍ରଡ଼କ୍‌ସନ୍ ବିଭାଗ ଅଧିନରେ ଥିବା ଏକ ନିଗମ। ଏହି ବୁଝାମଣା ଅନୁଯାୟୀ ଉଭୟ କିସ୍ ଓ ଏଭିଏନ୍‌ଏଲ୍ ଶିକ୍ଷା, ଗବେଷଣା, ତାଲିମ, କନ୍‌ସଲ୍‌ଟାନ୍‌ସି, ଆଡ଼ଭାଇଜରୀ ଏବଂ କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର୍) ଆଦି କ୍ଷେତ୍ରରେ ମିଳିତ ଭାବେ କାର୍ଯ୍ୟ କରିବେ। ଉଭୟ ଅନୁଷ୍ଠାନ ଗ୍ରାମାଞ୍ଚଳ ଓ ଅନୁନ୍ନତ ଅଞ୍ଚଳରେ ସ୍ୱାସ୍ଥ୍ୟ ଶିବିର,





ଶୈକ୍ଷିକ କର୍ମଶାଳା, ଧନ୍ଦାମୂଳକ ତାଲିମ ଏବଂ ପରିବେଶ ସୁରକ୍ଷା ଆଦି କମ୍ୟୁନିଟି ଆଉଟ୍‌ରିଚ୍ ଓ ସିଏସ୍‌ଆର କାର୍ଯ୍ୟକ୍ରମ କରିବେ। ଏଭିଏନ୍‌ଏଲ କିସ୍‌ରେ ପାଠ ପଢୁଥିବା ମେଧାବୀ ଛାତ୍ରଛାତ୍ରୀଙ୍କୁ ବୃତ୍ତି ପ୍ରଦାନ କରିବା ସହ କିସ୍‌ର ଜାତୀୟ ଓ ଅନ୍ତର୍ଜାତୀୟ କ୍ରୀଡ଼ାବିତ୍‌ଙ୍କୁ ସହଯୋଗ ନିମନ୍ତେ ଆର୍ଥିକ ସହାୟତା ସମେତ ଏଭିଏନ୍‌ଏଲ୍‌ର ସିଏସ୍‌ଆର ନୀତି ଅନୁଯାୟୀ ଉଭୟ କିସ୍ ଓ ଏଭିଏନ୍‌ଏଲ୍ ବିଭିନ୍ନ ପ୍ରକାର ସିଏସ୍‌ଆର୍ କାର୍ଯ୍ୟକ୍ରମ ମିଳିତ ଭାବେ କରିବେ। ପ୍ରତିରକ୍ଷା ଓ ଅଟୋମେଟିଭ୍ କ୍ଷେତ୍ରରେ କିସ୍ ଓ କିଟ୍ କିସ୍ ଛାତ୍ରଛାତ୍ରୀଙ୍କ ନିଯୁକ୍ତି ସୁଯୋଗ ବୃଦ୍ଧି ଲକ୍ଷ୍ୟରେ କିସ୍ ଓ ଏଭିଏନ୍‌ଏଲ୍ ସାଧରଣ ଶ୍ରମଭିତ୍ତିକ ତାଲିମଠାରୁ ଆରମ୍ଭ କରି ଅତ୍ୟାଧୁନିକ ଇଞ୍ଜିନିୟରିଂ ପାଠ୍ୟକ୍ରମରେ ଦକ୍ଷତା ବିକାଶ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବେ।

କିସ୍ ଓ ଏଭିଏନ୍‌ଏଲ୍ ମିଳିତଭାବେ ଯୁଗ୍ମ ଗବେଷଣା ଓ ବିକାଶ କେନ୍ଦ୍ର ପ୍ରତିଷ୍ଠା କରିବା ସହ ଇନ୍‌କ୍ୟୁବେସନ୍ ସେଲ୍ ଖୋଲିବେ। ଏହା ବ୍ୟତୀତ ଉଭୟ ଅନୁଷ୍ଠାନ ମିଳିତ ଭାବେ ଯୁଗ୍ମ ଗବେଷଣା ପ୍ରକଳ୍ପ କାର୍ଯ୍ୟକାରୀ କରିବେ। ଗବେଷଣା ପାଠ୍ୟକ୍ରମ ପାଇଁ ବିଭିନ୍ନ ବିଭିନ୍ନ ବିଷୟରେ ସ୍ନାତକୋତ୍ତର କରୁଥିବା ଛାତ୍ରଛାତ୍ରୀଙ୍କୁ ପଞ୍ଜୀକରଣ କରିବେ। ଯେଉଁ ଗବେଷଣାରତ ଛାତ୍ରଛାତ୍ରୀମାନେ ଅନ୍ୟ କୌଣସି ଅନୁଷ୍ଠାନରୁ ବୃତ୍ତି ପାଉ ନ ଥିବେ ସେମାନଙ୍କୁ ଏଭିଏନ୍‌ଏଲ୍ ପକ୍ଷରୁ ସର୍ବାଧିକ ୪ବର୍ଷ ପାଇଁ ବୃତ୍ତି ପ୍ରଦାନ କରାଯିବ। ଏହି ବୁଝାମଣାପତ୍ର ଅନୁଯାୟୀ କିସ୍ ଓ ଏଭିଏନ୍‌ଏଲ୍‌ର କର୍ମଚାରୀଙ୍କୁ ସେମାନଙ୍କର ଦକ୍ଷତା ଓ ଜ୍ଞାନର ବିକାଶ ନିମନ୍ତେ ମିଳିତ ଭାବେ କିମ୍ବା ବ୍ୟକ୍ତିଗତ ଭାବେ ୧ରୁ ୪ ସପ୍ତାହ ପର୍ଯ୍ୟନ୍ତ ସ୍ୱଳ୍ପ ଅବଧି ତାଲିମ ପ୍ରଦାନ କରାଯିବାର କାର୍ଯ୍ୟକ୍ରମ ରହିଛି। ଏହି ବୁଝାମଣା ପାଇଁ ପ୍ରତିଷ୍ଠାତା ଶ୍ରୀ ସାମନ୍ତ ଏଭିଏନ୍‌ଏଲ୍‌କୁ କୃତଜ୍ଞତା ଜଣାଇଛନ୍ତି।

# ୩୦ ଜଣ ଯାନଚାଳକଙ୍କୁ ଜାପାନରେ ନିଯୁକ୍ତି

ଭୁବନେଶ୍ୱର,୧୧।୭ (ମହାଭାରତ): ବିଦେଶରେ ରୋଜଗାରର ସୁଯୋଗ ପାଇବାରେ ଓଡିଶାର କୁଶଳୀ ଯାନଚାଳକମାନେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ଜଣେ ମହିଳାଙ୍କୁ ସମେତ ଓଡ଼ିଶାର ୩୦ ଜଣ ଯାନଚାଳକ ଖୁବ୍ ଶୀଘ୍ର ଜାପାନରେ ଅଧିକ ବେତନ ଓ ସୁବିଧା ଥିବା ନିଯୁକ୍ତି ପାଇବାକୁ ଯାଉଛନ୍ତି। ଆଜି ଖାରବେଳ ଭବନରେ ଆୟୋଜିତ ବିଦେଶରେ ସୁବାହକଙ୍କ ନିଯୁକ୍ତି କାର୍ଯ୍ୟକ୍ରମରେ ବାଣିଜ୍ୟ ଏବଂ ପରିବହନ, ଇସ୍ପାତ ଏବଂ ଖଣି ବିଭାଗ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଏହି ସଫଳ ଯାନଚାଳକମାନଙ୍କୁ ସମ୍ମାନିତ କରିବା ସହ ଶୁଭେଚ୍ଛା ଜଣାଇଛନ୍ତି।

ମନ୍ତ୍ରୀ ଶ୍ରୀ ଜେନା କହିଛନ୍ତି ଯେ ଉତ୍ତମ ବ୍ୟବହାର, ଜିରୋ କାଜୁଆଲିଟି



ଓ ନିରାପତ୍ତା ଯାନଚାଳକମାନଙ୍କର ଆଦର୍ଶ ହେବା ଉଚିତ। ସେମାନେ ସଡ଼କ ସୁରକ୍ଷା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବେ। ବିଜେପିର ସଙ୍କଳ୍ପ ପତ୍ରରେ ଉଲ୍ଲିଖିତ ନିଯୁକ୍ତି ପ୍ରତିଶ୍ରୁତି ପାଳନ କରିବାରେ ବାଣିଜ୍ୟ ଓ ପରିବହନ ବିଭାଗ ପ୍ରଥମ କରି ସଫଳତା ହାସଲ କରିଥିବାରୁ ସେ ବିଭାଗ ଓ ରାଜ୍ୟ ପରିବହନ ପ୍ରାଧିକରଣଙ୍କୁ ସାଧୁବାଦ ଜଣାଇଥିଲେ। ଜାପାନ ଯିବା ପୂର୍ବରୁ ଏହି ଯାନଚାଳକମାନେ ବେଙ୍ଗାଲୁରୁରେ ଜାପାନୀ ଭାଷା, ସଂସ୍କୃତି ଏବଂ ନିୟମାବଳୀ ଉପରେ ତାଲିମ ନେବେ। ସେମାନଙ୍କ ପାଇଁ ପାସପୋର୍ଟ ଏବଂ ଭିସାର ମଧ୍ୟ ବ୍ୟବସ୍ଥା କରାଯିବ। ଏହି ପ୍ରକ୍ରିୟା ପାଇଁ ଯାନଚାଳକ ପିଛା ୨.୩ ଲକ୍ଷ ଟଙ୍କା ବ୍ୟୟ କରାଯାଉଛି। ମନ୍ତ୍ରୀ ଶ୍ରୀ ଜେନା ନୂତନ ଯାନଚାଳକମାନଙ୍କୁ ବିଦେଶରେ ଓଡ଼ିଶାର ପରିଚୟ ଓ ଗୌରବକୁ ଅକ୍ଷୁଣ୍ଣ ରଖିବାକୁ ପରାମର୍ଶ ଦେଇଥିଲେ।

ରାଜ୍ୟ ତଥା ଦେଶର ବିଭିନ୍ନ ପ୍ରତିଷ୍ଠିତ କମ୍ପାନୀମାନଙ୍କରେ ଯାନଚାଳକ ପାଇଁ ନିଯୁକ୍ତି ବ୍ୟବସ୍ଥା କରାଯାଇଛି। ଯାନଚାଳକମାନଙ୍କ ପାଇଁ ଏଭଳି ଅଭିନବ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାରେ ଓଡିଶା ଦେଶର ପ୍ରଥମ ରାଜ୍ୟ। ପ୍ରଥମ ପର୍ଯ୍ୟାୟରେ ଜାପାନରେ କାମ କରିବାର ସୁଯୋଗ ପାଇବା ପାଇଁ ଓଡିଶାର ୩୦ ଜଣ ଯାନଚାଳକଙ୍କୁ ଚୟନ କରାଯାଇଛି। ଜାପାନର ପ୍ରତିନିଧି ତଥା ନାଭିସ୍‌ଏଚ୍‌ଆର୍ ଦ୍ୱାରା ଆୟୋଜିତ ଏକ ଚୟନ ପ୍ରକ୍ରିୟାରେ ରାଜ୍ୟ ସରକାରଙ୍କ ଭାରୀଯାନ ତାଲିମ କେନ୍ଦ୍ରରୁ ୧୮୦ ଜଣ ଯାନଚାଳକ ଭାଗ ନେଇଥିଲେ। ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ ରାଜ୍ୟର ଚାରୋଟି ସ୍ଥାନରେ ଭାରୀଯାନ ତାଲିମ କେନ୍ଦ୍ର କାର୍ଯ୍ୟ କରୁଛି।

## ଓଡ଼ିଶାର କଳା, ସଂସ୍କୃତିକୁ ବିଶ୍ୱ ଦରବାରରେ ପହଞ୍ଚାଇବାରେ ପ୍ରଧାନମନ୍ତ୍ରୀଙ୍କ ଭୂମିକା ଅତୁଳନୀୟ : ବିଜେପି

ଭୁବନେଶ୍ୱର,୧୧।୭ (ମହାଭାରତ): ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଓଡ଼ିଶାବାସୀଙ୍କୁ ସର୍ବଦା ପ୍ରାଧାନ୍ୟ ଦେଉଛନ୍ତି। ଓଡ଼ିଶାର କଳା, ସଂସ୍କୃତି, ପରମ୍ପରାକୁ ବିଶ୍ୱଦରବାରରେ ପହଁଚାଇବାରେ ପ୍ରଧାନମନ୍ତ୍ରୀଙ୍କ ଭୂମିକା ଅତୁଳନୀୟ ବୋଲି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି। ଋଷିଆ ଗସ୍ତରେ ଯାଇଥିବା ବେଳେ ମୋଦିଙ୍କୁ ସେଠାକାର ସର୍ବୋଚ୍ଚ ନାଗରିକ ସମ୍ମାନରେ ସମ୍ମାନିତ କରାଯାଇଛି। ଏଥିପାଇଁ ପ୍ରଧାନମନ୍ତ୍ରୀଙ୍କୁ ଶ୍ରୀ ସାମଲ ଶୁଭେଚ୍ଛା ଜଣାଇଛନ୍ତି।

ଶ୍ରୀ ସାମଲ କହିଛନ୍ତି, ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଋଷରେ ଯେଉଁ ସମ୍ମାନ ମିଳିଛି ସେଥିପାଇଁ ସାରା ଭାରତବାସୀ ଗର୍ବିତ। ଏହା ପୂର୍ବରୁ ମୋଦିଜୀ ଆମେରିକା ସଂସଦରେ ୨ ଥର ବକ୍ତବ୍ୟ ଦେବାର ସୌଭାଗ୍ୟ ଲାଭ କରିଛନ୍ତି। ସେ ଫ୍ରାନ୍ସ, ଇଜିପିଟ୍, ଭୁଟାନ୍, ୟୁଏଇ, ପାଲେଷ୍ଟିନ୍ ଓ ସାଉଦି ଆରବ ଆଦି ଦେଶରୁ ସର୍ବୋଚ୍ଚ ନାଗରିକ ସମ୍ମାନ ପାଇଛନ୍ତି। ଋଷିଆରେ ପ୍ରବାସୀ ଭାରତୀୟଙ୍କୁ ସମ୍ବୋଧନ ବେଳେ 'ଜୟ ଜଗନ୍ନାଥ' କହିବା କୋଟି ଓଡ଼ିଆଙ୍କ ହୃଦୟକୁ ଛୁଇଁଛି। ସେଠାରେ ସେ ପିନ୍ଧିଥିବା ସମ୍ବଲପୁରୀ ଉତରୀୟ ଦେଖାଇ ଓଡ଼ିଶାବାସୀଙ୍କୁ ସମ୍ମାନିତ କରିଛନ୍ତି। ସେ ଓଡ଼ିଶାର ରାଜନୈତିକ ପରିବର୍ତ୍ତନ ବିଷୟରେ କହିବା ସହ ବିଶ୍ୱପ୍ରସିଦ୍ଧ ରଥଯାତ୍ରାର ସଂସ୍କୃତି ଓ ପରମ୍ପରା ସମ୍ପର୍କରେ ପ୍ରବାସୀ ଭାରତୀୟଙ୍କୁ ଅବଗତ କରାଇଛନ୍ତି। ଏହା ସମଗ୍ର ଓଡ଼ିଶାବାସୀଙ୍କୁ ଗର୍ବିତ କରିଛି। ଏହା ପୂର୍ବରୁ ମଧ୍ୟ ଅନେକ ଥର ବିଦେଶଗସ୍ତ ବେଳେ ଓଡ଼ିଶାର ଐତିହ୍ୟକୁ ପ୍ରଧାନମନ୍ତ୍ରୀ ମୋଦି ସ୍ମରଣ କରିଛନ୍ତି। ୨୦୨୨ରେ ଇଣ୍ଡୋନେସିଆର ବାଲିଠାରେ ଚାଲିଥିବା ଜି-୨୦ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ମୋଦି କଟକର ବିଶ୍ୱପ୍ରସିଦ୍ଧ ବାଲିଯାତ୍ରାକୁ ସ୍ମରଣ କରିଥିଲେ। କଟକ ମହାନଦୀ କୂଳରେ ପ୍ରତିବର୍ଷ ହେଉଥିବା ବାଣିଜ୍ୟ ମେଳାକୁ ସେ ପ୍ରଶଂସା କରିଥିଲେ।

## କୋକା-କୋଲା ଇଣ୍ଡିଆ ଏବଂ ଆଇସିସି ମିଳିତ "ମେଡ଼ ଇନ ଇଣ୍ଡିଆ" ଅଭିଯାନ

ଭୁବନେଶ୍ୱର,୧୧।୭ (ମହାଭାରତ): ଯୁକ୍ତରାଷ୍ଟ୍ର ଆମେରିକା ତଥା ୱେଷ୍ଟଇଣ୍ଡିଜରେ ଅନୁଷ୍ଠିତ ଆଇସିସି ପୁରୁଷ ଟି୨୦ ବିଶ୍ୱକପ ୨୦୨୪ ଅତ୍ୟନ୍ତ ରୋମାଞ୍ଚକର ଆବେଗପୂର୍ଣ୍ଣ ପରିବେଶ ମଧ୍ୟରେ ସମାପ୍ତ ହୋଇଛି ଯେଉଁଠାରେ ଭାରତ ବାସ୍ତବରେ ବିଜୟୀ ଦଳ ଭାବରେ ପରିଚ଼ିତ ହେବା ସହିତ ଟୁର୍ଣ୍ଣାମେଂଟରେ ସମ୍ମାନଜନକ ସଫଳତା ଲାଭ କରିଛି। କୋକା-କୋଲା ଇଣ୍ଡିଆ ଏବଂ ଆଇସିସି ପୁଣି ଥରେ ଏକ ଭିନ୍ନ ଧରଣର ମନମୁଗ୍ଧକର ଭିନ୍ନତା ଆଣିବା ସହିତ ମିଳିତ ଭାବରେ କ୍ରିକେଟ ଆବେଗତା ତଥା ସ୍ଥାୟୀତ୍ୱର ପ୍ରତିଶ୍ରୁତିବଦ୍ଧତାକୁ ଧରି ରଖିପାରିଛି। ଚ଼ଳିତ ବର୍ଷର ପୁରୁଷଟି୨୦ ବିଶ୍ୱକପର ମ୍ୟାଚ଼ଗୁଡ଼ିକରେ "ମେଡ଼ ଇନ ଇଣ୍ଡିଆ" ଜାତୀୟ ପତାକା ତଥା କ୍ରିକେଟ ଫର ଗୁଡ଼ଫ୍ଲାଗ୍‌ସ ପ୍ରଦର୍ଶନ କରାଯାଇଛି ।

## ଭକ୍ତଗଣଙ୍କୁ 'ସନଫିଷ୍ଟ ସୂର୍ଯ୍ୟଳୟ' ସହିତ ଆମୋଦିତ କରୁଛି

ଭୁବନେଶ୍ୱର,୧୧।୭ (ମହାଭାରତ): ରଥ ଯାତ୍ରା ଏକ ଚିରସ୍ମରଣୀୟ କାର୍ଯ୍ୟକ୍ରମ ଯାହା ସମଗ୍ର ଦେଶରୁ ଅଗଣିତ ଭକ୍ତଙ୍କୁ ମହାପ୍ରଭୁ ଶ୍ରୀ ଜଗନ୍ନାଥ, ପ୍ରଭୁ ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କର ପ୍ରେରଣାଦାୟୀ ଏବଂ ଭବ୍ୟ ଶୋଭାଯାତ୍ରାକୁ ଉପଭୋଗ କରିବା ଏବଂ ସେଥିରେ ସାମିଲ ହେବାକୁ ଆକର୍ଷିତ କରିଥାଏ। ସୂର୍ଯ୍ୟ ଶକ୍ତି, ଜୀବନୀଶକ୍ତି ଏବଂ ଜୀବନ ପ୍ରଦାନକାରୀର ପ୍ରତୀକ ହୋଇଥିବାବେଳେ ସେ ଉଭୟ ଏହି ଉତ୍ସବ ଏବଂ ଆମ ବ୍ରାଣ୍ଡ୍ ପାଇଁ କେନ୍ଦ୍ରସ୍ଥାନ ନେଉଛନ୍ତି, କାରଣ ସନଫିଷ୍ଟ ମାରି ଲାଇଟ୍ ବିସ୍କୁଟ ସୂର୍ଯ୍ୟସ୍ନାତ ଗହମରୁ ପ୍ରସ୍ତୁତ ହେଉଛି। ଏହି ମୂଲ୍ୟବୋଧଗୁଡିକୁ ବ୍ରାଣ୍ଡ୍ ସର୍ବସମ୍ମୁଖକୁ ଆଣିବା ଆଶା କରୁଛି, ଯାହା ସମସ୍ତ ଅଂଶଗ୍ରହଣକାରୀଙ୍କ ପାଇଁ ଉତ୍ସବର ଅନୁଭୂତିକୁ ପରିବର୍ଦ୍ଧିତ କରିବ।

# ରଥଯାତ୍ରାରେ ଆରଏସ୍‌ଏସ୍‌ର ସେବାକାର୍ଯ୍ୟ



ଭୁବନେଶ୍ୱର,୧୧।୭ (ମହାଭାରତ): ପୁରୀ ରଥଯାତ୍ରାରେ ଉତ୍କଳ ବିପନ୍ନ ସହାୟତା ସମିତି ତରଫରୁ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ସଂଯୋଜନାରେ ୧୦ ପ୍ରକାର ସେବାକାର୍ଯ୍ୟ ଅନୁଷ୍ଠିତ ହୋଇ ଯାଇଛି । ଏହି ସେବାକାର୍ଯ୍ୟରେ ୧୫୦୦ ଉର୍ଦ୍ଧ୍ୱ ସ୍ୱୟଂସେବକ ନିୟୋଜିତ ଥିଲେ । ଆହତ ଓ ମୂର୍ଚ୍ଛିତମାନଙ୍କୁ ଚିକିତ୍ସାଳୟରେ ଭର୍ତି କରିବା, ଆମ୍ବୁଲାନ୍ସ ଯିବାଆସିବା ନିମନ୍ତେ ଭିଡ ଭିତରେ ଆମ୍ବୁଲାନ୍ସ ପାଇଁ ୫୦୦ ମିଟର ମାନବୀୟ ରାସ୍ତା ନିର୍ମାଣ କରିଥିଲେ ସ୍ୱୟଂସେବକ । ଯାହାଦ୍ୱାରା ରୋଗୀମାନଙ୍କୁ ଭିଡ ମଧ୍ୟରେ ରଥ ପାଖରୁ ଆମ୍ବୁଲାନ୍ସ ନିକଟରେ ସହଜରେ ପହଂଚାଯାଇ ପାରୁଥିଲା। ସଂଘ ତରଫରୁ ପ୍ରାଥମିକ ଚିକିତ୍ସାରେ ୮ଜଣ ଡାକ୍ତର, ୨ଜଣ ଫାର୍ମାସିଟ୍, ୨ ସହାୟକ , ୨ଟି ଆମ୍ବୁଲାନ୍ସ ସେବାରେ ୪୦ଜଣ , ୯ଟି ଷ୍ଟ୍ରେଚର ସେବାରେ ୩୬ ଜଣ, ୧୦ଟି ସ୍ଥାନରେ ପାନୀୟ ଜଳବିତରଣ ପାଇଁ ୬୦ ଜଣ , ୫ଟି ସ୍ଥାନରେ ଭ୍ରାମ୍ୟମାଣ ପାନୀୟ ଜଳ ବିତରଣ ପାଇଁ ୨୦ ଜଣ, ୧୪ଟି ମେସିନ ମାଧ୍ୟମରେ ଜଳ ସିଂଚନ ପାଇଁ ୪୨ଜଣ, ଡାକ୍ତରଖାନାରେ ବିଭିନ୍ନ ବିଭାଗରେ ୩୫୦ ଜଣ ରୋଗୀଙ୍କ ସହାୟତା ପାଇଁ ୨୫ ଜଣ, ସ୍ୱଚ୍ଛତା ପାଇଁ ୧୦ଟି ଗ୍ରୁପ ମାଧ୍ୟମରେ ୧୫୦ ଜଣ, ଖାଦ୍ୟବିତରଣ ପାଇଁ ୬୦ ଜଣ, ଆମ୍ବୁଲାନ୍ସ ଗମନାଗମନ କରିଡର ପାଇଁ ୧୦୫୯ ଜଣ ସ୍ୱୟଂସେବକ ସେବାକାମରେ ଲାଗିଥିଲେ। ଜୁନ ୭ ଓ ୮ ଦୁଇ ଦିନ ଧରି ସ୍ୱୟଂସେବକମାନେ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ନିରବଛିନ୍ନ ଭାବରେ ସେବାକାର୍ଯ୍ୟ କରିଥିଲେ । ୨୦୦୫ ମସିହାରୁ ସ୍ୱୟଂସେବକମାନେ ଏପରି ଅନେକ କାର୍ଯ୍ୟ ପ୍ରଶାସନ ସହ ମିଶି କରି ଆସୁଛନ୍ତି । ଏହି ୧୦ ପ୍ରକାର ସେବା ମଧ୍ୟରୁ ପ୍ରାଥମିକ ଚିକିତ୍ସା ଦୀର୍ଘ ୯ ଦିନ ବ୍ୟାପି ଅନୁଷ୍ଠିତ ହେଉଅଛି। ଭୁବନେଶ୍ୱର,କଟକ ଓ ବ୍ରହ୍ମପୁରର ଡାକ୍ତରମାନେ ଆସି ପ୍ରାଥମିକ ଚିକିତ୍ସା ପ୍ରଦାନ କରୁଛନ୍ତି। ଜୁନ୍ ୬ ତାରିଖ ସନ୍ଧ୍ୟା ସମୟରେ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଘୋଡା ବଜାର ଠାରେ ସଂଘର ଅଧିକାରୀମାନେ ସମସ୍ତ ସ୍ୱୟଂସେବକମାନଙ୍କୁ ୧୦ ଭାଗରେ ସେବାର ଗୁରୁଦାୟିତ୍ୱ ସମ୍ପର୍କରେ ବୁଝାଇଥିଲେ। ଜୁନ ୭ ତାରିଖ ପ୍ରାତଃ ୭ ଘଟିକା ସମୟରେ ଗୁଣ୍ଡିଚା ମନ୍ଦିର ନିକଟରେ ସେବାକାର୍ଯ୍ୟର ଉଦ୍‌ଘାଟନ ପରେ ରଥଯାତ୍ରାରେ ସେବା ଯୋଗାଇ ଦେଇଥିଲେ। ସଂଘର ଓଡିଶା ପୂର୍ବ ପ୍ରାନ୍ତର ସଂଘଚାଳକ ସମୀର କୁମାର ମହାନ୍ତି, ରାଷ୍ଟ୍ରୀୟ ସେବା ଭାରତୀର ସଂଗଠନ ମନ୍ତ୍ରୀ ସୁଧୀର ଜୀ, କ୍ଷେତ୍ର ସଂପର୍କ ପ୍ରମୁଖ ପ୍ରମୁଖ ଉପସ୍ଥିତ ରହି ସେବାକାର୍ଯ୍ୟର ତଦାରଖ କରୁଛନ୍ତି ।

## 'ରଥ ଯାତ୍ରା ଏକ ଐତିହ୍ୟ' ଅଭିଯାନ

ଭୁବନେଶ୍ୱର,୧୧।୭ (ମହାଭାରତ): ବର୍ଷ ବର୍ଷ ଧରି ଆଶୀର୍ବାଦ ଅଟା ଏହି ଅନନ୍ୟ ଆଞ୍ଚଳିକ ପାର୍ବଣର ଏକ ଆକାଂକ୍ଷିତ ଅଂଶ ହୋଇ ରହିଆସିଛି। ନିଜର ଯାତ୍ରାକୁ ଜାରି ରଖି, ଚଳିତ ବର୍ଷ, ଆଶୀର୍ବାଦ ଅଟା 'ରଥ ଯାତ୍ରା ଏକ ଐତିହ୍ୟ' ଶୀର୍ଷକରେ ଏକ ନବୋନ୍ମେଷୀ ଅଭିଯାନ ଉପସ୍ଥାପନ କରୁଛି- ଯାହାର ଭାବାର୍ଥ ହେଉଛି 'ରଥ ଯାତ୍ରା: ଏକ ଶାଶ୍ୱତ ଯାତ୍ରା।' ପୁରୀ ରଥ ଯାତ୍ରା ଅବସରରେ ରଥ ଟାଣିବା ଏକ ସ୍ୱର୍ଗୀୟ ରୀତି, ଯାହା ଅଶେଷ ଆଶୀର୍ବାଦ ପ୍ରଦାନ କରୁଥିବା ଏବଂ ଆତ୍ମାକୁ ପବିତ୍ର କରୁଥିବା ବିଶ୍ୱାସ କରାଯାଏ। ତେବେ ବିପୁଳ ସଂଖ୍ୟକ ଜନସାଧାରଣଙ୍କ ଉପସ୍ଥିତି ବିଶେଷକରି ମହିଳା, ପିଲା ଓ ବୟସ୍କ ଲୋକଙ୍କର ଏଥିରେ ଅଂଶଗ୍ରହଣକୁ କଷ୍ଟକର କରିଦିଏ। ସମସ୍ତ ଆହ୍ୱାନଗୁଡିକର ମୁକାବିଲା କରିବାକୁ ଆଶୀର୍ବାଦ ଅଟାର ଚଳିତ ବର୍ଷ ଅଭିଯାନ ଏକ ଭର୍ଚୁଆଲ 'ରଥ ଟଣା' ଅନୁଭୂତି ପ୍ରଦାନ କରୁଛି। ଏହି ନବୋନ୍ମେଷୀ ଡିଜିଟାଲ ସିମୁଲେସନ୍ ଭକ୍ତଗଣଙ୍କୁ ଏହି ରୀତି ନୀତିରେ ଭର୍ଚୁଆଲ ପଦ୍ଧତିର ଅଂଶଗ୍ରହଣ କରିବାକୁ ସୁଯୋଗ ଦେଉଛି, ଯାହା ଆକର୍ଷିତ କଳାଭଳି ରଥ ଟାଣିବାର ସିମୁଲେସନ ଏବଂ ପାର୍ବଣ ପରମ୍ପରା ସହିତ ଯୋଡିହେବା ଜରିଆରେ ଏକ ପରିପୂର୍ଣ୍ଣତାର ଭାବ ପ୍ରଦାନ କରୁଛି। ଶ୍ରୀ ଅନୁଜ ରୁସ୍ତଗୀ, ସିଓଓ, ଷ୍ଟାପଲ୍‌ସ୍ ଆଣ୍ଡ ଆଡ୍‌ଜାସେନସିଜ୍ ଆଇଟିସି ଲିମିଟେଡ କହିଛନ୍ତି, "ବ୍ରାଣ୍ଡ୍ ଆଶୀର୍ବାଦ ଓଡ଼ିଶାରେ ରଥ ଯାତ୍ରା ଉତ୍ସବର ଏକ ଅବିଚ୍ଛେଦ୍ୟ ଅଂଶ ହୋଇଆସିଛି। ପ୍ରତିବର୍ଷ ଲକ୍ଷ ଲକ୍ଷ ଭକ୍ତ ପୁରୀରେ ଏକତ୍ରିତ ହୁଅନ୍ତି।

## ସାମସଙ୍ଗ ଗାଲାକ୍ସି ଜେଡ଼ ଫୋଲ୍ଡ୬ ଏବଂ ଗାଲାକ୍ସି ଜେଡ଼ ଫ୍ଲିପ୍୬ ର ଉନ୍ମୋଚନ

ଭୁବନେଶ୍ୱର,୧୧।୭ (ମହାଭାରତ): ପ୍ୟାରିସଠାରେ ଅନୁଷ୍ଠିତ ଗାଲାକ୍ସି ଅନାବରଣ ଉତ୍ସବରେ ସାମସଙ୍ଗ ଆଜି ଏହାର ସମ୍ପୂର୍ଣ୍ଣ ନୂତନ ଗାଲାକ୍ସି ଜେଡ଼ ଫୋଲ୍ଡ୬ ଏବଂ ଗାଲାକ୍ସି ଜେଡ଼ ଫ୍ଲିପ୍୬ ସହିତ ଗାଲାକ୍ସି ବଡ୍ସ୩ ଏବଂ ଗାଲାକ୍ସି ବଡ୍ସ୨ ପ୍ରୋ ର ଘୋଷଣା କରିଛି। ନୂଆ ଗାଲାକ୍ସି ଜେଡ଼ ଏହାର ପରବ ?ୀ ଗାଲାକ୍ସି ଜେଡ଼ ଶୃଙ୍ଖଳର ଏହି ଉପସ୍ଥାପନା ସହିତ ସାମସଙ୍ଗ ଏହାର ପରବ ?ୀ ଗାଲାକ୍ସି ଏଆଇ ଅଧ୍ୟାୟକୁ ଖୋଲିଛି ଯାହାକି ଉପଯୋଗୀ ସବୁଠାରୁ ନିପୁଣତମ ତଥା ନମନୀୟତାକୁ ସଠିକ୍ ଭାବରେ ପ୍ରସ୍ତୁତ କରିପାରିଛି ଯାହାକି ଅନେକ ଗୁଡ଼ିଏ ବିରଳ ମୋବାଇଲ ଅଭିଜ୍ଞତାକୁ ସକ୍ଷମ କରିପାରିଛି। ଯୋଗାଯୋଗ, ଉତ୍ପାଦନ ସାମର୍ଥ୍ୟ ତଥା ସୃଜନଶୀଳତା ନୂତନ ଅଧ୍ୟାୟର ତ୍ୱରାନ୍ୱିତ ପାଇ ଗାଲାକ୍ସି ଏଆଇ ଶକ୍ତିଶାଳୀ, ବୁଦ୍ଧିମତା ତଥା ସ୍ଥାୟୀ ଫୋଲଡ଼େବୁଲ ଅଭିଜ୍ଞତାର ବ୍ୟବହାର କରୁଅଛି।

## ମାଓବାଦୀଙ୍କୁ ନିପାତ

ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧିନ ଏନଡିଏ ସରକାରର ଏକ ବଡ଼ ସଫଳତା ହେଲା, ଦେଶରେ ବାମପନ୍ଥୀ ଉଗ୍ରବାଦୀ ସଙ୍ଗଠନ ବା ମାଓବାଦୀଙ୍କୁ ନିପାତ କରିବାରେ ସୁରକ୍ଷା ବାହିନୀ ସଫଳତା ହାସଲ କରିଛି। ମାଓବାଦୀମାନେ ଯେ ସମ୍ପୂର୍ଣ୍ଣ ବିଲୁପ୍ତ ହୋଇଛନ୍ତି, ସେ କଥା ନୁହେଁ। ସେମାନେ ଏବେ ବି ଅନେକ ରାଜ୍ୟରେ ସକ୍ରିୟ ଅଛନ୍ତି ଏବଂ ନିରୀହ ଲୋକଙ୍କୁ ହତ୍ୟା କରୁଛନ୍ତି। କିନ୍ତୁ ଏକଥା ସ୍ୱୀକାର କରିବାକୁ ପଡ଼ିବ ଯେ, ମାଓବାଦୀମାନେ ଏବେ ଆତ୍ମରକ୍ଷା ଲାଗି ସଂଘର୍ଷ କରୁଛନ୍ତି। ନିଜର ସ୍ଥିତି ଜାହିର କରିବାକୁ ସେମାନେ ମଝିରେ ମଝିରେ ନିରୀହ, ନିରସ୍ତ୍ର ବ୍ୟକ୍ତିଙ୍କୁ ହତ୍ୟା କରୁଛନ୍ତି ଏବଂ ବିସ୍ଫୋରଣ କରୁଛନ୍ତି। କିନ୍ତୁ ସେମାନଙ୍କ ସଙ୍ଗଠନ ଦୁର୍ବଳ ହୋଇଛି, ସଶସ୍ତ୍ର ବାହିନୀର ଘନ ଘନ ଆକ୍ରମଣରେ ସେମାନେ ପଳାୟନପନ୍ଥୀ ବୋଲି କହିଲେ ଭୁଲ ହେବ ନାହିଁ। ମହାରାଷ୍ଟ୍ରର ଗଡ଼ ଚିରୋଲି ହେଉ ଅଥବା ଛତିଶଗଡ଼ର ବସ୍ତର ଉପତ୍ୟକା ସବୁଠି ମାଓବାଦୀଙ୍କୁ ଦମନ କରିବା ଲାଗି ସୁରକ୍ଷା ବାହିନୀ ସ୍ୱତନ୍ତ୍ର ରଣନୀତି କାର୍ଯ୍ୟକାରୀ କରୁଛି। ମାଓବାଦୀ ସଙ୍ଗଠନ ପକ୍ଷରୁ ମଧ୍ୟ ଏହା ସ୍ୱୀକାର କରାଯାଇଛି। ନିର୍ବାଚନ ପୂର୍ବରୁ ମାଓଦମନ ଅଭିଯାନ ତ୍ୱରାନ୍ୱିତ ହୋଇଛି। ମାତ୍ର ୧୫ ଦିନରେ ୫୦ ମାଓବାଦୀ ନିହତ ହୋଇଥିବା ସଙ୍ଗଠନ ପକ୍ଷରୁ ସ୍ୱୀକାର କରାଯାଇଛି। ଅନେକ ସ୍ଥାନରୁ ସୁରକ୍ଷା ବାହିନୀ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଏବଂ ବିସ୍ଫୋରକ ଜବତ କରିଛି। ଅନେକ ସ୍ଥାନରେ ମାଓବାଦୀ ଖଞ୍ଜିଥିବା ବିସ୍ଫୋରକକୁ ଅଚଳ କରିଦିଆଯାଇଛି। ମାଓବାଦୀଙ୍କୁ ସୁରକ୍ଷା କର୍ମୀ ଗୋଡ଼ାଇଥିବା ବେଳେ ସେମାନେ ପଳାୟନ କରୁଛନ୍ତି। ଆଦିବାସୀ ମାନେ ଆଉ ମାଓବାଦୀଙ୍କୁ ସମର୍ଥନ କରୁନାହାଁନ୍ତି। ସେମାନେ ସତ କ'ଣ ଜାଣି ସାରିଲେଣି। ସେଥିପାଇଁ ଅନେକ ମାଓ କ୍ୟାଡର ପୋଲିସ ନିକଟରେ ଆତ୍ମସମର୍ପଣ କରୁଛନ୍ତି। ଅନେକ ମାଓ ସମର୍ଥକ ପୋଲିସକୁ ସହାୟତା ଲାଗି ସାହସର ସହିତ ଆଗେଇ ଆସିଛନ୍ତି। ଏବେ ସାଧାରଣ ଲୋକଙ୍କ ମନରେ ବିଶ୍ୱାସ ସୃଷ୍ଟି ହୋଇଛି ଯେ, ମାଓବାଦୀମାନେ ଆଉ ସେମାନଙ୍କୁ ଭୟଭୀତ କରିପାରିବେ ନାହିଁ, ସେମାନଙ୍କ ପଛରେ ସୁରକ୍ଷା କର୍ମୀ ଅଛନ୍ତି। ମାଓଦମନରେ ଏହି ସଫଳତାର ଶ୍ରେୟ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କୁ ମିଳିବା ଉଚିତ। କିନ୍ତୁ ଏହାର ସର୍ବାଧିକ ଶ୍ରେୟ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କୁ ମିଳିବା ଉଚିତ। ମାଓଦମନ ଲାଗି ସ୍ୱତନ୍ତ୍ର ରଣନୀତି, ଘନ ଘନ ବୈଠକ, ମାଓ ଉପଦ୍ରୁତ ଇଲାକାରେ ଅଧିକ କେନ୍ଦ୍ରୀୟ ସୁରକ୍ଷା କର୍ମୀ ମୁତୟନ, ଅତ୍ୟାଧୁନୀକ ଅସ୍ତ୍ରଶସ୍ତ୍ର, ଯନ୍ତ୍ରପାତି ଏବଂ ଯାନବାହନ ବ୍ୟବହାର ସହିତ ଅଞ୍ଚଳର ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯିବା ଦ୍ୱାରା ଆଜି ଭାରତରେ ମାଓବାଦୀ ସଙ୍ଗଠନ ଗୁଡ଼ିକ ଏକପ୍ରକାର ବିଲୁପ୍ତ ହେବାକୁ ବସିଛି। ମାନବାଧିକାର ସଙ୍ଗଠନ ଗୁଡ଼ିକ କେନ୍ଦ୍ରର ମାଓଦମନ ଅଭିଯାନକୁ ବିରୋଧ କରୁଥିଲେ ମଧ୍ୟ ସାଧାରଣ ଲୋକ ଏହାକୁ ସମର୍ଥନ କରୁଛନ୍ତି। ଗତ ୧୦ ବର୍ଷ ଭିତରେ ତଥାକଥିତ ବୁଦ୍ଧିଜୀବୀ, ମାନବାଧିକାର କର୍ମୀ ଏବଂ ମାଓ ସମର୍ଥକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଅନେକଙ୍କୁ ଗିରଫ କରାଯାଇଛି। ସେମାନେ ପ୍ରତ୍ୟକ୍ଷ ଭାବେ ହିଂସାରେ ସମ୍ପୃକ୍ତ ନଥିଲେ ମଧ୍ୟ ମାଓବାଦୀଙ୍କୁ ସମର୍ଥନ ଏବଂ ଉତ୍ସାହିତ କରୁଛନ୍ତି। ସେମାନେ ସାଧାରଣ ମାଓ କ୍ୟାଡରଙ୍କଠାରୁ ଅଧିକ ମାରାତ୍ମକ ଏବଂ ବିପଜ୍ଜନକ। ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିହାତି ଜରୁରୀ ଥିଲା। ୨୦୧୬ରେ କେନ୍ଦ୍ର ସରକାରଙ୍କ ବିମୁଦ୍ରିକରଣ ଥିଲା ମାଓ ଦମନ ଅଭିଯାନର ପ୍ରଥମ ପଦକ୍ଷେପ। ଏହା ଦ୍ୱାରା ସେମାନଙ୍କ ଆର୍ଥିକ ସ୍ଥିତି ଦୁର୍ବଳ ହୋଇଯାଇଥିଲା। ଜଙ୍ଗଲରେ ଗଞ୍ଜେଇ ଚାଷ କରି ସେମାନେ ବିପୁଳ ଅର୍ଥ ରୋଜଗାର କରୁଥିଲେ। ସ୍ୱତନ୍ତ୍ର ଅଭିଯାନ ମାଧ୍ୟମରେ ଏହାକୁ ଅନେକାଂଶରେ ରୋକାଯାଇଛି। ମାଓବାଦୀଙ୍କୁ ମିଳୁଥିବା ଅସ୍ତ୍ରଶସ୍ତ୍ର ଏବଂ ଆର୍ଥିକ ସହାୟତାକୁ ରୋକାଯାଇଛି।

## ବ୍ୟାଙ୍କ ଗୁଡ଼ିକର ଅସରନ୍ତି ଏନପିଏ ବୋଝ

॥ ଯୁଧିଷ୍ଠିର ମହାରଣା ॥

> *ଭାରତରେ ୨୦୦୮ ପର୍ଯ୍ୟନ୍ତ ବ୍ୟବସାୟରେ ବିଶାଳ ସୁଯୋଗ ଓ ସମ୍ଭାବନା ସୃଷ୍ଟି ହେବା ସହିତ ଅର୍ଥନୈତିକ ଅଭିବୃଦ୍ଧି ଉତ୍ସାହଜନକ ଭାବେ ଦୁଇ ଅଙ୍କ ପାଖାପାଖି ଛୁଇଁଥିଲା। ଏହି ଧାରାକୁ ଦୃଷ୍ଟିରେ ରଖି ବ୍ୟାଙ୍କମାନେ ବିପୁଳ ପରିମାଣରେ ଋଣ ମଞ୍ଜୁର କରିବାରେ ଲାଗିଲେ। କିନ୍ତୁ ୨୦୦୮ରେ ବିଶ୍ୱ ଆର୍ଥିକ ମାନ୍ଦାବସ୍ଥା ପରେ ଏହି ସୁଯୋଗ ଓ ସମ୍ଭାବନା କ୍ରମଶଃ ସଙ୍କୁଚିତ ହୋଇଆସିଲା ଏବଂ ଉଭୟ ବ୍ୟବସାୟ ଓ ଅର୍ଥନୀତି ପ୍ରଭାବିତ ହେଲା।*

ଭାରତରେ ବର୍ଷକୁ ବର୍ଷ ଅନାଦାୟ ବ୍ୟାଙ୍କଋଣ ଉଦବେଗଜନକ ଭାବେ ବୃଦ୍ଧି ପାଇବାରେ ଲାଗିଛି। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ସଂସଦର ଚଳିତ ଶୀତ ଅଧିବେଶନରେ ଦେଇଥିବା ତଥ୍ୟାନୁଯାୟୀ ଗତ ପାଞ୍ଚ ବର୍ଷ ଭିତରେ ଭାରତର ରାଷ୍ଟ୍ରାୟତ୍ତ ଓ ଘରୋଇ ବ୍ୟାଙ୍କ ଗୁଡ଼ିକର ଏନପିଏ ପାଖାପାଖି ୧୦.୫୯ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ବାଣିଜ୍ୟିକ ବ୍ୟାଙ୍କ ଗୁଡ଼ିକ ଗ୍ରାହକଙ୍କୁ ଦେଇଥିବା ଋଣ ଅସୁଲ ନକରିପାରିବା ସମ୍ପୃକ୍ତ ବ୍ୟାଙ୍କର ପରିଚାଳନାଗତ ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଥିଲେ ହେଁ ସେଥିପାଇଁ ପରିଚାଳନା ଓ ନିର୍ଦ୍ଦେଶକ ମଣ୍ଡଳୀକୁ ସିଧାସଳଖ ଦଣ୍ଡିତ କରାଯିବାର ନିୟମ ଆମ ଦେଶରେ ନାହିଁ। ଅପରପକ୍ଷରେ ବ୍ୟାଙ୍କ ଅଧିକାରୀମାନଙ୍କ ପାଇଁ ଯେଉଁ ବ୍ୟବସାୟିକ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥାଏ ତାହାକୁ ପୂରଣ କରିବା ପାଇଁ କିପରି ଅଧିକରୁ ଅଧିକ ଋଣ ମଞ୍ଜୁର କରାଯାଇପାରିବ ତାହାକୁ ଅଗ୍ରାଧିକାର ଦିଆଯାଏ। ବିଡ଼ମ୍ବନା ହେଲା ଜରୁରୀ ସମ୍ବଳ ଆବଶ୍ୟକ କରୁଥିବା ସାଧାରଣ ଗ୍ରାହକଟିଏ ଋଣ ପାଇବାକୁ ନୟାନ୍ତ ହୋଇପଡୁଥିଲେ ମଧ ତାହାକୁ ନେଇ ସେ ଚିନ୍ତାରେ ପଡ଼ିଯାଏ। ସୁଧ ଓ କିସ୍ତି ପୈଠରେ ସାମାନ୍ୟ ଖିଲାପ ହେଲେ ଋଣଦାତା ବ୍ୟାଙ୍କ ବିଚରା ଋଣ ଗ୍ରହୀତାର ଘରବାଡ଼ି ସମ୍ପତ୍ତି ଜବତ କରିଦେବାର ଉଦାହରଣ ବହୁଳ। ଅପରପକ୍ଷରେ ଥିଲାବାଲା ବା ଅତ୍ୟୁଚ୍ଚ ଧନୀମାନେ କିସ୍ତି ଓ ସୁଧ ପୈଠରେ ଉଦ୍ଦେଶ୍ୟମୂଳକ ଖିଲାପ କରି ଆସୁଥିଲେ ମଧ ସେମାନଙ୍କୁ ବ୍ୟାଙ୍କ କର୍ତ୍ତୃପକ୍ଷ ଅକୁଣ୍ଠ ଚିତ୍ତରେ ହଜାର ହଜାର କୋଟି ଟଙ୍କାର ଋଣ ପୁନଃ ମଞ୍ଜୁର କରିବାରେ ଅବହେଳା କରନ୍ତିନାହିଁ। ଏଥିରେ ଉଚ୍ଚ ରାଜନୈତିକ ମହଲରୁ ଚାପ ମଧ ପଡ଼ିବାର ନଜିର ରହିଛି। ଏଥିପାଇଁ ବିଜୟ ମାଲ୍ୟା, ନିରବ ମୋଦି, ମେହୁଲ ଚୋକ୍ସିଙ୍କ ଭଳି ଅନେକ ଅଭ୍ୟାସଗତ ଋଣ ଖିଲାପୀବାଲାଙ୍କ ଉଦାହରଣ ନିଆଯାଇପାରେ। ଭାରତରେ ବ୍ୟାଙ୍କ ଏନପିଏ ଉଦବେଗଜନକ ଭାବେ ବୃଦ୍ଧି ପାଇବା ପଛରେ ଏହା ଏକ ବଡ଼ କାରଣ।

ବାଣିଜ୍ୟିକ ବ୍ୟାଙ୍କର ମୂଳ ଲକ୍ଷ୍ୟ ହେଲା ଋଣ ସହାୟତା ଜରିଆରେ ଦେଶର ବ୍ୟବସାୟ କ୍ଷେତ୍ରକୁ ସହାୟତା ତଥା ଦେଶର ଅଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା। ବ୍ୟାଙ୍କ ଦେଉଥିବା ଋଣ ତାହାର ଆସେଟ ବା ସମ୍ପଦ ଭାବରେ ପରିଗଣିତ ହୁଏ। କାରଣ ଋଣଦାତା ବ୍ୟାଙ୍କ ଏହି ଋଣରୁ ସୁଧ ଆକାରରେ ନିୟମିତ ଆୟ କରିଥାଏ। ବ୍ୟବସାୟ ଆରମ୍ଭ କରୁଥିବା କିମ୍ବା ସମ୍ପ୍ରସାରଣ କରିବାକୁ ଚାହୁଁଥିବା ବ୍ୟବସାୟୀ ଯେପରି ଠିକ ସମୟରେ ଋଣ ପାଇବାରେ ଅସୁବିଧା ନ ଭୋଗନ୍ତି ବା ପାତର ଅନ୍ତରର ଶିକାର ନହୁଅନ୍ତି ସେଥିପାଇଁ କେନ୍ଦ୍ର ସରକାର ବାଣିଜ୍ୟିକ ବ୍ୟାଙ୍କ ଗୁଡ଼ିକର ଜାତୀୟକରଣ କରିଥିଲେ। କିନ୍ତୁ ଅସଲରେ ବ୍ୟାଙ୍କ ଜାତୀୟକରଣର ମହତ ଲକ୍ଷ୍ୟ ଯେ ପରାହତ ହୋଇଛି ତାହା ପ୍ରାୟ ୫ ଦଶନ୍ଧି ପରେ ସ୍ପଷ୍ଟ ହୋଇଛି। ବ୍ୟାଙ୍କର ଆଉ ଏକ ଦାୟିତ୍ୱ ହେଉଛି ଯେ ଠିକ ସମୟରେ ଋଣ ଗ୍ରହୀତାଙ୍କ ଠାରୁ ସୁଧ ସମେତ କିସ୍ତି ଅସୁଲ କରିବା। ଏଥିରେ ଖିଲାପ ହେଲେ ଋଣ ରାଶି ଏନପିଏ ବା ନନ ଫରଫର୍ମିଂ ଆସେଟ ଭାବରେ ଗଣାଯାଏ। ବ୍ୟାଙ୍କ ଖାତାରେ କୌଣସି ଋଣ ପରିଶୋଧ ତାରିଖର ୯୦ ଦିନ ପର୍ଯ୍ୟନ୍ତ ଅନାଦାୟ ରହିଲେ ତାହାକୁ ଏନପିଏ ଭାବରେ ଘୋଷିତ କରାଯାଏ।

ଭାରତରେ ୨୦୦୮ ପର୍ଯ୍ୟନ୍ତ ବ୍ୟବସାୟରେ ବିଶାଳ ସୁଯୋଗ ଓ ସମ୍ଭାବନା ସୃଷ୍ଟି ହେବା ସହିତ ଅର୍ଥନୈତିକ ଅଭିବୃଦ୍ଧି ଉତ୍ସାହଜନକ ଭାବେ ଦୁଇ ଅଙ୍କ ପାଖାପାଖି ଛୁଇଁଥିଲା। ଏହି ଧାରାକୁ ଦୃଷ୍ଟିରେ ରଖି ବ୍ୟାଙ୍କମାନେ ବିପୁଳ ପରିମାଣରେ ଋଣ ମଞ୍ଜୁର କରିବାରେ ଲାଗିଲେ। କିନ୍ତୁ ୨୦୦୮ରେ ବିଶ୍ୱ ଆର୍ଥିକ ମାନ୍ଦାବସ୍ଥା ପରେ ଏହି ସୁଯୋଗ ଓ ସମ୍ଭାବନା କ୍ରମଶଃ ସଙ୍କୁଚିତ ହୋଇଆସିଲା ଏବଂ ଉଭୟ ବ୍ୟବସାୟ ଓ ଅର୍ଥନୀତି ପ୍ରଭାବିତ ହେଲା। ତେଣୁ ସ୍ୱାଭାବିକ ଭାବରେ ଅନାଦାୟ ଋଣ ସମସ୍ୟା ସୃଷ୍ଟି ହେଲା। ବିଶେଷକରି ୨୦୧୪ ପରେ ଏନପିଏ ପରିମାଣ ବୃଦ୍ଧି ପାଇ ଏକ ବିଶାଳ ପାହାଡ଼ ଆକାରରେ ଦେଶର ଅର୍ଥନୀତି ଆଗରେ ଉଭା ହୋଇଥିଲା। ଭାରତରେ ଏନପିଏ ବୃଦ୍ଧି ପାଇବା ପଛରେ ଆଉ ଏକ କାରଣ ହେଉଛି ଋଣ ନେଇଥିବା ବୃହତ ଶିଳ୍ପ ସଂସ୍ଥାଗୁଡ଼ିକର ଆର୍ଥିକ ସ୍ଥିତି ଓ ଋଣ ପରିଶୋଧ କରିବାର କ୍ଷମତା ନିୟମିତ ଆକଳନ କରାଗଲା ନାହିଁ। ଅଧିକନ୍ତୁ ଶିଳ୍ପାୟନ ଆଳରେ ଶିଳ୍ପପତିମାନଙ୍କୁ ଋଣ ନିୟମକୁ କୋହଳ କରିଦିଆଗଲା। ଏହାଛଡ଼ା ଅତୀତରେ ଉଦ୍ୟୋଗପତିମାନଙ୍କ ବିପୁଳ ଋଣ ଚାହିଦା ମେଣ୍ଟାଇବା ପାଇଁ ଏକାଧିକ ବ୍ୟାଙ୍କ ମିଳିତ କନ୍ସୋର୍ଟିୟମ ଗଠନ କରାଗଲା। ମାଲ୍ୟାଙ୍କର କିଙ୍ଗଫିସର ପରି କମ୍ପାନୀମାନେ ବିଶାଳ ପରିମାଣର ଋଣ ପରିଶୋଧରେ କ୍ରମାଗତ ଅସଫଳ ହେବା ପରେ ଋଣଦାତା ବ୍ୟାଙ୍କ କନ୍ସୋଟିୟମ ସହିତ ଦେଶର ସାମଗ୍ରିକ ବ୍ୟାଙ୍କିଙ୍ଗ ବ୍ୟବସ୍ଥାକୁ ତାହା ପ୍ରଭାବିତ କଲା। ଏଥିସହିତ ମରୁଡ଼ି, ବନ୍ୟା, ବାତ୍ୟା ଭଳି ପ୍ରାକୃତିକ ଦୁର୍ବିପାକ ଯୋଗୁଁ କୃଷି ଋଣ ମଧ ଅନାଦାୟ ହୋଇପଡ଼ିଲା। କେତେଜଣ ଶିଳ୍ପପତି ଜାଲ କାଗଜପତ୍ର ପ୍ରସ୍ତୁତ କରି ଅସାଧୁ ବ୍ୟାଙ୍କ କର୍ମଚାରୀଙ୍କ ସହାୟତାରେ ବିପୁଳ ପରିମାଣର ଋଣ ରାଶି ବିଦେଶରେ ଥିବା ଆକାଉଣ୍ଟକୁ ସ୍ଥାନାନ୍ତରିତ କରିଦେଲେ। ଏହିସବୁ ଘଟଣା ପ୍ରତି ଯଦି କେନ୍ଦ୍ର ସରକାର ପ୍ରାରମ୍ଭରୁ ଯତ୍ନଶୀଳ ହୋଇଥାନ୍ତେ ତେବେ ଆଜି ଭାରତୀୟ ଅର୍ଥନୀତିକୁ ଏନପିଏର ପାହାଡ଼ ମୁଣ୍ଡାଇବାକୁ ପଡ଼ିନଥାନ୍ତା। ମେହୁଲ ଚୋକ୍ସି, ନିରବ ମୋଦୀ, ବିଜୟ ମାଲ୍ୟାଙ୍କୁ ପଳାତକ ଘୋଷଣା କରାଯିବା ସହିତ ଅନାଦାୟ ଋଣ ବା ଏନପିଏ ସମସ୍ୟାର ସମାଧାନ ପାଇଁ କେନ୍ଦ୍ର ସରକାର ବିଳମ୍ବରେ ହେଲେ ମଧ ଉଦ୍ୟମ ଆରମ୍ଭ କଲେ। ଏହି ଉଦ୍ୟମର ଏକ ଅଂଶସ୍ୱରୂପ ଇନ୍ସଲଭେନ୍ସି ଆଣ୍ଡ ବ୍ୟାଙ୍କ୍ରପ୍ସି କୋଡ଼ରେ ଆବଶ୍ୟକୀୟ ସଂଶୋଧନ କରାଗଲା। ବ୍ୟାଡ଼ ବ୍ୟାଙ୍କ ଗଠନ ପାଇଁ ମଧ ବାଟ ଫିଟିଲା। ଏହାଦ୍ୱାରା ସମ୍ପୂର୍ଣ୍ଣ ନ ହେଲେ ମଧ ବ୍ୟାଙ୍କର ଏନପିଏ ସମସ୍ୟା କେତେକାଂଶରେ ସମାଧାନ ହେବାର ଦେଖାଗଲା। ଏହି ବ୍ୟବସ୍ଥାର ସୁଫଳ ପାଇବାକୁ ହୁଏତ ଅନେକ ବର୍ଷ ଲାଗିଯାଇପାରେ। ଶେଷରେ କୁହାଯାଇପାରେ ଯେ କୌଣସି ଦେଶର ଅର୍ଥନୈତିକ ଅଭିବୃଦ୍ଧି ଓ ବିକାଶରେ ବ୍ୟାଙ୍କିଙ୍ଗ କ୍ଷେତ୍ରର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଯଦି ବ୍ୟାଙ୍କିଙ୍ଗ ବ୍ୟବସ୍ଥା ଭୁଶୁଡ଼ି ପଡ଼ିବ ତେବେ କେବଳ ଦେଶ ଦେବାଳିଆ ହେବନାହିଁ ବରଂ ଏହାର ପ୍ରଭାବ ବିଶ୍ୱ ଅର୍ଥନୀତି ଉପରେ ପଡ଼ିବ। ଆମେରିକାର ଲେହମ୍ୟାନ ବ୍ରଦରସ୍ ଓ ମେରିଲ ଲିଞ୍ଚ ବ୍ୟାଙ୍କ ଭୁଶୁଡ଼ି ଯିବା ପରେ ବିଶ୍ୱ ଅର୍ଥନୀତିରେ ଯେଉଁ ମାନ୍ଦାବସ୍ଥା ସୃଷ୍ଟି ହୋଇଥିବାର ତାହାର ପ୍ରଭାବକୁ ଆଜି ମଧ ଅନେକ ଦେଶ ସମ୍ପୂର୍ଣ୍ଣ ଦୂର କରିବାରେ ସକ୍ଷମ ହୋଇପାରିନାହାନ୍ତି। ତେଣୁ ଭାରତ ସରକାର ମଝିରେ ମଝିରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଗୁଡ଼ିକୁ ବିପୁଳ ପୁଞ୍ଜି ନିବେଶ ଯୋଗାଇ ଆସୁଛନ୍ତି, ଯାହା ସିଧାସଳଖ ଦେଶର ଜନସାଧାରଣ ଦେଉଥିବା ଟିକସରୁ ଭରଣା ହେଉଛି। ଅନ୍ୟ ଅର୍ଥରେ କହିଲେ ଏନପିଏ ବୃଦ୍ଧି ସହିତ ଅତ୍ୟୁଚ୍ଚ ଧନୀ ଶିଳ୍ପପତିମାନେ ଉପକୃତ ହେଉଥିବାବେଳେ ଦେଶର ଜନସାଧାରଣ କ୍ଷତିଗ୍ରସ୍ତ ହେଉଛନ୍ତି। ତେଣୁ ଏହାର ଦୀର୍ଘସ୍ଥାୟୀ ନିରାକରଣ ଦିଗରେ ସରକାର ତତ୍ପରତା ପ୍ରକାଶ କରିବା ଦରକାର। ଏନପିଏ ସମସ୍ୟାର ସମାଧାନ ପାଇଁ କେବଳ ବ୍ୟାଡ଼ ବ୍ୟାଙ୍କ ଗଠନ କିମ୍ବା ଅତିରିକ୍ତ ପୁଞ୍ଜି ସହାୟତା ଯଥେଷ୍ଟ ନୁହେଁ। ସମ୍ପୃକ୍ତ ବ୍ୟାଙ୍କ ଅଧିକାରୀମାନଙ୍କୁ ମଧ ଆଇନତଃ ଉତ୍ତରଦାୟୀ କରିବା ପାଇଁ କଠୋର ନିୟମ ପ୍ରଣୟନ ହେବା ଦରକାର।


ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,
ଦୂରଭାଷ : ୯୪୩୭୧୬୭୩୫୨୮


## ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ଅନୁଚିନ୍ତନରେ ଦେବଭାଷା ସଂସ୍କୃତ

॥ ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ॥

ସଂସ୍କୃତ ଭାଷାର ପ୍ରାଚୀନତା, ବ୍ୟାପକତା ତଥା ଏହାର ବିପ୍ତତ୍ତି ପାଇଁ ସାଧାରଣରେ ଭାଷା ପ୍ରତି ଶ୍ରଦ୍ଧା ରଖୁଥିବା ପ୍ରତିଟି ଲୋକପାଇଁ ଆଜି ହେଉଛି ଏକ ଅତ୍ୟନ୍ତ ପବିତ୍ରତମ ଦିବସ । ଦେବଭାଷା ସଂସ୍କୃତର ପ୍ରାଚୀନତା କାହାକୁ ବା ଅଜଣା । ଏହି ଭାରତୀୟ ଆର୍ଯ୍ୟ ଭାଷାରୁ ଅଧିକାଂଶ ଭାରତୀୟ ଓ ବିଶ୍ୱ ଭାଷାର ସୃଷ୍ଟି । ଏହି ଭାଷା ଏବେ ବିଲୁପ୍ତ ପ୍ରାୟ । ୨୦୨୦ର ଏକ ପରିସଂଖ୍ୟାନ ଅନୁଯାୟୀ ସମଗ୍ର ଭାରତବର୍ଷରେ ସଂସ୍କୃତ ଭାଷାଭାଷୀଙ୍କ ସଂଖ୍ୟା ୧,୧୪,୧୩୫ ମଧ୍ୟରେ ସୀମିତ । ଏହି ପରିପ୍ରେକ୍ଷୀରେ କର୍ଣ୍ଣାଟକ ଅନ୍ତର୍ଗତ ମାତ୍ତୁର ଗ୍ରାମର ସମସ୍ତ ବାସିନ୍ଦା କେବଳ ଏହି ଭାଷାରେ କଥାବର୍ତ୍ତା ହେଉଥିବା ଶୁଣିଲେ ଆଶ୍ଚର୍ଯ୍ୟ ହେବାକୁ ହୁଏ । ସିମୋଗା ସହରଠାରୁ ମାତ୍ର ୧୦ କିମି ଦୂରରେ ଏହି ଗାଁ ଅବସ୍ଥିତ ଏବଂ ଗ୍ରାମବାସୀଙ୍କ ବ୍ୟାବହାରିକ ଭାଷା ସଂସ୍କୃତ । ଉଲ୍ଲେଖନୀୟ ଯେ, ଗ୍ରାମବାସୀଙ୍କର ଜୀବିକା କୃଷି । ୧୯୮୨ ପର୍ଯ୍ୟନ୍ତ ସେମାନଙ୍କର ମାତୃଭାଷା ଥିଲା କନ୍ନଡ଼ । ସେହି ବର୍ଷ ସଂସ୍କୃତ ଭାରତୀ ନାମକ ଅନୁଷ୍ଠାନ ଭାଷା ପ୍ରଚାର ପାଇଁ ବାଛିଥିଲା ମାତ୍ତୁର୍ ଗାଁକୁ । ଅନୁଷ୍ଠାନ ସହ ଜଡ଼ିତ ସ୍ୱେଚ୍ଛାସେବୀମାନେ ଏକ ୧୦ ଦିନିଆ ଶିକ୍ଷା ଯୋଜନାରେ ସଂସ୍କୃତରେ କିପରି କଥାବାର୍ତ୍ତା କରିହେବ ସେଠାକାର ବାସିନ୍ଦାଙ୍କୁ ଶିଖାଇଲେ । ସ୍ଥାନୀୟ ଲୋକେ ମଧ ଆଗ୍ରହରେ ତାହା ଗ୍ରହଣ କଲେ । ଏମିତି ଜଣେ ଅନ୍ୟକୁ ଶିଖାଇଲା । ପିଲାମାନେ ବି ଶିଖିଲେ । କିଛି ବର୍ଷ ମଧ୍ୟରେ ସମସ୍ତେ ପାଲଟିଗଲେ ସଂସ୍କୃତଭାଷୀ ଏବଂ ସେହି ଭାଷାକୁ ବ୍ୟବହାର କଲେ ଭାବ ପରିପ୍ରକାଶ ପାଇଁ । ମାତ୍ତୁର୍‌ବାସୀଙ୍କ ପ୍ରଭାବରେ ଆସି ନିକଟବର୍ତ୍ତୀ ହୋସାହାଲି ଗ୍ରାମର ଲୋକେ ମଧ ଏବେ ସଂସ୍କୃତରେ କଥାବାର୍ତ୍ତା ହେଉଛନ୍ତି । ପୁଣି ମଧ ପ୍ରଦେଶ ଅନ୍ତର୍ଗତ ରାଜଗଡ଼ ଜିଲ୍ଲା ଅନ୍ତର୍ଗତ ଝିରି ଗାଁର ଲୋକେ ମଧ ସଂପ୍ରତି କେବଳ ସଂସ୍କୃତରେ କଥା ହେଉଥିବା ପ୍ରକାଶ । ଏମିତି ଧୀରେ ଧୀରେ ସଂସ୍କୃତ ଭାଷାର ପୁନରୁଦ୍ଧାର ହେଉଛି ।

ସାଧାରଣରେ ବେଦ ଭାଷା ବା ଭଗବାନଙ୍କ ଭାଷାରୂପେ ସଂସ୍କୃତକୁ ସମସ୍ତେ ବୁଝନ୍ତି । ତେବେ ଭାରତ ବାହାରେ ଅନେକ ଜାଣି ଆଶ୍ଚର୍ଯ୍ୟ ହେବେ ଯେ, ନେପାଳ, ଶ୍ରୀଲଙ୍କା, ଫିଲିପାଇନସ୍ ପରି କିଛି ବିଦେଶ ରାଷ୍ଟ୍ରରେ ସଂସ୍କୃତ ଭାଷାକୁ ସ୍ଥାନୀୟ ସରକାର ସମ୍ମାନ ଦେବା ସହ ସେମାନଙ୍କର ସରକାରୀ ଭାଷା ସିଡୁଲ୍‌ରେ ସଂସ୍କୃତ ପରି ପ୍ରାଚୀନତମ ଭାଷା ବି ସ୍ଥାନିତ ହୋଇଛି । ତେବେ ସାଧାରଣରେ ହିନ୍ଦୀ ଓ ସଂସ୍କୃତ ଅପେକ୍ଷା ହିନ୍ଦୀକୁ ରାଷ୍ଟ୍ରଭାଷା ରୂପେ ଗ୍ରହଣ କରାଯାଇଥିବାରୁ ସଂସ୍କୃତ ଭାଷା କିଛିକାଂଶରେ ପଛୁଆ ପଡ଼ିଯାଇଛି କହିଲେ ଭୁଲ୍ ହେବନାହିଁ । ସଂସ୍କୃତ ଭାଷାକୁ ଗୁଜୁରାଟ, ମହାରାଷ୍ଟ୍ର, କର୍ଣ୍ଣାଟକ, ତାମିଲନାଡୁ, କେରଳ ପରି ରାଜ୍ୟରେ ବହୁତ ଗୁରୁତ୍ୱ ଦିଆଯାଏ । ଏହି ରାଜ୍ୟମାନଙ୍କରେ ସଂସ୍କୃତ ବହିର ବ୍ୟାପକ ବିକ୍ରି ହେବା ସହିତ ସଂସ୍କୃତ ଭାଷାରେ କଥାବାର୍ତ୍ତା ଅଧିକାଂଶ ଲୋକ ହୋଇଥାନ୍ତି । ତେବେ ସବୁଠାରୁ ବଡ଼ କଥା ହେଉଛି ହଜାର ହଜାର ବର୍ଷ ତଳର ଏହି ଅତ୍ୟନ୍ତ ଲୋକପ୍ରିୟ ତଥା ଶୁଦ୍ଧ ଭାଷା କିନ୍ତୁ ସରକାରୀ ସ୍ତରରେ ସେପରି ପ୍ରୋତ୍ସାହନ ପାଉନାହିଁ । ବିଶ୍ୱବିଦ୍ୟାଳୟ ବା ବଡ଼ ବଡ଼ ମହାବିଦ୍ୟାଳୟରେ ସଂସ୍କୃତ ଭାଷାକୁ ପାଠ୍ୟକ୍ରମରେ ଗ୍ରହଣ କରୁଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା କମ୍ । ଏ କ୍ଷେତ୍ରରେ ବଡ଼ ଅସୁବିଧା ହେଉଛି ସଂସ୍କୃତକୁ ନେଇ କ୍ୟାରିୟର କରିବା ପାଇଁ ସେପରି ନାଁ ବିଭାଗ ଅଛି ନାଁ କର୍ମବୃତ୍ତି । ଯାହାଦ୍ୱାରା ଏହି ଭାଷାକୁ କ୍ୱଚିତ୍ ଛାତ୍ରଛାତ୍ରୀ ଆଗ୍ରହର ସହ ଗ୍ରହଣ କରୁଛନ୍ତି । ଦ୍ୱିତୀୟତଃ ସଂସ୍କୃତ ଭାଷାରେ ବହି, ପତ୍ରପତ୍ରିକାର ପ୍ରଚଳନ କମ୍ । ଦିନଥିଲା ଗାଁ ଗଣ୍ଡା ବା ସହରରେ ଛତୁ ଫୁଟିଲା ପରି ଟୋଲ୍ ସ୍କୁଲ ସବୁ ଖୋଲିଥିଲା । ପରବର୍ତ୍ତୀ ସମୟରେ କିନ୍ତୁ ଏହି ଟୋଲ୍ ଗୁଡ଼ିକ ଏକ ପ୍ରକାର ମୃତପ୍ରାୟ ହୋଇଗଲା । ସରକାରୀ ସ୍ତରରେ ସେପରି ନା ସହାୟତା ରହିଲା ନା ସାଧାରଣରେ ଏହାକୁ ଗ୍ରହଣ କରିବା ପାଇଁ କିଛି ଆଗ୍ରହବୋଧ ! ସଂସ୍କୃତ ଭାଷାକୁ ଅତ୍ୟନ୍ତ ନିଷ୍ଠାର ସହିତ ଶ୍ରଦ୍ଧା ରଖୁଥିବା, କର୍ମକାଣ୍ଡ ବ୍ରାହ୍ମଣ ବା କିଛି ଭିନ୍ନ ରୁଚିର ମେଧାବୀମାନେ ବର୍ତ୍ତମାନ ସଂସ୍କୃତ ଭାଷାକୁ ଗ୍ରହଣ କରୁଛନ୍ତି । ସାଧାରଣରେ ସରକାରୀ ସ୍କୁଲରେ ସଂସ୍କୃତ ପଣ୍ଡିତମାନଙ୍କ ନିଯୁକ୍ତି ପ୍ରକ୍ରିୟା ଏହାଭିତରେ ଏକ ପ୍ରକାର ସ୍ଥାଣୁ ପାଲଟି ଯାଇଛି । ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷାରେ ହିନ୍ଦୀ ଓ ସଂସ୍କୃତ ଭାଷାର ପିଲାମାନେ ଅନେକ ସମସ୍ୟା ସାମ୍ନା କରିବା ସହ ସେମାନଙ୍କ ପରୀକ୍ଷା ଫଳ ମଧ ଅଧିକାଂଶ କ୍ଷେତ୍ରରେ ଖରାପ ହୋଇଥିଲା । ତେବେ ଯାହାହେଉନା କାହିଁକି ସଂସ୍କୃତ ଭାଷାକୁ ବିଦେଶରେ କିନ୍ତୁ ଦିନକୁ ଦିନ ଆଗ୍ରହ ରଖୁଛନ୍ତି ବିଦେଶୀମାନେ । ଭାରତରେ ଯେଉଁ ଭାଷା ସୃଷ୍ଟି ହୋଇ ମୃତପ୍ରାୟ ହେବାକୁ ଯାଉଛି ସେ ଭାଷା କିନ୍ତୁ ଦେଶ ବିଦେଶରେ ବେଶ୍ ଆଗ୍ରହ ରଖୁଛି ଜାଣିବା ଓ ଶିଖିବାରେ । ବର୍ତ୍ତମାନ ଛୋଟ ପିଲାଟି ନିଜ ଜେଜ ବା ଗୋସେଇଁ ବାପାଙ୍କ ଅମଳର ସଂସ୍କୃତ ବହିଟି ଦେଖିଲେ ତାକୁ ଏକପ୍ରକାର ବିଚିତ୍ର ଭାଷା ପରି ହୃଦ୍‌ବୋଧ ହେଉଛି । କାରଣ ପିଢ଼ୀ ପରେ ପିଢ଼ୀ ସଂସ୍କୃତ ଭାଷାଟି ସେପରି ଶ୍ରଦ୍ଧା ବା ଭଲ ପାଇବା ପାଉନାହିଁ । ଆସନ୍ତୁ ଆଜିପରି ଏକ ଅନୁଚିନ୍ତନର ଦିବସରେ ସଂସ୍କୃତର ଭାଷାକୁ ଭଲପାଇବାର, ଜାଣିବାର ଶ୍ରଦ୍ଧା ବଢ଼ାଇବାର ସ୍ମରଣୀୟ ଦିବସଟିଏ ହେଉ । ଏହି ଦିବସଟି ଆମ ସମସ୍ତଙ୍କ ପାଇଁ ଏହି ଦେବ ଓ ମହାନ୍ ଭାଷା ପ୍ରତି ମମତାବୋଧକୁ ବଢ଼ାଉ ଏହା ହିଁ କାମନା । ଏହି ପ୍ରସଙ୍ଗରେ ଯୁଗାବତାର ପରମ ପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି – 'ସଂସ୍କୃତ ଭାଷା ହିଁ ହେଉଛି ସମସ୍ତ ଭାଷାର ଆଦିଭାଷା। ଏପରିକି ଇଂରାଜୀ ଭାଷା ମଧ ସଂସ୍କୃତ ଭାଷାରୁ ହିଁ ସୃଷ୍ଟି।' ଶ୍ରୀ ଶ୍ରୀ ଠାକୁର ଆଶା ପ୍ରକାଶ କରିଛନ୍ତି, ଯେ ସଂସ୍କୃତ ଭାଷା ହିଁ ଭାରତର ଜାତୀୟ ଭାଷାର ମାନ୍ୟତା ପାଇବା ଉଚିତ। ସଂସ୍କୃତ ହିଁ ହେଉଛି ଦେବଭାଷା ଓ ଆର୍ଯ୍ୟ ଭାରତ ବର୍ଷର ଋଷି ପରମ୍ପରା ଅନୁଯାୟୀ ସଂସ୍କୃତ ଭାଷାର ଉନ୍ନତି ଉପରେ ଆର୍ଯ୍ୟ ଭାରତ ବର୍ଷର ଉନ୍ନତି, ସଂହତି ଓ ବୈଦିକ ଅନୁଚିନ୍ତନ ତଥା ସର୍ବଧର୍ମ ସମନ୍ୱୟର ପ୍ରଚାର ଓ ପ୍ରସାର ନର୍ଭର କରେ।


ପ୍ରଫେସର, ହେପାଟୋଲୋଜି ବିଭାଗ,
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭


## ଦ୍ରୁତ ଗତିରୁ ହିଁ ବଡ଼ ସଡ଼କ ଦୁର୍ଘଟଣା

॥ ଅଭୟ କୁମାର ଦାସ ॥

ଦ୍ରୁତଗତି ମହାବିପତ୍ତି। ଦ୍ରୁତଗତିରେ ଗାଡ଼ି ଚାଳନା କଲେ ଦୁର୍ଘଟଣା ନିଶ୍ଚିନ୍ତ ଓ ଜୀବନ ସଙ୍କଟାପନ୍ନ ସୁନିଶ୍ଚିତ। ତେବେ ଏନେଇ ରାଜ୍ୟ ସରକାର ସବୁବେଳେ ଚିନ୍ତା ପ୍ରକଟ କରୁଛନ୍ତି ଓ ଓଡ଼ିଶା ଏକ ଦୁର୍ଘଟଣା ପ୍ରବଳ ରାଜ୍ୟ ହୋଇଥିଲେ ବି ସରକାରଙ୍କ ବ୍ୟାପକ ସଚେତନତା ପାଇଁ କିଛିକାଂଶରେ ଦୁର୍ଘଟଣା ହ୍ରାସ ପାଉଛି। ନିକଟରେ ଏକ ସରକାରୀ ପରିସଂଖ୍ୟାନର ତଥ୍ୟ ଅନୁଯାୟୀ ଦ୍ରୁତଗତିରୁ ଓଡ଼ିଶାରେ ପ୍ରାୟ ୭୦% ଦୁର୍ଘଟଣା ଘଟୁଛି। ଗଲା ୧୦ ବର୍ଷ ରାଜ୍ୟରେ ପ୍ରାୟ ୪୫ ହଜାର ବ୍ୟକ୍ତିଙ୍କ ମୁଣ୍ଡ ଗଡ଼ିଲାଣି। ଯେଉଁଥିରୁ ୭୦% ହେଉଛନ୍ତି ଯୁବପିଢ଼ି। ଦୁର୍ଘଟଣାପ୍ରବଣ ଜିଲ୍ଲା ହେଉଛି ଯାଜପୁର, ମୟୂରଭଞ୍ଜ, ସୁନ୍ଦରଗଡ଼, କେନ୍ଦୁଝର, ଗଞ୍ଜାମ, କଟକ ଓ ଖୋର୍ଦ୍ଧା। ଦୁର୍ଘଟଣାର ଏହି ବର୍ଦ୍ଧିତ ଗ୍ରାଫକୁ ନେଇ ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ଚିନ୍ତା ପ୍ରକଟ କରିଛନ୍ତି। ସଡ଼କ ସୁରକ୍ଷାଜନିତ ଯୋଜନା, ସଚେତନତା ଓ ଅଭିଯାନକୁ ଆହୁରି କ୍ରିୟାଶୀଳ କରାଇବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ମିଳିଛି।

ନିକଟରେ ରାଜ୍ୟ ସରକାରଙ୍କ ପରିବହନ ବିଭାଗର ମନ୍ତ୍ରୀଙ୍କ ତଥ୍ୟ ଅନୁଯାୟୀ ଆମ ଦେଶର ମୋଟରଯାନ ସଂଖ୍ୟା ସାରା ବିଶ୍ୱ ତୁଳନାରେ ମାତ୍ର ଏକ ପ୍ରତିଶତ। କିନ୍ତୁ ସର୍ବାଧିକ ୧୧ ଭାଗ ସଡ଼କ ଦୁର୍ଘଟଣା ଆମ ଦେଶରେ ଘଟୁଛି। ୨୦୨୨ରେ ୧.୪ ଲକ୍ଷ ଲୋକ ଦୁର୍ଘଟଣାରୁ ମରିଥିଲେ। ପ୍ରତି ଘଣ୍ଟାରେ ହାରାହାରି ୧୬ଜଣଙ୍କ ମୁଣ୍ଡ ଗଡୁଛି। ଚିନ୍ତାର ବିଷୟ ଯେ ଓଡ଼ିଶାରେ ଶହେ ଦୁର୍ଘଟଣାରୁ ୪୮ ଜଣ ମରୁଥିବା ବେଳେ ଜାତୀୟ ସ୍ତରରେ ଏହା ୩୬ରେ ସୀମିତ। ୨୦୨୩ ଜାନୁୟାରୀରୁ ଜୁନ ଭିତରେ ଗତବର୍ଷ ତୁଳନାରେ ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା ପ୍ରାୟ ୫% ବଢ଼ିଛି। ୨୦୨୩ରେ ୬୨୭୨ ଦୁର୍ଘଟଣାରୁ ୨୯୯୧ ଜଣଙ୍କ ପ୍ରାଣ ଯାଇଥିବାବେଳେ ୨୦୨୨ ମୋଟ ୨୮୪୯ ଜଣ ମରିଥିଲେ। ୨୦୨୨ ମସିହାରେ ୫୪୬୭ ଜଣଙ୍କ ଦୁର୍ଘଟଣାଜନିତ ମୃତ୍ୟୁ ଘଟିଛି। ହେଲମେଟ ନ ପିନ୍ଧିବାରୁ ୧୬୯୫ ଜଣ ବାଇକ ଆରୋହୀଙ୍କ ପ୍ରାଣ ଯାଇଛି। ହେଲମେଟ ପିନ୍ଧି ଗାଡ଼ି ଚଳାଇବାକୁ ସେ ଗୁରୁତ୍ୱ ଦେଇଥିଲେ। ମୁଖ୍ୟମନ୍ତ୍ରୀ ସଡ଼କ ସୁରକ୍ଷା ଯୋଜନା ପାଇଁ ୧୪୫ କୋଟି ଟଙ୍କାର ବଜେଟ ବନାଯାଇଛି। ରାସ୍ତା ପାର୍ଶ୍ୱ ଗ୍ରାମାଞ୍ଚଳରୁ ଅତିକମରେ ୧୦ଜଣ ବ୍ୟକ୍ତିଙ୍କୁ ଦୁର୍ଘଟଣାଜନିତ ପ୍ରାଥମିକ ଚିକିତ୍ସା ସମ୍ପର୍କରେ ପ୍ରଶିକ୍ଷଣ ଦିଆଯିବ। ବିଶେଷଜ୍ଞମାନେ ସ୍କୁଲ ଓ କଲେଜ ଛାତ୍ରଛାତ୍ରୀଙ୍କୁ ସଚେତନ କରାଇବା ଆବଶ୍ୟକ। ସଡ଼କ ଦୁର୍ଘଟଣା ପୀଡ଼ିତଙ୍କୁ ସାହାଯ୍ୟ ପାଇଁ ଏକ ସ୍ୱେଚ୍ଛାସେବୀ ଗୋଷ୍ଠୀ ଗଢ଼ାଯାଇଛି। ସେମାନଙ୍କୁ ଫାଷ୍ଟ ରେସପୋଣ୍ଡର ଟ୍ରେନିଂ ଦିଆଯାଉଛି। ବ୍ଲାକ ସ୍ପଟକୁ ସର୍ଭେ କରାଯାଇ ତ୍ରୁଟି ସୁଧରାଯାଉଛି। ରୋଡ଼ ସାଇନେଜ ଅଡ଼ିଟ କରାଯାଉଛି। ଇଣ୍ଟେଲିଜେଣ୍ଟ ଟ୍ରାଫିକ ପରିଚାଳନାରେ ଇ-ଡିଟେକ୍ସନ ଯୋଗେ ଅମାନିଆ ସାବାଡ଼ ହେଉଛନ୍ତି। ସିସିଟିଭି ସଂଯୋଗ ପାଇଁ ୨୦୦ କୋଟି ଟଙ୍କା ବ୍ୟୟ ହେଉଛି।


ପରିବହନ ଆୟୁକ୍ତଙ୍କ କହିବାନୁଯାୟୀ ୨୦୨୩ ଜାନୁଆରୀରୁ ଜୁନ ଭିତରେ ଖୋର୍ଦ୍ଧା ଜିଲ୍ଲାରେ ସର୍ବାଧିକ ୫୯୭ଟି ଦୁର୍ଘଟଣା ଘଟିଛି। ସୁନ୍ଦରଗଡ଼ରେ ୪୫୩, କଟକରେ ୪୦୪, କେନ୍ଦୁଝରରେ ୪୦୩, ଗଞ୍ଜାମରେ ୩୮୬ ଦୁର୍ଘଟଣା ହୋଇଛି। ଯାନବାହନର ଅତ୍ୟଧିକ ବେଗ, ନିଶାସକ୍ତ ହୋଇ ଗାଡ଼ିଚାଳନା, ବିପରୀତ ପାର୍ଶ୍ୱରେ ଗାଡ଼ି ଚାଳନା, ମୋବାଇଲ ଫୋନ ଧରି ଗାଡ଼ି ଚଳାଇବାରୁ ଅଧିକାଂଶ ଦୁର୍ଘଟଣା ଘଟୁଛି। ଓଡ଼ିଶାରେ ପ୍ରତିବର୍ଷ ପ୍ରାୟ ୫ ହଜାର ଲୋକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଉଥିବା ବେଳେ ଏହାର ଦୁଇଗୁଣା ଆହତ ହେଉଛନ୍ତି। ଜାତୀୟ ଓ ରାଜ୍ୟ ରାଜପଥରେ ପ୍ରାୟ ୭୦% ଦୁର୍ଘଟଣା ଘଟୁଥିବାବେଳେ ଏଥିରେ ମୃତାହତଙ୍କ ସଂଖ୍ୟା ମଧ ଅଧିକ। ସହର ଭିତରେ ଥିବା ଛକ ଭଳି ରାଜପଥରେ ଟ୍ରାଫିକ ନିୟମ ଉଲ୍ଲଙ୍ଘନକାରୀଙ୍କୁ ଅଟକାଇ ଯାଞ୍ଚ କରିବା ସମ୍ଭବ ନୁହେଁ। ଏହାକୁ ଦୃଷ୍ଟିରେ ରଖି ସୂଚନା ପ୍ରଯୁକ୍ତିକୁ ଉପଯୋଗ କରି ରାଜପଥ ଉପରେ ସଡ଼କ ଦୁର୍ଘଟଣା ହ୍ରାସ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ଓଡ଼ିଶା ସରକାରଙ୍କ ପରିବହନ ବିଭାଗ ସର୍ବାଧିକ ଗୁରୁତ୍ୱ ଦେଇ ଲୋକମାନଙ୍କର ଧନଜୀବନ ଓ ସଡ଼କ କ୍ଷେତ୍ରକୁ ପ୍ରାଥମିକତା ଦେବା ଦ୍ୱାରା ରାଜ୍ୟରେ ଉଦବେଗଜନକ ଭାବେ ସଡ଼କ ଦୁର୍ଘଟଣା ଓ ଦୁର୍ଘଟଣାଜନିତ ମୃତ୍ୟୁ ହ୍ରାସ ପାଇଛି। ଏ କ୍ଷେତ୍ରରେ ସର୍ବଭାରତୀୟ ସ୍ତରରେ ଓଡ଼ିଶା ପ୍ରଥମ ରାଜ୍ୟର ମାନ୍ୟତା ପାଇଛି।


ଗୋଠରା, ମାହାଙ୍ଗା, କଟକ



ମହାଭାରତ
# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା





## ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ସଂପର୍କରେ ସଚେତନତା



**କନ୍ଧମାଳ,(ମହାଭାରତ) :** ଫିରିଙ୍ଗିଆ, ଅଗ୍ରଣୀ ଅନୁଷ୍ଠାନ ସ୍ୱାତୀ ଓ କ୍ରାଏ ର ମିଳିତ ସହଯୋଗରେ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ସଂପର୍କରେ କିପରି ସବୁ ସ୍ତରରେ ବ୍ୟବହାର ପରିବର୍ତ୍ତନ ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର, ଫିରିଙ୍ଗିଆ ଠାରେ ଅନୁଷ୍ଠିତ ହୋଇଜାଇଅଛି । ଏଥିରେ ଆଗ ଧାଡି ସ୍ୱାସ୍ଥ୍ୟ କର୍ମୀ ଏ.ଏନ୍.ଏମ୍, ଅଙ୍ଗନବାଡୀ କର୍ମୀ, ଆଶା, ସି.ଏଚ୍.ଓ, ଗାଁ କଲ୍ୟାଣ ସମିତି ର ସଭ୍ୟ ଓ ସଭ୍ୟା, ପଂଚାୟତ ପ୍ରତିନିଧି ଯୋଗଦାନ କରିଥିଲେ । ମାତୃ ଶିଶୁ ସ୍ୱାସ୍ଥ୍ୟ ର ମୁଖ୍ୟ ସମସ୍ୟା କମ୍ ଓଜନ ର ଶିଶୁ ଜନ୍ମ, ରକ୍ତ ହିନତା, କୁପୋଷଣ ଓ ଅନ୍ଧ ବିଶ୍ୱାଶ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଏହି ସଚେତନତା କାର୍ଯ୍ୟକ୍ରମରେ ଫିରିଙ୍ଗିଆ ଗୋଷ୍ଠି ସ୍ୱାସ୍ଥ୍ୟ ଅଧିକାରୀ ଡା.ପ୍ରବୋଧ ପ୍ରଧାନ ବିଭିନ୍ନ ଅବହେଳିତ ଦିଗ ଅଂଶଗ୍ରହଣ କାରୀଙ୍କ ଆଗରେ ରଖିଥିଲେ । ଗାଁ କଲ୍ୟାଣ ସମିତି ର ବୈଠକ ର ଗୁରୁତ୍ୱ, ମମତା ଦିବସ ସଂପୂର୍ଣ୍ଣ ଉପସ୍ଥାନ ଓ ଶାଶୁ ବୋହୁ ସମ୍ମିଳନୀ ଆଦି କାର୍ଯ୍ୟକ୍ରମ ମାଧ୍ୟମରେ ଏହାର ସମ୍ଭବ ବୋଲି ଉପସ୍ଥାନ କରିଥିଲେ । ଫିରିଙ୍ଗିଆ ମହିଳା ଓ ଶିଶୁ ବିକାଶ ଅଧିକାରୀ ନିବେଦିତା ପ୍ରଧାନ ଗର୍ଭବତୀ ମହିଳା ମାନେ ଉପଯୁକ୍ତ ଖାଦ୍ୟ ଗ୍ରହଣ ସହିତ ନିୟମିତ ବାଡିବଗିଚା ର ପନିପରିବା ଖାଇଲେ କୁପୋଷଣ କିଛି ମାତ୍ରାରେ କମ୍ଫରି ହେବ ତାଙ୍କ ମନ୍ତବ୍ୟରେ ରଖିଥିଲେ । ଆହ୍ୱନ ଏଡ୍ ର ଜିଲ୍ଲା ସଂଯୋଜିକା ସନ୍ଧ୍ୟାରାଣୀ ନାୟକ କିଶୋରୀ ଅବସ୍ଥାରେ ରକ୍ତହିନତା ଦୂର ପାଇଁ ଆଇରନ୍ ବଟିକା ସେବନ ର ପ୍ରକ୍ରିଆ ଓ ପ୍ରତି ଶନିବାରେ କିଶୋରୀ ମାନେ ଆଦ୍ୱିବିକା କାର୍ଯ୍ୟକ୍ରମରେ ଯୋଗଦେଇ ନିଜର ଦକ୍ଷତା ବୃଦ୍ଧି ସହିତ କୌଶଳ ଶିକ୍ଷା କରି ନିଜେ ସ୍ୱାବଲମ୍ବି ହେବେ କହିଥିଲେ । ଲୁଇସିଂ ସରପଞ୍ଚ ସୁଦର୍ଶନ କହଁର ଗାଁ ଗହଳିର ଲୋକମାନଙ୍କୁ ସଚେତନତା କରିବା ପାଇଁ ପଂଚାୟତ ସ୍ତରରେ ଏହିଭଳି ସଭାର ଆବଶ୍ୟକତା ଉପରେ ଗୁରୁତ୍ୱ ଆରୋପ କରିଥିଲେ । ଜିଲ୍ଲାରେ ପାଖା ପାଖି ୧୦୦ ଜଣରୁ ୪ ଜଣ ଗର୍ଭବତୀ ମା ୧୮ ବର୍ଷରୁ କମ୍ ଥିବା ବେଳେ ପାଖାପାଖି ୧୦୦ ରୁ ୮ ଜଣ ଦୃବଳ ଶିଶୁ ଏକ ଗଭିର ଚିନ୍ତାର ବିଷୟ, ଏହି ଦିଗରେ ପଂଚାୟତ ର ମାସିକ ବୈଠକରେ ଆଲୋଚନା କୁ ତ୍ୱରାନିତ କରିବା ପାଇଁ ପଦକ୍ଷେପ ନେବେ ବୋଲି କହିଥିବା ବେଳେ ବାଲନ୍ଦାପଡା ସରପଞ୍ଚ ନିରାକାର ନାୟକ ଦୃବଳ ଶିଶୁ ଚିହ୍ନଟି କରିବା ଓ ସବୁବର୍ଗର ଲୋକ ଏହିଦିଗରେ ସଚେତନତା ହେବା ଆବଶ୍ୟକ ବୋଲି କହିଥିଲେ । ସ୍ୱାତୀ କାର୍ଯ୍ୟକରୁଥିବା ବାଲନ୍ଦାପଡା ଅଂଚଳର ମାତୃ ଓ ଶିଶୁ ସମ୍ବଧିୟ ତଥ୍ୟ ବରିଷ୍ଠ କର୍ମୀ ପ୍ରଦୀପ କୁମାର ସ୍ୱାଇଁ ଉପସ୍ଥାପନ କରିଥିଲେ । ସ୍ୱାତୀ ର କୋଶାଧକ୍ଷ୍ୟ ଶାନ୍ତନୁ କୁମାର ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିବା ସହିତ ଏହି ଅବସରରେ ସ୍ୱାତୀ ଦ୍ୱାରା ପ୍ରକାଶିତ ସାମାଜିକ ବ୍ୟବହାର ପରିବର୍ତ୍ତନ ତଥ୍ୟଭିତିକ ବହି ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚନ ହୋଇଥିଲା । ଏହି କାର୍ଯ୍ୟକ୍ରମ କୁ ପରିଚାଳନା ରେ ସ୍ୱାତୀ ର କର୍ମୀ ଆଲୋକ ସାମନ୍ତ ରାଏ, ଶସ୍ମିତା ନାୟକ, ବିବିସ୍ମିତା ନାୟକ, ବିନ୍ଧ୍ୟାରାଣୀ ପ୍ରଧାନ, ଗୌତମ ମଲ୍ଲିକ, ମାନସ ପ୍ରଧାନ, ଅପରାଜିତା ଜାନି, ସହଯୋଗ କରିଥିଲେ ।

## ଭୁବନେଶ୍ୱରରେ ବି ଲୁଟିଛନ୍ତି 'କେ-ଗ୍ୟାଙ୍ଗ୍'

### 'କେ-ଗ୍ୟାଙ୍ଗ' ନିକଟରେ ପହଞ୍ଚି ପାରୁନି ସଦର ଥାନା ପୁଲିସ

**ନୟାଗଡ,(ମହାଭାରତ) :** ବର୍ତ୍ତମାନ ନୟାଗଡ଼ ଜିଲ୍ଲାରେ 'କେ-ଗ୍ୟାଙ୍ଗ୍' କୁ ନେଇ ଚର୍ଚ୍ଚା । ଏହି ଗ୍ୟାଙ୍ଗ ହିଁ ଜିଲ୍ଲାରେ ଗୋଟିଏ ପରେ ଗୋଟିଏ ପରେ ଡକାୟତି କରି ପୁଲିସକୁ ଚ୍ୟାଲେଞ୍ଜ କରି ଚାଲିଛନ୍ତି । ବର୍ତ୍ତମାନ ଏହି ଗ୍ୟାଙ୍ଗ୍‌ର ସଦସ୍ୟ ମାନଙ୍କୁ ପୁଲିସ ଚିହ୍ନଟ କରି ସାରିଲାଣି । ଚୋରିରେ ସମ୍ପୃକ୍ତ ଡକାୟତ ମାନଙ୍କୁ ପୁଲିସ ଖୋଜିବା ଆରମ୍ଭ କରିଛି । ଖୁବ୍‌ଶୀଘ୍ର ସମସ୍ତଙ୍କୁ ଗିରଫ କରାଯିବ ବୋଲି ପୁଲିସ କହୁଥିଲେ ମଧ ଏ ପର୍ଯ୍ୟନ୍ତ ଏହି ଡକାୟତ ମାନଙ୍କ ନିକଟରେ ପହଞ୍ଚିପାରିନାହିଁ । ଏହି ଗ୍ୟାଙ୍ଗର ସଦସ୍ୟମାନେ ପେଷାଦାର ଡକାୟତ ଭାବେ ଜଣାଶୁଣା । ସେମାନେ ଦିନରେ ବୁଲି ବୁଲି ଗାଁରେ ଘର ସବୁକୁ ନଜର କରନ୍ତି ରାତିରେ ସେମାନଙ୍କ ଘରୁ କଳାକନା ବୁଲାନ୍ତି । ସେମାନେ ମୋବାଇଲ ବ୍ୟବହାର କରନ୍ତି ନାହିଁ କି ବ୍ୟାଙ୍କ ନେଣଦେଣ ମଧ ନାହିଁ । ଫଳରେ ବୈଷୟିକ ଜ୍ଞାନକୌଶଳ ସହାୟତାରେ ସେମାନଙ୍କ ନିକଟରେ ପୁଲିସ ପହଞ୍ଚିବା ସମ୍ଭବ ହେଉନାହିଁ । କେବଳ ସିସିଟିଭି ଫୁଟେଜରୁ ମିଳିଥିବା ଚିତ୍ରକୁ ଦେଖି ପୁଲିସ ନିଜର ଗୁପ୍ତଚରଙ୍କୁ ସକ୍ରିୟ କରି ସେମାନଙ୍କ ନିକଟରେ ପହଞ୍ଚିବା ପାଇଁ ପ୍ରୟାସ ଚଳାଇଛି । ଜିଲ୍ଲାରେ ସଦର ଥାନା ଓ ଫତେଗଡ଼ ଥାନା ଅଧୀନରେ ହୋଇଥିବା ଦୁଇଟି ବଡ଼ ବଡ଼ ଚୋରି ଘଟଣାରେ ଏସ୍‌ଡିପିଓ ଓ ଥାନା ଇନ୍ସପେକ୍ଟର ମିଳିତ ଭାବେ ତଦନ୍ତ କରୁଛନ୍ତି । ନିଜେ ଏସ୍ ?ପି ଏହି ମାମଲା ଉପରେ ପ୍ରତ୍ୟକ୍ଷ ନଜର ରଖିଛନ୍ତି । ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏହି ଗ୍ୟାଙ୍ଗ୍ ରାଜଧାନୀର ବିଭିନ୍ନ ସ୍ଥାନରେ ଡକାୟତି କରିଥିବା ଜଣାପଡ଼ିଛି । କମିସନରେଟ୍ ପୁଲିସ ମଧ ସେମାନଙ୍କୁ ଗିରଫ କରିବାରେ ସକ୍ଷମ ହୋଇନାହିଁ । ପରେ ଏହି ଗ୍ୟାଙ୍ଗ୍ ନୟାଗଡ଼କୁ ପଶି ଆସିଥିବା ଅନୁମାନ କରାଯାଉଛି । ଶୁଣିବାକୁ ମିଳୁଛି, ଡକାୟତି କରିବା ପରେ ଏହି ଗ୍ୟାଙ୍ଗ୍ ?ର ସଦସ୍ୟମାନେ ଅଲଗା ଅଲଗା ହୋଇ ଆଉ ଏକ ଜିଲ୍ଲାକୁ ପଳାନ୍ତି । ଫଳରେ ସେମାନେ ଗୋଟିଏ ସ୍ଥାନରେ ଏକାଠି ରହିଥିବା ଦେଖିବାକୁ ମିଳନ୍ତି ନାହିଁ । ଏଣୁ ଏହି ଗ୍ୟାଙ୍ଗକୁ ଧରିବା ସମ୍ଭବ ହେଉ ନାହିଁ । ବର୍ତ୍ତମାନ ଏହି ଗ୍ୟାଙ୍ଗ୍ ?କୁ ଧରିବା ପାଇଁ ଜିଲ୍ଲା ପୁଲିସର ବଛା ବଛା ଅଧିକାରୀ ମାନଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇଛି । କଟକ-ଟାଙ୍ଗୀ ଅଞ୍ଚଳରେ ଏହି 'କେ-ଗ୍ୟାଙ୍ଗ୍' ର ସଦସ୍ୟ ମାନେ ରହୁଥିବା ଜଣାପଡ଼ିଛି । ପୂର୍ବରୁ ନୟାଗଡ଼ ଜିଲ୍ଲାରେ ଏହିପରି ଡକାୟତି ହୋଇଥିବା ଦେଖିବାକୁ ମିଳିନାହିଁ । ଏଣୁ ଏହି ଗ୍ୟାଙ୍ଗ ନୟାଗଡ଼କୁ କାହିଁକି ବାଛିଲେ, ତାହା ଜଣାପଡୁନାହିଁ । ପୁଲିସକୁ ଚକମା ଦେବାରେ ସିଦ୍ଧହସ୍ତ ଏହି ପେଷାଦାର ଡକାୟତ ମାନଙ୍କ ନାଁରେ ରାଜ୍ୟର କୋଣ ଅନୁକୋଣରେ ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଛି । ଘଟଣା ଘଟିବା ଦିନ ନୟାଗଡ଼ର ବିଭିନ୍ନ ସ୍ଥାନରେ ସେମାନେ ସନ୍ଦେହ ଜନକ ଅବସ୍ଥାରେ ବୁଲୁଥିବା ଦେଖିବାକୁ ମିଳିଛି । ସେହିଦିନ ସନ୍ଧ୍ୟା ସମୟରେ ନୟାଗଡ଼ ରାଜବଗିଚା ଓ ଲକ୍ଷ୍ମଣ ନଗରରେ ସେମାନଙ୍କୁ ଦେଖିବାକୁ ମିଳିଥିଲା । ସେହି ସମାନ ସଦସ୍ୟ ମାନଙ୍କୁ ରାତି ପ୍ରାୟ ୧୨ ଟା ୩୦ରେ ଗୋଳଗୋଳା ଗାଁ ନିକଟରେ ଏକ ଦୋକାନରୁ କିଛି ଖାଇବା ସାମଗ୍ରୀ କିଣୁଥିବା ଦେଖିବାକୁ ମିଳିଛି । ଏଣୁ ତୁରନ୍ତ ଡକାୟତ ମାନଙ୍କୁ ଗିରଫ କରିବା ପାଇଁ ସାଧାରଣରେ ଦାବି ହୋଇଛି ।

## ସ୍ମୃତି ଦିବସ ଅବସରରେ ରକ୍ତ ଦାନ ଶିବିର



**ବ୍ୟାସନଗର,(ମହାଭାରତ) :** ରକ୍ତ ଦାନ ମହାପୂଣ୍ୟ । ରକ୍ତ ଦାତା ମହତ ଦାତା. ଏହାକୁ ଦୃଷ୍ଟି ରେ ରଖି ନିଜ ପିତା ଙ୍କ ଶ୍ରାଦ୍ଧ ଦିବସ ଉପଲକ୍ଷେ ପରିବାର ପକ୍ଷରୁ ରକ୍ତ ଦାନ ଶିବିର ର ଆୟୋଜନ କରି ସମାଜ ପାଇଁ ଏକ ଉଧାହରଣ ସାଜିଛନ୍ତି ବ୍ୟାସନଗର ର ମସ୍କରା ପରିବାର । ଯଦି ରକ୍ତ ଦାନ କରି ଅନ୍ୟର ନିରୀହ ଜୀବନବଞ୍ଚି ପାରିଲା ତେବେ ତାଠୁ ପୁଣ୍ୟ କାମ ଆଉ ସଂସାରରେ ନାହିଁ ପରିବାର ଲୋକେ କହିଥିଲେ । ଏହି ରକ୍ତଦାନ ଶିବିର କୁ ବିଧାୟକ ଆକାଶ ଦାସ ନାୟକ ଅନୁଷ୍ଠାନିକ ଭାବେ ଉଦଘାଟନ କରି ଏଭଳି ଏକ ମହତ୍ୱପୂର୍ଣ୍ଣ କାର୍ଯ୍ୟ ପାଇଁ ପରିବାର ଲୋକଙ୍କୁ ଧନ୍ୟବାଦ ଜଣାଇଥିଲେ । ଆହୁରି ମଧ ଆଜି ପାଇଁ ପରିବାର ପକ୍ଷରୁ ବ୍ୟାସନଗର ଗୋଶାଳା ରେ ରହିଥିବା ଶହ ଶହ ଗୋମାତା ଙ୍କ ପାଇଁ ସମସ୍ତ ଖାଦ୍ୟ ର ବ୍ୟବସ୍ଥା ମଧ କରାଯାଇଥିଲା. ସମାଜରେ ଏଭଳି ଏକ କାମ ପାଇଁ ମସ୍କରା ପରିବାର ଙ୍କୁ ସାଧାରଣ ରେ ପ୍ରଶଂସା କରାଯାଉଛି. ।

## ଭିଜିଲାନ୍ସ ଜାଲରେ ଲାଞ୍ଚୁଆ ଆରଆଇ



**କନ୍ଧମାଳ,(ମହାଭାରତ) :** ଭିଜିଲାନ୍ସ ଜାଲରେ ପଡିଛନ୍ତି ଜଣେ ଲାଞ୍ଚୁଆ ଆରଆଇ । ଜଣେ ବ୍ୟକ୍ତିଙ୍କ ଜମି ପଟ୍ଟା ବାବଦରେ ୫ ହଜାର ଟଙ୍କା ଲାଞ୍ଚ ନେବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଲେ ରାଜସ୍ୱ ନିରୀକ୍ଷକ । କନ୍ଧମାଳ ଜିଲ୍ଲା କୋଟଗଡ଼ ତହସିଲ ଦୁର୍ଗାପଙ୍ଗା ଅଞ୍ଚଳର ଆରଆଇ ଦିଲ୍ଲିପ ସାହୁ ଲାଞ୍ଚ ନେବା ବେଳେ ଭିଜିଲାନ୍ସ ତାଙ୍କୁ ଗିରଫ କରିଛି । ସୂଚନା ଅନୁଯାୟୀ, ଆରଆଇ ଜଣଙ୍କ ଜମି ପଟ୍ଟା କାଗପତ୍ର ହସ୍ତାନ୍ତରଣ କରିବା ବାବଦରେ ବେଆଇନ ଭାବେ ବ୍ୟକ୍ତିଙ୍କଠାରୁ ୫ ହଜାର ଟଙ୍କା ଦାବି କରିଥିଲେ । ଏହି ଘଟଣାକୁ ନେଇ ଭିଜିଲାନ୍ସର ଦ୍ୱାରସ୍ତ ହୋଇଥିଲେ ଅଭିଯୋଗକାରୀ । ଏହି ଘଟଣାର ଖବର ପାଇ ଭିଜିଲାନ୍ସ ଟିମ ଚଢାଉ କରିଥିଲା । ଆରଆଇ ଜଣଙ୍କ ୫ ହଜାର ଟଙ୍କା ଲାଞ୍ଚ ଟଙ୍କା ଲାଞ୍ଚ ନେବା ବେଳେ ଟଙ୍କା ସହ ତାଙ୍କୁ ଧରିଛଇ ଭିଜିଲାନ୍ସ ଟିମ । ଆରଆଇଙ୍କ ଠାରୁ ସମସ୍ତ ଲାଞ୍ଚ ଟଙ୍କା ଜବତ କରାଯାଇଛି । ଏଥି ସହିତ ଘଟଣାକୁ ନେଇ ବ୍ରହ୍ମପୁର ଭିଜିଲାନ୍ସରେ ଏକ ମାମଲା ରୁଜୁ ହେବା ସହ କୋଟଗଡ଼ରେ ଥିବା ଆରଆଇ ଦିଲ୍ଲିପ ସାହୁଙ୍କ ସରକାରୀ ବାସ ଭବନ ସମେତ ନିଜ ଘର ଖଜୁରୀପଡ଼ାରେ ମଧ ରେଡ୍ କରୁଛି ଭିଜିଲାନ୍ସ ଟିମ୍ ।

## ସଡକ ସୁରକ୍ଷା କମିଟି ବୈଠକ



**ଅନୁଗୋଳ,(ମହାଭାରତ) :** ଜିଲ୍ଲା ସଡକ ସୁରକ୍ଷା କମିଟିର ଏକ ବୈଠକ ଆଜି ପୂର୍ବାହ୍ନରେ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଜିଲ୍ଲାପାଳ ଶ୍ରୀ ମହମ୍ମଦ ଅବ୍ଦାଲ୍ ଅଖତରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକର ପ୍ରାରମ୍ଭରେ ଜୁନ୍ ମାସରେ ହୋଇଥିବା ଦୁର୍ଘଟଣା, ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ଓ ବିଭିନ୍ନ ପ୍ରକାର ପଦକ୍ଷେପ ଉପରେ ପରିବହନ ବିଭାଗ ଦ୍ୱାରା କମିଟି ସଭ୍ୟଙ୍କୁ ଅବଗତ କରାଯାଇଥିଲା । ପରିବହନ ବିଭାଗ ସୂଚନା ଅନୁଯାୟୀ ଗତ ଜୁନ୍ ମାସରେ ଜିଲ୍ଲାରେ ମୋଟ୍ ୧୬ଟି ଦୁର୍ଘଟଣା ଘଟିଥିବା ବେଳେ ୦୮ ଜଣଙ୍କର ମୃତ୍ୟୁ ଘଟିଛି, ୦୬ ଜଣ ଗୁରୁତର ଆହତ ୦୨ ଜଣ ସାମାନ୍ୟ ଆହତ ହୋଇଛନ୍ତି । ଏହି ଦୁର୍ଘଟଣା ମଧ୍ୟରୁ ଗତ ମାସରେ ୦୭ଟି ଦୁର୍ଘଟଣା ଜାତୀୟ ରାଜପଥରେ ଘଟିଥିବା ବେଳେ ୦୯ଟି ଦୁର୍ଘଟଣା ରାଜ୍ୟ ରାଜପଥ ଓ ଅନ୍ୟାନ୍ୟ ଅଞ୍ଚଳରେ ଘଟିଛି । ଗତ ମାସରେ ୪୦୨ ଜଣ ବିନା ହେଲମେଟ୍, ୨୯ ଜଣ ବିନା ସିଟବେଲ୍ଟ ଓ ୮୫୩ ଜଣଙ୍କ ଠାରୁ ଦ୍ରୁତ ଗାଡି ଚାଳନା ପାଇଁ ଜୋରିମନା ଆଦାୟ କରାଯାଇଥିବା ବେଳେ ୪୬୫ ଜଣଙ୍କର ଲାଇସେନ୍ସ ନିଲମ୍ବନ କରାଯାଇଥିଲା, ୨୫ ଜଣ ମଦ୍ୟପାନ କରି ଗାଡିଚାଳନା ଓ ୨୧ଟି ଗାଡି ଜବତ କରାଯାଇଥିଲା ।ପୋଲିସ ଓ ପରିବହନ ବିଭାଗର ଅଧିକାରୀ ମିଳିତ ଚଢାଉ କରି ଯାନବାହାନ, ହେଲମେଟ୍, ସିଟ୍ ବେଲ୍ଟଇତ୍ୟାଦିର କଡାକାଡି ଯାଞ୍ଚ କରବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ବୈଠକରେ ପୂର୍ବ ବିଭାଗର ରାସ୍ତା (ଜରାସିଂହା), ଜାତୀୟ ରାଜପଥ ୪୯ (ପାଲଲହଡା ବାଇପାସ୍ ଜଙ୍କସନ୍ ), ଜାତୀୟ ରାଜପଥ ୫୫ (ପଞ୍ଚମହଲା ଓ ସାଆଁନ୍ତରାପୁର) ଜାତୀୟ ରାଜପଥ ୧୪୯ (ଟାଇଁପାଳ ଓଭରବ୍ରିଜ୍, ବଲ୍ଲହର ଛକଠାରୁ ବଅଁରପାଳ) ଗୁଡିକର ଖୁବ୍ ଶୀଘ୍ର ମରାମତି କରିବା ନେଇ ଗୁରୁତ୍ୱ ଆରୋପ କରାଯାଇଥିଲା । ଏହି ବୈଠକରେ ଆଇଏ ଏସ୍ ପ୍ରୋବେସନରୀ ତେଜସ୍ୱିନୀ ବେହେରା, ଅନୁଗୋଳ ଆଞ୍ଚଳିକ ପରିବହନ ଅଧିକାରୀ ଶ୍ରୀ ନିଷ୍କଳ କୁମାର ପଟ୍ଟନାୟକ, ଉପ ଆରକ୍ଷୀ ଅଧିକ୍ଷକ ଶ୍ରୀମତୀ ଲଳିତା ଲାକ୍ରା, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରିଣୀ ଶ୍ରମତୀ ପ୍ରତିଭା ବାରିକ ଓ ଟ୍ରକ ମାଲିକ ସଂଘର ସଭାପତି ଶ୍ରୀ ଅମ୍ବିକା ପ୍ରସାଦ ଭଞ୍ଜଙ୍କ ସମେତ ଜାତୀୟ ରାଜପଥ ଓ ବିଭିନ୍ନ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଖଜୁରୀପଡ଼ାରେ ପାଳିତ ହେଲା ପବିତ୍ର ଶ୍ରୀଗୁଣ୍ଡିଚା ରଥଯାତ୍ରା



**କନ୍ଧମାଳ,(ମହାଭାରତ) :** ଓଡିଆର ମଉଡ ମଣି ଜଗତର ନାଥ ଜଗନ୍ନାଥଙ୍କ ଶ୍ରୀକ୍ଷେତ୍ର ପୁରୀ ଧାମରେ ପବିତ୍ର ଶ୍ରୀଗୁଣ୍ଡିଚା ରଥଯାତ୍ରା ପାଳିତ ହୋଇଥାଏ । ସେହି ପରି ଓଡିଶା ପ୍ରତ୍ୟେକ ଅଞ୍ଚଳରେ ଏହି ପବିତ୍ର ଉତ୍ସବ ପାଳନ କରାଯାଇଥାଏ । ପ୍ରଭୁ ଭାଇ ଭଉଣୀଙ୍କୁ ସାଥିରେ ନେଇ ବଡଦେଉଳରୁ ବାହାରି ଭକ୍ତ ଙ୍କୁ ଦର୍ଶନ ଦେଇ ନଅ ଦିନ ପାଇଁ ମାଉସୀ ଘରକୁ ଯାଇଥାନ୍ତି । ନଅ ଦିନ ପରେ ବାହୁଡ଼ା ଯାତ୍ରାରେ ଶ୍ରୀମନ୍ଦିରକୁ ଫେରିଥାନ୍ତି । କନ୍ଧମାଳ ଜିଲ୍ଲାର ଖଜୁରୀପଡାରେ ମଧ ସମାନ ପ୍ରକାରେ ଆଜି ପବିତ୍ର ଘୋଷ ଯାତ୍ରା ପାଳିତ ହୋଇଯାଇଛି । ପ୍ରଥମେ ଠାକୁରଙ୍କୁ ପହୁଣ୍ଡି ବିଜେକରି ରଥାରୂଢ଼ କରାଯାଇଥିଲା । ରଥଟି ଅମୃତ ସରୋବର ନିକଟରୁ ମାଉସୀ ମାଁ ପଞ୍ଚାୟତ ଗୃହ ପର୍ଯ୍ୟନ୍ତ ଟଣା ଯାଇଥିଲା । ଶ୍ରଦ୍ଧାଳୁ ମାନେ ରଥରେ ଚତୁର୍ଦ୍ଧାମୂର୍ତ୍ତି ଜଗନ୍ନାଥ , ବଳଭଦ୍ର ମାଁ ସୁଭଦ୍ରାଙ୍କୁ ଦର୍ଶନ କରି ନିଜ ନିଜର ମନ କଥା ଜଣେଇ ଟାଣି ଟାଣି ନେଇଥିଲେ । ଭକ୍ତ ମାନଙ୍କର ନାମ ସଂକୀର୍ତ୍ତନ ଜୟ ଜଗନ୍ନାଥ ଧ୍ୱନିରେ ଅଞ୍ଚଳ ଉତ୍ସବ ମୁଖର ହୋଇ ଉଠି ଥିବା ଦେଖି ବାକୁ ମିଳିଥିଲା । ବର୍ଷକୁ ଥରେ ଏହି ରଥଯାତ୍ରା ହେଉଥିବାରୁ ଭଗବାନଙ୍କୁ ଦର୍ଶନ କରିବା ପାଇଁ ଶହ ଶହ ଭକ୍ତଙ୍କ ଭିଡ଼ ହୋଇ ଥିଲା । ଏଥିରେ ପରିଚାଳନା କମିଟର ମୁଖ୍ୟ କାର୍ଯ୍ୟକର୍ତ୍ତା ବସନ୍ତ କୁମାର ରାଉତରାୟ ,ସଭାପତି ରାମଚନ୍ଦ୍ର ପଣ୍ଡା, ସମ୍ପାଦକ କୁନା ସାହୁ, କୋଷାଧ୍ୟକ୍ଷ ନୀଳାଞ୍ଚଳ ପଣ୍ଡା, ଉପଦେଷ୍ଟା ମନୋଜ କୁମାର ପଣ୍ଡା, ଗୋକୁଳ ସାହୁ, ନରସିଂହ ଚରଣ ସାହୁ , ପିତାମ୍ବର ଦାଶ ସମେତ କମିଟିର ସଦସ୍ୟ ଅଜୟ କୁମାର ସାହୁ,ବାପୁ ସତପଥୀ,ପ୍ରଭାତ କୁମାର ବେହେରା,ବୁବୁ, ନୀଳା ରାଉତ,ବାବୁଲା ସାମନ୍ତ ରାୟ,କାଳିଆ ମଲ୍ଲିକ,ବଳିଆ ପଣ୍ଡା,ରବି ଚୌଧୁରୀ ,ଆରତ ବେହେରା ପ୍ରମୁଖ ନିଜ ନିଜ କାର୍ଯ୍ୟ ପରିଚାଳନା କରିଥିଲେ । ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଖଜୁରୀପଡା ଥାନା ଅଧିକାରୀ ଚାପଧାରୀ ପ୍ରଧାନଙ୍କ ନେତୃତ୍ୱରେ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା ।

## ଦୁଇ ବାଇକ ଦୁର୍ଘଟଣାରେ ତିନିଜଣ ଗୁରୁତର

**କପ୍ତିପଦା,(ମହାଭାରତ) :** ଦୁଇଟି ବାଇକ ମୁହାଁ ମୁହିଁ ଧକ୍କାରେ ତିନିଜଣ ଗୁରୁତର । କପ୍ତିପଦା ବ୍ଲକ ବଡ଼ ବିଶୋଳ ଉପର ଖୁଣ୍ଟା ଗ୍ରାମର ଦୁଇ ଭାଇ ରବି ଖିଲାର (୧୮)ଓ ଟାର୍ଜନ ଖିଲାର (୨୫) କପ୍ତିପଦା ବଜାରକୁ ଯାଉଥିବା ସମୟରେ କପ୍ତିପଦା ସୋନ ପୋଲ ଉପରେ ଏକ ବାଇକ ପଛ ପଟରୁ ଆସି ତାଙ୍କୁ ଧକ୍କା ଦେବା ଫଳରେ ତିନିଜଣ ଗୁରୁତର ହୋଇ ରାସ୍ତା ଉପରେ ପଡ଼ିଥିବାର ଦେଖି କପ୍ତିପଦା ର ସାମ୍ବାଦିକ ସୁଶାନ୍ତ ମହାନ୍ତି ଓ କିଛି ସ୍ଥାନୀୟ ଲୋକ ଆମ୍ବୁଲାନ୍ସ ଓ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ । ଅଗ୍ନିଶମ ବିଭାଗ ଘଟଣା ସ୍ଥଳରେ ପହଞ୍ଚି ତିନିଜଣଙ୍କୁ ଉଦ୍ଧାର କରି ଉଦଳା ଡାକ୍ତରଖାନାକୁ ପଠାଇଛନ୍ତି । ତେବେ ଦୁଇ ଜଣଙ୍କର ପରିଚୟ ମିଳିଥିବାବେଳେ ଅନ୍ୟ ଜଣଙ୍କର ପରିଚୟ ମିଳିପାରିନାହିଁ ।ତେବେ ତିନି ଜଣଙ୍କ ମଧ୍ୟରୁ ଦୁଇ ଜଣ ଅତ୍ୟଧିକ ଗୁରୁତର ଥିବାରୁ ତାଙ୍କୁ ଉଦଳା ଡାକ୍ତରଖାନା ରୁ ବାରିପଦା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିବା ସୂଚନା ମିଳିଛି । ତେବେ କପ୍ତିପଦା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଦୁଇଟି ବାଇକ କୁ ଜବଦ କରି ଥାନାକୁ ନେଇଯାଇଛନ୍ତି ।

## ହଟକେଶ୍ୱରଙ୍କ ମହାକାଳ ରୂପଦର୍ଶନ କଲେ ଜଗଦ୍‌ଗୁରୁ ସ୍ୱାମୀ ରାମ ଭଦ୍ରାଚାର୍ଯ୍ୟ

**ବେଗୁନିଆ,(ମହାଭାରତ) :**ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ବ୍ଲକ ପ୍ରସିଦ୍ଧ ଏକାଦଶ ରୁଦ୍ର ଶ୍ରୀଶ୍ରୀ ହଟକେଶ୍ୱର ଦେବଙ୍କ ପୀଠରେ ଜଗଦ୍ ?ଗୁରୁ ସ୍ୱାମୀ ରାମ ଭଦ୍ରାଚାର୍ଯ୍ୟ । ଆଜି ଅପରାହ୍ନରେ ସ୍ୱାମୀଜୀ ପୁରୀରୁ ଏକ ସ୍ୱତନ୍ତ୍ର ବସ୍ ?ର ବାବା ହଟକେଶ୍ୱର ମନ୍ଦିରରେ ପହଞ୍ଚିଥିଲେ । ମନ୍ଦିର କମିଟି ପକ୍ଷରୁ ସ୍ୱାମୀଜୀଙ୍କୁ ସ୍ୱାଗତ କରାଯାଇଥିଲା । ସ୍ୱାମୀଜୀ ବାବାଙ୍କ ମହାକାଳ ବେଶ ଦର୍ଶନ କରିବା ସହିତ ପୂଜାର୍ଚ୍ଚନା କରିଥିଲେ । ସେଠାରେ ରାମାୟଣର କିଛି ପଂକ୍ତି ପାଠ କରିବା ସହ ଏହି କ୍ଷେତ୍ର ସମ୍ପର୍କରେ ରାମାୟଣରେ ବର୍ଣ୍ଣନା କରାଯାଇଥିବା ସମ୍ପର୍କରେ କହି ଥିଲେ । ଜଗଦ୍ ?ଗୁରୁ ଜନ୍ମାନ୍ଧ ହୋଇଥିଲେ ମଧ ବାବାଙ୍କ ଦିବ୍ୟ ଦର୍ଶନ କରିଥିବା କହିଥିଲେ । ଆଗାମୀ ଦିନରେ ଓଡ଼ିଶା ଆସିଲେ ହଟକେଶ୍ୱରଙ୍କ ଦର୍ଶନ ପାଇଁ ପୁନର୍ବାର ଆସିବେ ବୋଲି କହିଛନ୍ତି । ପରେ ସ୍ୱାମୀଜୀ ନୟାଗଡ଼ର ପ୍ରସିଦ୍ଧ ର ଘୁ ନାଥଙ୍କ ମନ୍ଦିର ଦର୍ଶନ ପାଇଁ ଯାଇଥିଲେ । ଗୁରୁଜୀଙ୍କୁ ଭେଟିବାକୁ ସହାୟକ ପଣ୍ଡିତ ବିଷ୍ଣୁ ଚରଣ ପଣ୍ଡା, ଦିଲ୍ଲିପ କୁମାର ପଣ୍ଡା, ସରପଞ୍ଚ ମାନସ ବିଶ୍ୱାଳଙ୍କ ସମେତ ମନ୍ଦିରର ସମସ୍ତ ସେବାୟତ, ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ବାଘମାରୀ ପୁଲିସ ଉପନିରୀକ୍ଷକ ଚନ୍ଦନ କୁ ମାର ଦାସଙ୍କ ତତ୍ତ୍ୱାବଧାନରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା ।

## ନୟାଗଡ଼ ଜିଲ୍ଲାରେ ଚର୍ଚ୍ଚା 'ଏସ୍‌ପି ହେବତ ଏମିତି'

- ଆଶିଷର ଇଚ୍ଛା ପୂରଣ କରିବାକୁ ଯାଇ କରିଦେଲେ ଆଇପିଏସ୍ ଅଫିସର
- ମେଧାବୀ ଛାତ୍ରଙ୍କ ପାଠପଢ଼ା ପାଇଁ ଏସ୍‌ପିଙ୍କ ସହାୟତା
- କୋଭିଡ୍‌ରେ ପିତାଙ୍କୁ ହରାଇଥିବା ହାର୍ଦ୍ଦିକଙ୍କୁ ପାଠ ପଢାର ସମସ୍ତ ଖର୍ଚ୍ଚ ବହନ ଉପରେ ମିଳିଲା ପ୍ରତିଶ୍ରୁତି
- ଭୂତଡିହି ଗାଁରେ ହତ୍ୟା ମାମଲା ମୃତକଙ୍କ ପରିବାରକୁ ଭେଟିଲେ ସମବେଦନା ଦେଲେ ଏସ୍‌ପି



**ନୟାଗଡ଼,(ମହାଭାରତ) :** ଭଲ ପାଠ ପଢ଼ିବି ବଡ଼ ହେଲେ ଆପଣଙ୍କ ପରି ଜଣେ ପୁଲିସ ଅଧିକାରୀ ହେବି । ଗତ ସାଧାରଣ ନିର୍ବାଚନ ମତଦାନ ସମୟରେ ଇଟାମାଟି ଥାନା ଅଧୀନ ଶଙ୍ଖଇ ଗାଁକୁ ନୟାଗଡ଼ ଏସ୍‌ପି ରାହୁଲ ଜୈନଙ୍କ ପରିଦର୍ଶନ କରିବାକୁ ଯାଇଥିବା ସମୟରେ ୫ ବର୍ଷର ଆଶିଷ କୁମାର ସ୍ୱାଇଁ ନିଜର ମନକଥା ଏଭଳି କହିଥିଲେ ନୟାଗଡ଼ ଏସ୍ପି ରାହୁଲ୍ ଜୈନ ଙ୍କୁ । ଏହା ଏସ୍‌ପିଙ୍କୁ ଖୁବ ପ୍ରଭାବିତ କରିଥିଲା । ବିଗତ ମଙ୍ଗଳବାର ଦିନ ସେହି ଗାଁରେ ଆମ ପୁଲିସ ସମିତି ବୈଠକରେ ଆଶିଷଙ୍କୁ ଡକାଇ ପୁଲିସ ୟୁନିଫର୍ମ ଉପହାର ଦେଇଥିଲେ ଏସ୍‌ପି ଶ୍ରୀ ଜୈନ୍ । କେବଳ ସେତିକି ନୁହେଁ, ଏହାକୁ ପରିଧାନ କରିବା ପରେ ପୁଲିସ କେମିତି ବ୍ୟବହାର କରେ ଏହା ମଧ ତାଙ୍କୁ ଶିଖାଇ ଦିଆଯାଇଥିଲା । ପୂରା ପୁଲିସ ଶୈଳୀରେ ଆଶିଷ ଚାଲି ଚାଲି ଆସି ଏସ୍‌ପିଙ୍କୁ ସାଲ୍ୟୁଟ୍ କରିଥିଲେ । ଏହି ଦୃଶ୍ୟକୁ ଗ୍ରାମବାସୀ ବେଶ ଉପଭୋଗ କରିଥିଲେ । ଏହାସହ ଏସ୍‌ପି ନିଜ ଅଭିଭାଷଣରେ ଲୋକମାନଙ୍କୁ ଟ୍ରାଫିକ୍ ନିୟନ୍ତ୍ରଣ, ସାଇବର୍ ଠକେଇ ନେଇ ସଚେତନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ଅନ୍ୟ ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ଥିଲେ । ବୈଠକ ପରେ ଏସ୍ ?ପି ଗାଁ ବୁଲିବା ସହ ଗ୍ରାମବାସୀ ଙ୍କ ସହ ଚା' ପିଇଥିଲେ । ସେହିପରି ଗତ ମାସରେ ଇଟାମାଟି ଥାନା ଅଧୀନ ଭୂତଡିହି ଗାଁରେ ଜମିବାଡି ବିବାଦକୁ କେନ୍ଦ୍ରକରି ଘଟିଥିବା ହତ୍ୟାକାଣ୍ଡରେ ମୃତ ସୁବୋଧ ପରିଡ଼ାଙ୍କ ପରିବାରକୁ ଏସ୍‌ପି ରାହୁଲ ଜୈନ୍, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସନାତନ କାଲୋ, ନୟାଗଡ଼ ଏସ୍‌ଡିପିଓ ସୁଦର୍ଶନ ଗାଙ୍ଗୋଇ ପ୍ରମୁଖ ସାକ୍ଷାତ କରିଛନ୍ତି । ଏହି ଘଟଣାରେ ଗୁରୁତର ସୁବୋଧଙ୍କ ସାନପୁଅ ପ୍ରମୋଦଙ୍କ ସ୍ୱାସ୍ଥ୍ୟବସ୍ଥା ଏସ୍‌ପି ପଚାରି ବୁଝିଥିଲେ । ଚିକିତ୍ସା ପାଇଁ କିଛି ସହଯୋଗ କରିବା ସହ ଏ ସମ୍ପର୍କରେ ତଦାରଖ କରିବା ପାଇଁ ଜଣେ ପୁଲିସ କର୍ମଚାରୀଙ୍କୁ ଦାୟିତ୍ୱ ଦେଇଛନ୍ତି । ଏହି ଘଟଣାରେ ଆସନ୍ତା ୩୦ ଦିନ ମଧ୍ୟରେ ଚାର୍ଜସିଟ୍ ପ୍ରସ୍ତୁତ କରିବା ପାଇଁ ମାମଲାର ତଦନ୍ତକାରୀ ଅଧିକାରୀଙ୍କୁ ଏସ୍‌ପି ଶ୍ରୀ ଜୈନ୍ ନିର୍ଦ୍ଦେଶ ଦେଇଥିଲେ । ସେହିପରି ଓଡ଼ଗାଁ ବ୍ଲକ୍ ରେ ଗତ ମଙ୍ଗଳ ବାର ଦିନ ଜିଲ୍ଲାପାଳ ଙ୍କ ଜନଶୁଣାଣୀ ଶିବିରକୁ ବାଉଁଶିଆ ଗାଁର ହାର୍ଦ୍ଦିକ କୁମାର ଦାସ ନାମକ ଜଣେ ଛାତ୍ର ଆଣି ପାଠ ପଢା ପାଇଁ ଅର୍ଥ ବାଧକ ସାଜିଛି ବୋଲି ଏମିତି କହିଥିଲେ । କୋଭିଡ୍-୧୯ରେ ହାର୍ଦ୍ଦିକ ଙ୍କ ବାପା ଚାଲିଗଲେ ଫଳରେ ଏବେ ପାଠ ପଢ଼ିବାରେ ସମସ୍ୟା ହେଉଛି ବହୁ କଷ୍ଟରେ ମା' ପାଠ ପଢ଼ାଉଛନ୍ତି । ମାତ୍ର ସେ ବି କେତେଦିନ ଏତେ ଦୁଃଖ କଷ୍ଟ ସହ ପାଠ ପଢ଼ାଇବେ, ତାହା ଜଣା ନାହିଁ । ଏଣୁ ଆପଣ ଟିକେ ସହଯୋଗ କରନ୍ତୁ ବୋଲି ହାର୍ଦ୍ଦିକ ନିବେଦନ କରିଥିଲେ । ଗତ ମଙ୍ଗଳ ବାର ଦିନ ଓଡ଼ଗାଁ ବ୍ଲକ୍‌ରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ଶରଣକୁଳ ଥାନା ଅଧୀନ ବାଉଁଶିଆ ଗାଁର ହାର୍ଦ୍ଦିକ କୁମାର ଦାସ ଆସି ପହଞ୍ଚିଲେ । ସେଠାରେ ଉପସ୍ଥିତ ଥିବା ଏସ୍‌ପି ରାହୁଲ ଜୈନ ହାର୍ଦ୍ଦିକଙ୍କ ପାଠପଢ଼ା ପ୍ରତି ଥିବା ଆଗ୍ରହ ଆଗରେ କୌଣସି ଆର୍ଥିକ ସମସ୍ୟା ରହିବ ନାହିଁ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ପୂର୍ବରୁ ଭାପୁର ବ୍ଲକର ଦୁଇ ଜଣ ଛାତ୍ରୀଙ୍କୁ ପାଠ ପଢ଼ାଇବା ଦିଗରେ ଏସ୍‌ପି ସହଯୋଗର ହାତ ବଢ଼ାଇଥିବା ହାର୍ଦ୍ଦିକ ବିଭିନ୍ନ ଗଣମାଧ୍ୟମ ଜରିଆରେ ଜାଣିପାରିଥିଲେ । ତେଣୁ ସେ ଏସ୍‌ପିଙ୍କୁ ସାକ୍ଷାତ କରିବେ ବୋଲି ସ୍ଥିର କରିଥିଲେ । ରଥଯାତ୍ରା ପାଇଁ ସୋମବାର ଛୁଟି ରହିବା କାରଣରୁ ମଙ୍ଗଳବାର ଓଡ଼ଗାଁରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଥିଲା ଗାଁର ୱାର୍ଡ ସଭ୍ୟା ସୁଜାତା ଦାସଙ୍କୁ ସାଥୀରେ ନେଇ ହାର୍ଦ୍ଦିକ ସେଠାରେ ପହଞ୍ଚିଥିଲେ । ସେଠାରେ କୌଣସି ପ୍ରକାର ଅଭିଯୋଗ ନୁହେଁ, ବରଂ ନିଜ ସମସ୍ୟାର ସମାଧାନ ନିମନ୍ତେ ସେ ଏସ୍‌ପିଙ୍କୁ ଦେଖା କରିବାକୁ ଆସିଥିବା ନେଇ କହିଥିଲେ । ଏହାପରେ ସେ ଏସ୍‌ପିଙ୍କୁ ସାକ୍ଷାତ କରି ସମସ୍ତ ଘଟଣା କହିଥିଲେ । ଯେହେତୁ ଗାଁ ପାଖରୁ ସରକାରୀ ସ୍କୁଲଟି ବହୁତ ଦୂର, ସେଥିପାଇଁ ପାଖରେ ଥିବା ଏକ ଛୋଟ ଘରୋଇ ସ୍କୁଲ୍‌ରେ ହାର୍ଦ୍ଦିକଙ୍କୁ ତାଙ୍କ ମା' ପୁଷ୍ପାଞ୍ଜଳି ଦାସ ପାଠ ପଢ଼ାଉଛନ୍ତି । ହାର୍ଦ୍ଦିକ ଜଣେ ମେଧାବୀ ଛାତ୍ର ବୋଲି ଜାଣିବା ପରେ ତାଙ୍କର ସମସ୍ତ ସ୍କୁଲ୍ ଓ ଟ୍ୟୁସନ୍ 'ଫି' ବାବଦ ଯାହା ଅର୍ଥ ଆବଶ୍ୟକ, ତାହା ଏସ୍‌ପି ଶ୍ରୀ ଜୈନ ଭରଣା କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । କେବଳ ସେତିକି ନୁହେଁ, ହାର୍ଦ୍ଦିକ ଯିବା ପରେ ଆହୁରି ତିନି ଜଣ ଛାତ୍ରଛାତ୍ରୀ ସେଠାରେ ପହଞ୍ଚିଥିଲେ ଜିଲ୍ଲାପାଳଙ୍କ ସହ ଆଲୋଚନା କରି ପାଠପଢ଼ାରେ ଯାହା ବି ବ୍ୟବସ୍ଥା କରିହେବ, ଏ ନେଇ ପଦକ୍ଷେପ ନେବେ ବୋଲି ଏସ୍‌ପି ସମସ୍ତଙ୍କୁ କହିଥିଲେ । ଏସ୍‌ପି ଶ୍ରୀ ଜୈନ କହିଛନ୍ତି ଯେ, ଏମିତି ମେଧାବୀ ଛାତ୍ରଛାତ୍ରୀଙ୍କ ପାଇଁ ତାଙ୍କ ମା'ଙ୍କ ନାଁରେ 'ଶର୍ମିଳା ଦେବୀ ଜୈନ ମେମୋରିଆଲ ଫାଉଣ୍ଡେସନ୍' ଖୁବ୍ ଶୀଘ୍ର ଗଠନ କରିବାକୁ ସେ ସ୍ଥିର କରିଛନ୍ତି । ଏହି ଫାଉଣ୍ଡେସନ୍ ଦ୍ୱାରା ଯେତିକି ବି ସମ୍ଭବ ମେଧାବୀ ଛାତ୍ରଛାତ୍ରୀଙ୍କ ପାଠପଢ଼ାରେ ସହଯୋଗ କରାଯିବ ବୋଲି ସେ କହିଛନ୍ତି ।



# ମହାଭାରତ ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା





## କୁଖ୍ୟାତ ଡକାୟତ ଅର୍ପିତ ଗିରଫ : ମୋବାଇଲ ସହିତ, ୬ ସାଇକେଲ ଜବତ




ନୟାଗଡ଼, ( ମହାଭାରତ ) : ନୟାଗଡ଼ ଟାଉନ୍ ଥାନା ପୁଲିସ ଜଣେ କୁଖ୍ୟାତ ଚୋର କାଲୁଆ ଆଚ୍ଚରି(୨୪) ଓରଫ ଅର୍ପିତକୁ ଗିରଫ କରିଛି। ଅର୍ପିତକୁ ପୁଲିସ ପଚରାଉଚରା କରିବାରୁ ସେ କେବଳ ମୋବାଇଲ ନୁହେଁ ସାଇକେଲ ମଧ୍ୟ ଚୋରି କରୁଥିବା ସ୍ୱୀକାର କରିଛି। ସୂଚନା ମୁତାବକ, ନୟାଗଡ଼ ଟାଉନ ଥାନା ପୁଲିସ ଅର୍ପିତର ବୟାନ ଆଧାରରେ ତା' ଘରେ ଚଢ଼ଉ କରି ମୋବାଇଲ ଓ ଛଅଟି ସାଇକେଲ ଜବତ କରିଛି। ଯାଞ୍ଚ କରିବା ପରେ ଯେଉଁ ମାନଙ୍କର ସାଇକେଲ, ପୁଲିସ ସେମାନଙ୍କୁ ଫେରାଇବ ବୋଲି ଜଣାପଡ଼ିଛି। ନୟାଗଡ଼ ସହରର ରାମେଶ୍ୱର ସାହିରେ ରହୁଥିବା କୈଳାସ ଆଚ୍ଚରି ଙ୍କ ପୁଅ କାଳିଆ ଆଚ୍ଚରି ଓରଫ୍ ଅର୍ପିତ ଜଣେ କୁଖ୍ୟାତ ଚୋର ଭାବେ ଅଞ୍ଚଳରେ ଜଣାଶୁଣା। ସେ ଏକାଧିକ ଥର ଗିରଫ ହୋଇ ଜେଲ୍ ଗଲାଣି। ସେ ବିଶେଷକରି ହସ୍ପିଟାଲକୁ ଆସୁଥିବା ରୋଗୀ ମାନଙ୍କୁ ଟାର୍ଗେଟ୍ କରିଥାଏ। ଇଟାମାଟି ଥାନା ଅଧୀନ ବାଲିକୁଦିଆ ଗାଁର ଉର୍ମିଳା ପ୍ରଧାନ ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟ ହସ୍ପିଟାଲରେ ଭର୍ତ୍ତିହୋଇଥିଲେ। ଗତକାଲି ରାତି ପ୍ରାୟ ୧୨ ଟା ୩୦ରେ ସେ ମୋବାଇଲରେ କଥା ହେଉଥିବା ବେଳେ ହଠାତ ଅର୍ପିତ ତାଙ୍କର ମୋବାଇଲଟିକୁ ଛଡ଼ାଇ ନେଇଥିଲା।ଉର୍ମିଳା ଚିତ୍କାର କରିଥିଲେ ମଧ୍ୟ ସେ ସେଠାରୁ ଖସି ପଳାଇଥିଲା। ଉର୍ମିଳା ଏ ସଂକ୍ରାନ୍ତରେ ନୟାଗଡ଼ ଟାଉନ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ମାତ୍ରେ ଟାଉନ ଥାନା ପୁଲିସ ୨୪୭/୨୦୨୪ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରି ଅର୍ପିତ କୁ ଗିରଫ କରିଥିଲେ। ଏହାପରେ ସେ ତଦନ୍ତ ବେଳେ ଅନ୍ୟ ଆଉ ମଧ୍ୟ ଚୋରି କରୁଥିବା ସ୍ୱୀକାର କରିଥିଲା ଅର୍ପି। ନୟାଗଡ଼ ସହର ଓ ବିଭିନ୍ନ ଅଞ୍ଚଳରୁ ୬ଟି ସାଇକେଲ ଚୋରି କରି ଏହାକୁ ବିକ୍ରି କରିବା ପାଇଁ ଘରେ ରଖିଥିବା କହିଥିଲା।ନୟାଗଡ଼ ଟାଉନ ଥାନା ପୁଲିସ ତୁରନ୍ତ ସେଠାରେ ଚଢ଼ଉ କରି ଚୋରା ସାଇକେଲ ଜବତ କରିଥିଲ।

## ଜିଲ୍ଲାରେ ଅଣସଂକ୍ରାମକ ରୋଗର ପ୍ରତିରୋଧ

## ମାନସିକ ସ୍ୱାସ୍ଥ୍ୟ ଏବଂ ତମ୍ବାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ ସମ୍ବନ୍ଧୀୟ ଜିଲ୍ଲା ସ୍ତରୀୟ ବୈଠକ

ଭବାନିପାଟଣା /ମହାଭାରତ: ଗତକାଲି ସଂଧ୍ୟା ୬:୦୦ ଘ ସମୟରେ ସ୍ଥାନୀୟ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ପି. ଅନେ୍ୱଷା ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ଜିଲ୍ଲାରେ ଅଣସଂକ୍ରାମକ ରୋଗର ପ୍ରତିରୋଧ, ମାନସିକ ସ୍ୱାସ୍ଥ୍ୟର ସ୍ଥିତି ଏବଂ ତମ୍ବାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଉପରେ ଏକ ବିଶେଷ ଜିଲ୍ଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲାପାଳ ପି ଅନେ୍ୱଷା ରେଡ୍ଡୀ ଅଣସଂକ୍ରାମକ ରୋଗ, ମଧୁମେହ, ଉଚ୍ଚରକ୍ତଚାପ, ହୃଦରୋଗ ଓ ଅନ୍ୟାନ୍ୟ ରୋଗକୁ କିପରି ଗାଁ ସ୍ତରରୁ ଚିହ୍ନଟ କରି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସହଯୋଗରେ ଆଶାକର୍ମୀ ଓ ସ୍ୱାସ୍ଥ୍ୟକର୍ମୀଙ୍କ ଦ୍ୱାରା ୩୦ ବର୍ଷରୁ ଉର୍ଦ୍ଧ୍ୱ ବୟସର ସମସ୍ତଙ୍କୁ ଏହି କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଯାଇ ପୋର୍ଟାଲରେ ତଥ୍ୟ ସମ୍ମିଳିତ କରି ଔଷଧ ବଣ୍ଟନ କରିବାକୁ ସମସ୍ତ ବ୍ଲକ ସ୍ଥିତ ପି ଏଚ ସି ,ମେଡ଼ିକାଲ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସେଭଳି ଜିଲ୍ଲାରେ ମାନସିକ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ, ମାନସିକ ରୋଗ ବିଶେଷଜ୍ଞ, ନର୍ସ, ସମାଜସେବୀଙ୍କ କାର୍ଯ୍ୟ ନିରିକ୍ଷଣ, ଗୋଷ୍ଠିଗତ ସହାୟତା ଓ ସଚେତନତା, କାରାଗାର ଓ ଶିଶୁଯତ୍ନ କେନ୍ଦ୍ର ପରିଦର୍ଶନ ଓ ଅନ୍ତେବାସୀଙ୍କ ମାନସିକ ସ୍ୱାସ୍ଥ୍ୟ ପରୀକ୍ଷା, ଔଷଧ ବଣ୍ଟନ, ଡାକ୍ତରଙ୍କ ପରାମର୍ଶ, ମୋବାଇଲ ମାନସିକ ସ୍ୱାସ୍ଥ୍ୟ ଯାନର ବ୍ୟବହାର, ସ୍କ୍ରିନିଂ କ୍ୟାମ୍ପ, ମାନସିକରୋଗିଙ୍କୁ ଚିକିତ୍ସା ଉପରେ ଆଲୋଚନା ହୋଇଥିଲା । ତମ୍ବାଖୁ ନିୟନ୍ତ୍ରଣ ଓ ତମାଖୁ ସେବନକୁ ନିରୁତ୍ସାହିତ କରିବାକୁ ଜିଲ୍ଲାସ୍ତରୀୟ ସ୍ମନ୍ୱୟ କମିଟିର ବୈଠକରେ ତମ୍ବାଖୁ ନିୟନ୍ତ୍ରଣରେ ପୋଲିସ ଓ ଅବକାରୀ ବିଭାଗର କାର୍ଯ୍ୟ, ବିଦ୍ୟାଳୟମାନଙ୍କରେ କିଶୋର କିଶୋରୀମାନଙ୍କୁ ତମ୍ୱାଖୁର ଅପକାରିତା ଓ ସେବନ କରିବା ହାନିକାରକ ର ସଚେତନତା ବାର୍ତ୍ତା , ସ୍କ୍ୱାଡ ଟିମ୍ ର ଚଢ଼ାଉ, ସଚେତନତା କାର୍ଯ୍ୟକ୍ରମ, ଶିକ୍ଷକ ଓ ସରପଞ୍ଚମାନଙ୍କୁ ଟ୍ରେନିଙ୍ଗ, ବ୍ଲକ୍ ସ୍ତରରେ କମିଟି ଗଠନ, ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟ ଓ ସ୍ମନ୍ୱୟ, କୋପଟା ନିୟମର କଡ଼ାକଡ଼ି ପାଳନ ଉପରେ ଆଲୋଚନା ହୋଇଥିଲା। ୨୦୨୩-୨୪ ରେ ତମାଖୁ ନିୟନ୍ତ୍ରଣ ସ୍କ୍ୱାଡ ଦ୍ୱାରା ୨୫ ଟି ସ୍ଥାନରେ ଚଢ଼ାଉ କରାଯାଇ ୪୨୨ ଜଣଙ୍କୁ ଚେତାବନୀ ସହ ୮୧,୧୨୦/- ଟଙ୍କା ଫାଇନ କରାଯାଇଥିଲା । ସେଭଳି ତମ୍ୱାଖୁ ମୁକ୍ତ ଶିକ୍ଷାନୁଷ୍ଠାନ କାର୍ଯ୍ୟକ୍ରମରେ ୯୨ ବିଦ୍ୟାଳୟ ଓ ୬ ଟି କଲେଜ୍ କୁ ଅନ୍ତର୍ଭୁକ୍ତ କରାଯାଇଛି । ଉକ୍ତ ବୈଠକରେ ଅତିରିକ୍ତ ଏସ୍. ପି. ସେବାଷ୍ଟିନ୍ ଡିଗା, ସି.ଡି.ଏମ୍.ଓ ଡ଼ଃ. ନିହାରେନ୍ଦ୍ର ପଣ୍ଡା, ଡି.ପି.ଏଚ୍.ଓ. ଡଃ ରାକେଶ ସାହୁ, ଡ଼ଃ. ରଞ୍ଜନ ମିଶ୍ର, ଡି.ପି.ଏମ୍. ଭବାନୀ ଶଙ୍କର ସାହୁ , ନିହାର ରଞ୍ଜନ, ହିମାଂଶୁ ସାହୁ, ଡି. ଆଇ.ପି.ଆର୍.ଓ ମନୋଜ କୁମାର ବେହେରା, ଡି.ଡବ୍ଲ୍ୟୁ.ଓ ଅରବିନ୍ଦ ରାଏ, ଡି.ସି.ପି.ଓ ଶୈଳନ୍ଦୁ ମହାପାତ୍ର ସମସ୍ତ ବ୍ଲକର ବି.ଡି.ଏମ୍, ବି.ପି.ଏମ୍, ପି.ଏଚ.ଏସ୍.ଓ, ଏମ୍.ଓ , କାଉନସେଲର ଯୋଗ ଦେଇଥିଲେ ।

## ଆଇଓସିଏଲ ପକ୍ଷରୁ ଗଛରୋପଣ ସହ ସ୍ୱଚ୍ଛତା ସଚେତନତା ଶିବିର



ଆସିକା(ମହାଭାରତ): ଆସିକା ବ୍ଲକ ହରିଡାପଦର ପଞ୍ଚାୟତ କୁମ୍ଭାରୀ ବୈଦ୍ୟ ରଘୁନାଥ ବିଦ୍ୟାପିଠ ପରିସରରେ ଗୁରୁବାର ଆଇଓସିଏଲ ପକ୍ଷରୁ ଗଛରୋପଣ ସହ ସ୍ୱଚ୍ଛତା ସଚେତନତା ଶିବିର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷକ ଶେଷଦେବ ସାହୁଙ୍କ ଅଧ୍ୟକ୍ଷତାରେ ବିଦ୍ୟାଳୟ ସଭାକକ୍ଷ ପ୍ରକୋଷ୍ଠରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆଇଓସିଏଲ, ବ୍ରହ୍ମପୁରର ଅପରୋସନ ମ୍ୟାନେଜର ତୋଫାନ ସେଠି, ସମ୍ମାନିତ ଅତିଥି ଭାବେ ପୂର୍ବତନ ସେନା ଅଧିକାରୀ ଚକ୍ରଧର ସାମଲ ଓ ବିଦ୍ୟାଳୟ ପରିଚ୍ଚଳନା କମିଟି ସଭାପତି କ୍ଷମାସାଗର ମହାପାତ୍ର ପ୍ରମୁଖ ମଞ୍ଚାସିନ ଥିଲେ । ଏହି ଅବସରରେ ବିଦ୍ୟାଳୟ ପରିସରରେ ବହୁ କିସମର ଔଷଧୀୟ ଓ ଛାୟା ପ୍ରଦାନକାରୀ ଚ୍ଚରା ରୋପଣ କରାଯାଇଥିଲା । ଦ୍ୱିତୀୟ ପର୍ଯ୍ୟାୟରେ ସ୍ୱଚ୍ଛତା ସମ୍ବନ୍ଧୀୟ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରବନ୍ଧ ପ୍ରତିଯୋଗିତାରେ ପ୍ରତ୍ୟୁଷ ବେହେରା ପ୍ରଥମ, ଅନୁଷ୍କା ସାହୁ ଦ୍ୱିତୀୟ ଓ ଅର୍ପିତା ନାହାକ ତୃତୀୟ ସ୍ଥାନ ଅଧିକାର କରିଥିଲେ ଯ ସେହିପରି ବକ୍ତୃତା ପ୍ରତିଯୋଗିତାରେ ଅର୍ପିତା ନାହାକ ପ୍ରଥମ, ରୋଶନି ମହାନ୍ତି ଦ୍ୱିତୀୟ ଓ ବନ୍ଦନା ସାହୁ ତୃତୀୟ ସ୍ଥାନ ଅଧିକାର କରିଥିଲେ ।ନିଜ ପରିବେଶକୁ ସଫା ରଖିବା ସହ ରୋପଣ ଚ୍ଚରାର ଯତ୍ନ ନେବାକୁ ଶପଥ ପାଠ କରାଇଥଲେ । ବିଦ୍ୟାଳୟ, ବାସସ୍ଥାନ ଓ ପରିବେଶର ସ୍ୱଚ୍ଛତା ପ୍ରତି ଯତ୍ନବାନ ହେବାକୁ ଅତିଥି ବୃନ୍ଦ ମତବ୍ୟକ୍ତ କରିଥିଲେ । କୃତୀ ପ୍ରତିଯୋଗୀଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଶିକ୍ଷୟତ୍ରୀ ନିବେଦିତା ପୋଲେଇ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ ନଳନୀକାନ୍ତ ପାଣିଗ୍ରାହୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ପରିଶେଷରେ ଶିକ୍ଷକ ଦେବାଶିଷ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ସ୍ୱଚ୍ଛତା ପ୍ରତି ସନ୍ତୋଷ ବ୍ୟକ୍ତ କରି ଆଇଓସିଏଲ ପକ୍ଷରୁ ବିଦ୍ୟାଳୟକୁ ୨ଟି ଲୁହା ଆଲମାରୀ ଓ ୩ଟି ଡଷ୍ଟବିନ୍ ପ୍ରଦାନ କରାଯାଇଥିଲା ଯ କାର୍ଯ୍ୟକ୍ରମକୁ ଶିକ୍ଷକ ବିରୁପାକ୍ଷ ପାଣିଗ୍ରାହୀ ପରିଚ୍ଚଳନା କରିଥିବା ବେଳେ ବସନ୍ତ ସ୍ୱାଇଁ, ସବ୍ୟସାଚି ପାତ୍ର, ମାମିନି ସ୍ୱାଇଁ, ଶ୍ରୀନିବାସ ରାଓ, ରୋହିତ ବେହେରା ପ୍ରମୁଖ ସହଯୋଗ କରିଥିଲେ ।

## ଜିରାଙ୍ଗ ବଳଦେବ ଯିଉ ଙ୍କ ନିଆରା ପରମ୍ପରାର ଏଠାରେ ମାନସିକଧାରୀ ହେଉଛନ୍ତି ମୁଣ୍ଡନ



ଗଜପତି(ମହାଭାରତ): ଗଜପତି ଜିଲ୍ଲାର ଆଦିବାସୀ ବହୁଳ ରାୟଗଡ ବ୍ଲକର ତଥା ପୁରାଣ ପ୍ରସିଦ୍ଧ ଐତିହାସିକ ଶୈବପୀଠ ପବିତ୍ର ମହେନ୍ଦ୍ରଗିରିର ପାଦଦେଶରେ ଥିବା ଜିରାଙ୍ଗ ଗ୍ରାମ ସ୍ଥିତ ବଳଦେବ ଜୀଉଙ୍କ ମନ୍ଦିର ଠାରେ ପବିତ୍ର ରଥଯାତ୍ରାର ହେରାପଞ୍ଚମୀ ଦିନରେ ଅତ୍ୟନ୍ତ ନିଆରା ଢଙ୍ଗରେ ବିଶ୍ୱାସ ଓ ପରମ୍ପରା ପ୍ରକାରେ ଏଠାରେ ରଥଯାତ୍ରା ପାଳିତ ହୋଇଯାଇଛି। ମଙ୍ଗଳବାର ହେରାପଞ୍ଚମୀ ଦିନରେ ଏଠାରେ ଶତାଧିକ ସଂଖ୍ୟାରେ ଶ୍ରଦ୍ଧାଳୁ ଛୋଟ ପିଲା ଠାରୁ ବଡମାନେ ଆସି ମୁଣ୍ଡନ ତଥା ଲଣ୍ଡା ହେବା ଦେଖାଦେଇଛି। ପୂର୍ବରୁ ଶ୍ରଦ୍ଧାଳୁ ମାନସିକ ଧାରୀ ମାନେ ବଳଦେବ ଜିଉଙ୍କ ଠାରେ ମାନସିକ ରଖି କାର୍ଯ୍ୟସିଦ୍ଧ ହେବାପରେ ପୁଣି ବଳଦେବ ଜୀଉଙ୍କ ଠାରେ ମାନସିକ ରଖିଥିବା ପ୍ରକାରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଏଠାକୁ ଆସି ମୁଣ୍ଡନ ବା ଲଣ୍ଡା ହୋଇଥିଲେ ।ଏଥିପାଇଁ ଶ୍ରଦ୍ଧାଳୁ ମାନେ ନିଜ ପୁଅଝିଅ ସହ ପରିବାରର ଅନ୍ୟମାନଙ୍କୁ ଆଣି ଲଣ୍ଡା ହେବାପାଇଁ ଲମ୍ୱା ଧାଡ଼ିରେ ଠିଆ ହେବା ଦେଖିବାକୁ ମିଳିଛି। ଶ୍ରଦ୍ଧାଳୁ ମାନସିକ ଧାରୀ ମାନେ କହିଛନ୍ତି ଯେ , ସେମାନେ ଏଠାରେ ପୂର୍ବରୁ କରିଥିବା ମାନସିକ ପୂରଣ ପୂର୍ବକ ଆମର କାର୍ଯ୍ୟସିଦ୍ଧି ହେଲା ,ପରେ ପିଲାଙ୍କୁ ଆଣି ଏଠାରେ ମୁଣ୍ଡନ ଲଣ୍ଡା କରନ୍ତ। ଏଠାରେ ବିହି ଯାଉଥିବା ମହେନ୍ଦ୍ର ତନୟା ନଦୀରେ ପିଲାଙ୍କୁ ସ୍ନାନ କରି ଠାକୁରଙ୍କୁ ଦର୍ଶନ କରାଇ ଘରକୁ ଯିବୁ ବୋଲି କହିଥିଲେ ।ଏହି ଆଦିବାସୀ ବହୁଳ ଅଞ୍ଚଳର ପ୍ରତ୍ୟକ୍ଷ ଦେବତା ହେଉଛନ୍ତି ପ୍ରଭୁ ବଳଦେବ ।ଶତାଧିକ ବର୍ଷର ପରମ୍ପରା ପ୍ରକାରେ ଜଣାଯାଏ ଯେ , ଏ ଅଞ୍ଚ,ଞ୍ଚଳର ଲୋକଙ୍କ ମଧ୍ୟରେ ପ୍ରଗାଢ ଭାବେ ବିଶ୍ୱାସ ରହିଛି ଯେ , ଏଠାରେ ପ୍ରଭୁ ବଳଦେବଙ୍କ ମନ୍ଦିରରେ ବଳଦେବ ଜୀଉଙ୍କୁ ଦର୍ଶନ ଲାଭ କରି ଯାହା ବର ମାଗିଲେ ମାନସିକ ରଖିଲେ ତାହା ପୂରଣ ହେବାସହ କାଯ୍ୟସିଦ୍ଧି ହୋଇଥାଏ ତେଣୁ ଆଜି ହେରାପଞ୍ଚମୀ ଦିନରେ ଏଠାରେ ପହଞ୍ଚି ନିଜର ପୁଅ କି ଝିଅ ନିଜେ କି ନିଜ ପରିବାରର ଯେ ନେଇ ମୁଣ୍ଡନ ହୁଅନ୍ତି। ପାର୍ଶ୍ୱରେ ପ୍ରବାହିତ ହେଉଥିବା ପୁଣ୍ୟତୋୟା ପବିତ୍ର ମହେନ୍ଦ୍ର ତନୟା ନଦୀରେ ବୁଡ଼ ପକାଇ ସ୍ନାନ କରିବା ପରେ ନିଶ୍ଚିତ ଛେନାପଣା ସହ ଫଳମୂଳ ପ୍ରଭୃତି ଭୋଗରାଗ ଧରି ପ୍ରଭୁ ବଳଦେବଡ଼'ଙ୍କ ଠାରେ ଭୋଗଲାଗି କରି ପୂଜାର୍ଚ୍ଚନା କରିଥାନ୍ତି। ଭକ୍ତଙ୍କ କଥାଚିତ୍ର ଓ କିମ୍ବଦନ୍ତୀରୁ ଶୁଣାଯାଏ , କଳାପାହାଡ଼ ଯେତେବେଳେ ମନ୍ଦିର ଭାଙ୍ଗିଥିଲେ , ସେତେବେଳେ ପୁରୀର ପ୍ରଭୁ ବଳଦେବଙ୍କୁ ଗଜପତି ମହାରାଜା ଏଠାକୁ ଆଣି ରଖିଥିଲେ ଯକାରଣ ଏ ଅଞ୍ଚଳ ସେତେବେଳେ ଘୋ।ର ଜଙ୍ଗଲ ଥିଲା ଏବଂ ଜଙ୍ଗଲ ଭିତରେ ପ୍ରଭୁ ବଳଦେବଙ୍କୁ ଆଣି ଲୁଚ୍ଚଇ ରଖିଲେ କେହି ଜାଣି ପାରିବେନି ଭାବି ଏଠାରେ ଆଣି ରଖିଥିଲେ ।ମହାପ୍ରଭୁ ଏଠାକାର ଗୌଡ଼ ମାନଙ୍କ ଛେନାପଣା ଖାଇ ରହିଥିଲେ ବଳଦେବ ଜୀଉଙ୍କୁ ଜିରାଙ୍ଗ ଗ୍ରାମରେ ରହିଛନ୍ତି । ଛେନାପଣା ପ୍ରଭୁ ବଳଦେବଙ୍କ ଅତ୍ୟନ୍ତ ପ୍ରିୟ ଖାଦ୍ୟ , ତେଣୁ ଏ ଅଞ୍ଚଳରେ ପ୍ରଭୁ ବଳଦେବଙ୍କୁ ବିଭିନ୍ନ ଦିନରେ ଦର୍ଶନ ପାଇଁ ଆସୁଥିବା ଶ୍ରଦ୍ଧାଳୁ ଭକ୍ତମାନେ ଛେନାପଣା ଭୋଗ ଲାଗି କରି ଆସୁଛନ୍ତି।

## ଓଡିଶା ରାଜ୍ୟ ମହିଳା ଆୟୋଗଙ୍କ ଅଦାଲତ ଶିବିର ଅନୁଷ୍ଠିତ




ଗଜପତି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ ଠାରେ ଓଡିଶା ରାଜ୍ୟ ମହିଳା ଆୟୋଗ ଅଦାଲତ ଶିବିର ଅନୁଷ୍ଠିତ ହୋଇଯାଇଅଛି ଯ ଏହି ଶିବିରରେ ଡ.ମିନତୀ ବେହେରା, ଅଧକ୍ଷ,ଓଡିଶା ରାଜ୍ୟ ମହିଳା ଆୟୋଗଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିବା ବେଳେ ରାଜ୍ୟ ମହିଳା ଆୟୋଗ ସଦସ୍ୟ ସୁଜାତା ଦିଗାଲ ଉପସ୍ଥିତ ରହି ସମସ୍ତ କେଶକୁ ଶୁଣାଣି କରିଥିଲେ। ଆଜି ଗଜପତି ଜିଲ୍ଲାରେ ଜିଲ୍ଲା ସ୍ତରୀୟ ଓଡ଼ିଶା ରାଜ୍ୟ ମହିଳା ଆୟୋଗ ଅଦାଲତ ଶିବିରରେ ୧୭ ଗୋଟି ଅଭିଯୋଗ କେଶ ଶୁଣାଣି ମଧ୍ୟରୁ ୧୧ଜଣ ଅଭିଯୋଗକାରୀ ଉପସ୍ଥିତ ଥିଲେ ସେଥି ମଧ୍ୟରୁ ୩ଟି ଯୁଗ୍ମ ସମସ୍ୟା ଅଭିଯୋଗ ଏବଂ ବ୍ୟକ୍ତିଗତ ଅଭିଯୋଗ ୮ଟି ଅଭିଯୋଗ ଶୁଣାଣି କରାଯାଇଥିଲା ଯ ରାଜ୍ୟ ସରକାର ସମାଜରେ ମହିଳା ମାନଙ୍କ ଅଧିକାରକୁ ଅଧିକ ଗୁରୁତ୍ୱ ଦେଉଛନ୍ତି, ସେମାନଙ୍କୁ ଯଥା ସମ୍ଭବ ସବୁ କାର୍ଯ୍ୟରେ ଯୋଗଦାନ କରିବାର ଅଧିକାର ଦେବା ଆମ ସମାଜର ପ୍ରଥମ କର୍ତ୍ତବ୍ୟ ସେହିପରି ପାରିବାରିକ ହିଂସା ହେଉ କିମ୍ୱା ଯୌତୁକ ନିର୍ଯ୍ୟାତନା, କର୍ମ କ୍ଷେତ୍ରରେ ହତାଶ, କନ୍ୟା ଭୃଣ ହତ୍ୟା ,ବାଲ୍ୟ ବିବାହ, ସାଇବର ଅପରାଧ, ସମ୍ପତ୍ତିଗତ ଅଧିକାର ସର୍ବପରି ନାରୀ ସମ୍ବନ୍ଧୀୟ ଯେତେ ଅଧିକାର ହେଉ ଏସବୁ ଉଲଂଘନ ହେଲେ ସେମାନଙ୍କ ନ୍ୟାୟ ପ୍ରଦାନ ପାଇଁ ଓଡିଶା ରାଜ୍ୟ ମହିଳା ଆୟୋଗ ଗଠନ କରାଯାଇଅଛି ବିଶେଷକରି ମହିଳାମାନଙ୍କ ଅଧିକାରକୁ ସୁରକ୍ଷିତ ରଖିବାପାଇଁ ସେମାନଙ୍କ ସାମାଜିକ, ଅର୍ଥନୈତିକ, ଶିକ୍ଷା, ସ୍ୱାସ୍ଥ୍ୟ କିଭଳି ସୁଦୃଢ ରହିବ ସେଥିପାଇଁ ରାଜ୍ୟ ସରକାର ମହିଳାମାନଙ୍କୁ ଅଧିକ ଗୁରୁତ୍ୱ ଦେଉଛନ୍ତି ବୋଲି ଓଡିଶା ରାଜ୍ୟ ମହିଳା ଆୟୋଗର ଅଧକ୍ଷା କହିଥିଲେ ଏହି ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀମତୀ ମନୋରମା ଦେବୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ଅରୁଣ କୁମାର ତ୍ରିପାଠୀ,ଶ୍ରୀ ଅରବିନ୍ଦ ପଟ୍ଟନାୟକ, ଲୋ-ଅଫିସର, ଓଡିଶା ରାଜ୍ୟ ମହିଳା ଆୟୋଗ, ଭୁବନେଶ୍ୱର, ଶ୍ରୀ ଉମାକାନ୍ତ ସାହୁ, ଷ୍ଟେନୋଗ୍ରାଫର, ଓଡିଶା ରାଜ୍ୟ ମହିଳା ଆୟୋଗ, ଭୁବନେଶ୍ୱର ପ୍ରମୁଖ ଉପସ୍ଥିତ ଥିଲେ ।

## ଲମତାପୁଟ ବ୍ଲକ ଉପାଧ୍ୟକ୍ଷାଙ୍କ ନାଁରେ ଅଭିଯୋଗ ଘର ସାମ୍ନାରେ ଶତାଧିକ ଶ୍ରମିକ ଧାରଣାରେ ବସିଲେ

ଲମତାପୁଟ:(ମହାଭାରତ) କୋରାପୁଟ ଜିଲ୍ଲା ଲମତାପୁଟ ବ୍ଲକ ଅନ୍ତର୍ଗତ ଉମ୍ଭେଲ ପଞ୍ଚାୟତର ଉମ୍ଭେଲ ଗ୍ରାମର ବ୍ଲକ ଉପାଧ୍ୟକ୍ଷା ତୁଲା ଖରା ତାଙ୍କ ସ୍ୱାମୀ ହେଉଛନ୍ତି ସାଦେବ ଖରା ଲମତାପୁଟ ଉପାଧ୍ୟକ୍ଷାଙ୍କ ଘର ସାମ୍ନାରେ ଶତାଧିକ ଶ୍ରମିକ ମାନେ ଗଣଧାରଣାରେ ବସିଛନ୍ତି ପୁରୁଷ ଏବଂ ମହିଳା। ଟିକାଧାର୍ ମାନେ ୫ଟି ସ୍କୁଲ,ମନେରେଗା ଯୋଜନା, କାମ ସମ୍ପୂର୍ଣ୍ଣ ହୋଇ ବର୍ଷକ ବିତିଗଲାଣୀ ହେଲେ ଲମତାପୁଟ ବ୍ଲକ ଉପାଧ୍ୟକ୍ଷାଙ୍କ ସ୍ୱାମୀ ସାଦେବ ଖରା ସବୁ ଟିକାଧାର୍ ଏବଂ ଶ୍ରମିକଙ୍କୁ ପଇସା ନ ଦେଇ ୪୫ ଲକ୍ଷ୍ୟ ୪୧ ହଜାର ୯୦୦ ଶହ ୩୯ ଟଙ୍କା ହଡ଼ପ କରିଥିବା ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତ। ଲମତାପୁଟ ବ୍ଲକ ଉପାଧ୍ୟକ୍ଷାଙ୍କ ଘର ସାମ୍ନାରେ ଶ୍ରମିକ ମାନେ ଧାରଣାରେ ବସିଛନ୍ତି। ଯେଉଁ ପର୍ଯ୍ୟନ୍ତ ଶ୍ରମିକ ମାନଙ୍କ କାମ କରିଥିବା ଟଙ୍କା ପେରସ୍ତ କରାନଯାଏ। ଆଗାମୀ ଦିନରେ ଜିଲ୍ଲା ପ୍ରଶାସନ ଏବଂ ବ୍ଲକ ପ୍ରଶାସନ କାର୍ଯ୍ୟାଳୟରେ ଧରଣାରେ ବସିବାକୁ ବାଧ ହେବୁ ବୋଲି ବ୍ଲକ ଉପାଧ୍ୟକ୍ଷାଙ୍କ ନାଁରେ ଚେତାବନୀ ଦେଇଛନ୍ତି ଯଜଣେ ବ୍ଲକ ଉପାଧ୍ୟକ୍ଷା ହୋଇ ଶ୍ରମିକ ମାନଙ୍କ ଟଙ୍କା ହଡ଼ପ କରିବାକୁ କିଏ ଏତେ ସାହସ ଦେଲା ନାଁ ନିଜ ସମ୍ପତ୍ତି ବୋଲି ଶ୍ରମିକ ମାନଙ୍କ ପଇସା ହଡ଼ପ କରିବାକୁ ଚେଷ୍ଟା କଲା ତାହା ଜାଣିପାରୁନାନ୍ତି ଶ୍ରମିକ।ଏଠି କିଏ ସଂପୃକ୍ତ ନାହାଁନ୍ତି ତ ଜେଇ ନାଁ ଯନ୍ତ୍ରୀ ଦେଖାଯାଉ କେବେ ଏହି ଶ୍ରମିକ ମାନଙ୍କ ଟଙ୍କା କେବେ ପାଇପାରିବେ ବୋଲି ଜିଲ୍ଲାପାଳ ଏବଂ ବ୍ଲକ ପ୍ରଶାସନଙ୍କୁ ଦୃଷ୍ଟି ଆକର୍ଷଣ କରିବାକୁ ବୁଦ୍ଧିଜୀବୀ ମହଲରେ ଗ୍ରାମବାସୀ ଦାବି କରିଛନ୍ତି ।ଏହି ସମ୍ପର୍କରେ କୋରାପୁଟ ବିଧାୟକ ରଘୁରାମ ମାଛଙ୍କୁ ଫୋନଯୋଗେ ପଚ୍ଚରିବାରୁ ସେ କହିଛନ୍ତି ଯେ କୌଣସି ଲୋକ ଏଠି ଦୁର୍ନୀତିରେ ସାମିଲ ହୋଇଥିଲେ ସେମାନଙ୍କୁ ପର୍ଦାପାସ କରିବାକୁ ପଡ଼ିବ ବୋଲି ଶ୍ରୀ ରଘୁରାମ ମାଛ କହିଛନ୍ତି।

## କମ୍ୟୁନିଟି ସେଣ୍ଟର ନିର୍ମାଣ ନାଆଁ ରେ ଅର୍ଥ ହଡ଼ପ୍ ଘଟଣା

## ଉଚ୍ଚ ସ୍ତରୀୟ ତଦନ୍ତ ଦାବିରେ ଛାତ୍ର ନେତାଙ୍କ ଏନ୍ଏସି ଅଫିସ୍ ଆଗରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା




ଓଡ଼ଗା, ( ମହାଭାରତ ) : କମ୍ୟୁନିଟି ସେଣ୍ଟର ନିର୍ମାଣ ନାଆଁ ରେ ଅର୍ଥ ହଡ଼ପୟ ନୟାଗଡ଼ ଓଡ଼ଗାଁ ଏନ୍ଏସିର ୧୩ ୱାର୍ଡ ର ଦଲକ୍ ସାହି ରେ ଏକ କମ୍ୟୁନିଟି ସେଣ୍ଟର ନିର୍ମାଣ ପାଇଁ ୫ଲକ୍ଷ ଟଙ୍କା କାମ ନକରି ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ସୂଚନା ଅଧିକାର ଆଇନ ବଳରେ ଜଣା ପଡିଛି। ଦଲକ୍ ସାହି ପାଇଁ କମ୍ୟୁନିଟି ସେଣ୍ଟର ନିର୍ମାଣ ପାଇଁ ଆସିଥିବା ୫ ଲକ୍ଷ ଟଙ୍କା ଅନୁଦାନକୁ ବାଟମାରଣା କରାଯାଇଛି। ସୂଚନା ଅଧିକାର ଆଇନ ବଳରେ ଘଟଣା ପଦାକୁ ଆସିବା ପରେ ଘଟଣାର ଉଚ୍ଚ ସ୍ତରୀୟ ତଦନ୍ତ ପାଇଁ ଦାବି ହୋଇଛି। ଅଭିଯୋଗ ଅନୁଯାୟୀ ଦଲକ ସାହିର ପୁରୁଣା ମା ଗୟଳସିଂହ ମନ୍ଦିର ର ମୁଖଶାଳାକୁ ଦେଖାଇ କାଗଜ କଲମରେ କମ୍ୟୁନିଟି ସେଣ୍ଟର ନିର୍ମାଣ ନାଆଁ ରେ ୫ଲକ୍ଷ ଟଙ୍କା ହରି ଲୁଟ ହୋଇଛି। ଦଲକ୍ ସାହି ପାଇଁ ସାଧାରଣ ନିର୍ବାଚନ ପୂର୍ବରୁ କମ୍ୟୁନିଟି ସେଣ୍ଟର ନିର୍ମାଣ ପାଇଁ ସରକାର ଙ୍କ ପକ୍ଷରୁ ୫ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲାୟ ଜେଇ ଙ୍କ ନାମରେ ହୋଇଥିଲା ୱାର୍କଡାର୍ନିମାଣର କାର୍ଯ୍ୟାଦେଶ ରହିଥିବା ବେଳେ କିଏ ଏହି ଟଙ୍କା ଖାଇଲା ଏହାର ତଦନ୍ତ ଦାବିରେ ଓଡ଼ଗାଁ ର ଛାତ୍ର ନେତା ଦିଲ୍ଲୀପ କୁମାର ବିଷୋୟୀ ଏନ୍ଏସି ଅଫିସ୍ ଆଗରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣାରେ ଦେଇଛନ୍ତି। ସେପଟେ ସ୍ଥାନୀୟ ବାସିନ୍ଦା ମାନେ ଅଭିଯୋଗ କରିଛନ୍ତି କି କମ୍ୟୁନିଟି ସେଣ୍ଟର ନିର୍ମାଣ ନକରି କାମରେ ଫଳକ ମାରି ୫ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ଏହି ଘଟଣା ସୋସିଆଲ ମିଡ଼ିଆ ରେ ଭାଇରାଲ୍ ହୋଇ ଦୁର୍ନୀତି ବିଷୟରେ ଜଣା ପଡ଼ିବା ପରେ ଲେଖା ଯାଇଥିବା ଫଳକୁ ଲିଭା ଯାଇଛି। ଏଥିରେ ଏନ୍ଏସି ଅଫିସ୍ ର ଜେଇ ଏବଂ କାର୍ଯ୍ୟନିର୍ବାହୀ ଅବକାରୀ ଙ୍କ ସମ୍ପୃକ୍ତି ରହିଛି। ସ୍ଥାନୀୟ ନେତା ଙ୍କ ଉପରେ ଘଟଣା ଙ୍କୁ ଚପାଇ ଦେବା ପାଇଁ ଉଦ୍ୟମ କରାଯାଉଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ସେପଟେ ଘଟଣାର ଉଚ୍ଚ ସ୍ତରୀୟ ତଦନ୍ତ ଦାବିରେ ଛାତ୍ର ନେତା ଦିଲ୍ଲୀପ ଧାରଣାରେ ବସିଥିବା ବେଳେ ଘଟଣା ସ୍ଥଳରେ ଓଡ଼ଗାଁ ଥାନା ଏଏସ୍ଆଇ ଚକ୍ରଧର ସିଂହ, ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଦୁଃଶାସନ ସ୍ୱାଇଁ ପହଞ୍ଚି ଦିଲ୍ଲୀପ ଙ୍କୁ ବୁଝାସୁଝା କରିଥିଲେ। ତେବେ ଘଟଣାର ତଦନ୍ତ ନ ହେବା ପର୍ଯ୍ୟନ୍ତ ସେ ଧାରଣାରୁ ହଟିବେ ନାହିଁ ବୋଲି କହିବା ପରେ ଅଧିକାରୀ ମାନେ ନୟାଗଡ଼ ସହରାଞ୍ଚଳ ଉନ୍ନୟନ ଅଧିକାରୀଙ୍କୁ ଏ ସମ୍ପର୍କରେ ଅବଗତ କରାଇଥିବା କୁହାଯାଇଛି। ସେପଟେ କିନ୍ତୁ ଦିଲ୍ଲୀପ ଙ୍କ ଜିଦି ତଦନ୍ତ ପ୍ରକ୍ରିୟା ଆରମ୍ଭ ନ ହେବା ପର୍ଯ୍ୟନ୍ତ ଧାରଣା ଅବ୍ୟାହତ ରହିବ। ସେପଟେ ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଦୁଃଶାସନ ସ୍ୱାଇଁ କହିଛନ୍ତି ଅଭିଯୋଗର କୌଣସି ସତ୍ୟାସତ୍ୟ ନାହିଁ। ଦଲକ ସାହିର ମା ଗୟଳସିଂହ ମନ୍ଦିର ଆଗରେ ଓପନ କମ୍ୟୁନିଟି ସେଣ୍ଟର ନିର୍ମାଣ କରାଯାଇଛି। କୌଣସି ଟଙ୍କା ଟେ ହେଲେ ଦୁର୍ନୀତି ହୋଇ ନାହିଁ ଏବଂ କାଗଜ ପତ୍ରରେ ସବୁ ଠିକ୍ ଠାକ୍ ରହିଛି। ଉଚ୍ଚ ସ୍ତରୀୟ ତଦନ୍ତ ପାଇଁ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି।

## ଦୁର୍ଘଟଣାରେ ମୃତ୍ୟୁ ପରେ ଚକ୍ଷୁଦାନ କଲେ ପରିବାର ବର୍ଗ

ବରଗଡ(ମହାଭାରତ):ବରଗଡ ବ୍ଲକ ଅନ୍ତର୍ଗତ ନଦୀ ପଡ଼ା,ଡାଙ୍ଗର ବାସିନ୍ଦା ଗୋବର୍ଦ୍ଧନ ତ୍ରିପାଠୀ ବୟସ ୬୯ବର୍ଷୟ ସେ କୌଣସି ଏକ କାମ ସାରି ଘର କୁ ଫେରୁଥିବା ବେଳେ ବରଗଡ଼ ହଳଦୀ ପାଲି ଛକ ଠାରେ ଏକ ଟ୍ରକ ସହ ଦୁର୍ଘଟଣା ଘଟିଥିଲାୟ ତୁରନ୍ତ ତାଙ୍କୁ ବରଗଡ଼ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲାୟ ଚିକିତ୍ସା ସମୟ ରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେୟଦେଶ ପାଇଁ ବଳିଦାନ ଦେଇଥିବା ଶହୀଦ ମାନଙ୍କ ସ୍ମୃତି, ସ୍ମାରକୀ ଓ ପୁରୁଣା ମୁଦ୍ରା ର ସଂଗ୍ରାହକ ହେଉଛନ୍ତି ଗୋବର୍ଦ୍ଧନ ତ୍ରିପାଠୀୟ ସେ ତାଙ୍କ ଦ୍ୱାରା ସଂଗୃହିତ ସମସ୍ତ ସ୍ମାରକୀ ଗୁଡ଼ିକୁ ନିଷ୍ଠା ପରିବାର କୁ ସ୍ୱଇଛା ରେ ଲୋକ ଙ୍କ ଉଦ୍ଦେଶ୍ୟ ରେ ଦାନ କରିଥିଲେୟଅନେକ ସ୍ଥାନରେ ସ୍କୁଲ ଛାତ୍ର ଛାତ୍ରୀ ଙ୍କ ଉଦ୍ଦେଶ୍ୟ ରେ ପ୍ରଦର୍ଶିତ ମଧ୍ୟ କରାଯାଇଥିଲା ।ସେ ଜଣେ ସରଳ, ଦୟାବାନ, ନିଷ୍କପଟ, ଦେଶ ପ୍ରେମୀ ବ୍ୟକ୍ତି ଥିଲେ ତାଙ୍କ ଅକାଳ ବିୟୋଗ ରେ ନିଷ୍ଠା ପରିବାର ଅତ୍ୟନ୍ତ ମର୍ମାହତ। ନିଷ୍ଠା ପରିବାର ତରଫ ରୁ ଅମର ଆତ୍ମା ପ୍ରତି ଗଭୀର ଶ୍ରଦ୍ଧାଂଜଳୀୟ ନିଷ୍ଠା ପରିବାର ର ଅନୁରୋଧ କୁ ରକ୍ଷା କରି ମୃତ୍ୟୁ ପରେ ବି ବାପା ଙ୍କୁ ଜୀବିତ ରଖିବା ପାଇଁ ଏକ ମାତ୍ର ପୁଅ ଅଶୋକ ତ୍ରୀପାଠୀ ଓ ପୁତୁରା କିଶୋର ତ୍ରୀପାଠୀ,ମନୋଜ ତ୍ରୀପାଠୀ ଚକ୍ଷୁ ଦାନ ପାଇଁ ରାଜି ହୋଇଥିଲେ। ଚକ୍ଷୁ ଦାନ ସମୟ ରେ ନିଷ୍ଠା ପରିବାର ର ଉପଦେଷ୍ଟା ଅଶ୍ୱିନୀ ତ୍ରିପାଠୀ, ବିଦ୍ୟାଧର ଭୋଇ, ସଙ୍କେତ ଆଠଘରା, ପ୍ରମୋଦ ପାଢ଼ୀ ଓ ତାଙ୍କ ପରିବାର ବର୍ଗ ଉପସ୍ଥିତ ଥିଲେ।

# ଭାରତ ଯୁଦ୍ଧରେ ନୁହେଁ, ବୁଦ୍ଧରେ ରଖେ ବିଶ୍ୱାସ - ମୋଦି



**ନୂଆଦିଲ୍ଲୀ,୧୧।୭:** ୩ ଦିନିଆ ଅଷ୍ଟ୍ରିଆ, ଋଷିଆ ଗସ୍ତ ସାରି ସ୍ୱଦେଶ ଫେରିଛନ୍ତି ପ୍ରଧାନମନ୍ତ୍ରୀ ମୋଦି। ଆତିଥେୟତା ପାଇଁ ଉଭୟ ଦେଶକୁ ଧନ୍ୟବାଦ ଜଣାଇଛନ୍ତି ପ୍ରଧାନମନ୍ତ୍ରୀ । ଗତକାଲି ଭିଏନାରୁ ବିଶ୍ୱ ସମୁଦାୟଙ୍କୁ ଆହ୍ୱାନ ଦେଇ ମୋଦି କହିଛନ୍ତି, ଭାରତ ଯୁଦ୍ଧରେ ନୁହେଁ, ବୁଦ୍ଧରେ ବିଶ୍ୱାସ ରଖେ । ଏ ଅବସରରେ ଚାନସେଲନର କାର୍ଲ ନେହମରଙ୍କ ସହ ମିଳିତ ସାମ୍ବାଦିକ ସମ୍ମିଳନୀ କରି ଆତଙ୍କବାଦକୁ କଡ଼ା ଭାଷାରେ ନିନ୍ଦା କରିଛନ୍ତି ମୋଦି । ଉଭୟ ନେତାଙ୍କ ଆଲୋଚନାରେ ୟୁକ୍ରେନ୍ ଯୁଦ୍ଧ ଓ ପଶ୍ଚିମ ଏସିଆରେ ମୁଣ୍ଡ ଟେକିଥିବା ଅଶାନ୍ତ ପ୍ରସଙ୍ଗ ମଧ୍ୟ ସ୍ଥାନ ପାଇଥିଲା। ବର୍ତ୍ତମାନର ସମୟ ଯୁଦ୍ଧର ନୁହେଁ ବୋଲି କହିଥିଲେ ମୋଦି। ସେହିଭଳି ଅଷ୍ଟ୍ରିଆ ଚାନସେଲରଙ୍କ ସହ ଆଲୋଚନା ବେଳେ ବିଭିନ୍ନ କୁଟନୈତିକ ଓ ବ୍ୟବସାୟିକ ସମ୍ପର୍କକୁ ଗୁରୁତ୍ୱ ଦିଆଯାଇଛି। ଭିତ୍ତିଭୂମି ବିକାଶ, ଅକ୍ଷୟ ଶକ୍ତି, ହାଇଡ୍ରୋଜେନ୍, ଜଳ ଏବଂ ପରିମଳ ପରିଚାଳନା ଏବଂ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ପ୍ରସଙ୍ଗରେ ସହଭାଗିତା ପାଇଁ ଦୁଇ ନେତା ବିଶେଷ ଭାବେ ଆଲୋଚନା କରିଛନ୍ତି। ୪୧ ବର୍ଷ ପରେ କୌଣସି ଭାରତୀୟ ପ୍ରଧାନମନ୍ତ୍ରୀଙ୍କ ଏହା ପ୍ରଥମ ଅଷ୍ଟ୍ରିଆ ଗସ୍ତ। ଏ ଅବସରରେ ଅଷ୍ଟିଆରେ ବସବାସ କରୁଥିବା ପ୍ରବାସୀ ଭାରତୀୟଙ୍କୁ ମଧ୍ୟ ସମ୍ବୋଧନ କରିଥିଲେ ପ୍ରଧାନମନ୍ତ୍ରୀ ମୋଦି ।

# ଗୃହିଣୀଙ୍କୁ ଆର୍ଥିକ ସ୍ତରରେ ସଶକ୍ତ କରିବା ସ୍ୱାମୀଙ୍କ ଦାୟିତ୍ୱ

**ନୂଆଦିଲ୍ଲୀ,୧୧/୭ :** ପତି-ପତ୍ନୀଙ୍କ ସମ୍ପର୍କକୁ ନେଇ ବଡ଼ ବୟାନ ଦେଇଛନ୍ତି ସୁପ୍ରିମକୋର୍ଟ। ଗୃହିଣୀଙ୍କୁ ସ୍ୱାମୀ ଆର୍ଥିକ ସ୍ତରରେ ନିଶ୍ଚିତ ଭାବେ ସଶକ୍ତ କରିବାର ଆବଶ୍ୟକତା ରହିଛି। ଗୃହିଣୀ ପରିବାରର ଆୟ ନେଇ ଅବଗତ ହେବା ଦରକାର। ପରିବାର ଆର୍ଥିକ ଅଭିବୃଦ୍ଧି ପାଇଁ ଗୃହିଣୀ ବହୁତ କିଛି ତ୍ୟାଗ କରିଥାଏ ବୋଲି ଜଷ୍ଟିସ୍ ବିଭି ନାଗରତ୍ନ ଏବଂ ଅଗଷ୍ଟିନକ ଗାର୍ଗେ କହିଛନ୍ତି। କୋର୍ଟ କହିଛନ୍ତି ଭାରତୀୟ ଗୃହିଣୀମାନେ ମାସିକ ଆୟକୁ ନେଇ କେବେବି ପରିବାର ସହ ଝଗଡ଼ା କରନ୍ତି ନାହିଁ। ବରଂ ସେହି ଆୟରୁ ସେମାନେ କିଛି ସଞ୍ଚୟ କରିବାକୁ ଚେଷ୍ଟା କରିଥାନ୍ତି। ଏପରିକି ନିଜ ଖର୍ଚ୍ଚରୁ ମଧ୍ୟ ଗୃହିଣୀ ଘରର ଭବିଷ୍ୟତ ପାଇଁ ସଞ୍ଚୟ କରିଥାନ୍ତି। କିନ୍ତୁ ଅଧିକାଂଶ ବିବାହିତ ପୁରୁଷ ଏହା ବୁଝିପାରନ୍ତି ନାହିଁ। କିଛି ସ୍ୱାମୀ ଏହା ମଧ୍ୟ ଜାଣିନଥାନ୍ତି



ଯେ ତାଙ୍କ ପତ୍ନୀ କେବଳ ଆବେଗପୂର୍ଣ୍ଣ ଭାବେ ନୁହେଁ ଆର୍ଥିକ ସ୍ତରରେ ମଧ୍ୟ ତାଙ୍କ ଉପରେ ନିର୍ଭରଶୀଳ। ଗୃହିଣୀଙ୍କର ନିଜସ୍ୱ ଆୟ ନଥିବାରୁ ତେଣୁ ବିବାହିତ ପୁରୁଷମାନେ ତାଙ୍କୁ ଆର୍ଥିକ ସ୍ତରରେ ସଶକ୍ତ କରିବାରର ଆବଶ୍ୟକତା ରହିଛି। ପତ୍ନୀଙ୍କୁ ଭରଣପୋଷଣ ଦେବା ପାଇଁ ତେଲେଙ୍ଗାନା ହାଇକୋର୍ଟ ଦେଇଥିବା ରାୟ ବିରୋଧରେ ସୁପ୍ରିମକୋର୍ଟ ଯାଇଥିଲେ ମହମ୍ମଦ ସମାଦ। ମମଲାର ଶୁଣାଣି କରି କୋର୍ଟ ରାୟ ସଂରକ୍ଷିତ ରଖିବା ସହ ଏଭଳି ବୟାନ ଦେଇଛନ୍ତି।

# ଚାକିରି ପାଇଁ ଧକ୍କା ଖାଉଛନ୍ତି ଦେଶର ଭବିଷ୍ୟତ: ରାହୁଲ

**ନୂଆଦିଲ୍ଲୀ,୧୧।୭:** କଂଗ୍ରେସ ଏମପି ତଥା ସଂସଦରେ ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ ଦେଶରେ ବେକାରୀ ସମସ୍ୟାକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଟାର୍ଗେଟ କରିଛନ୍ତି। ଗୁଜୁରାଟର ଭରୁଚ ଜିଲାରେ ଚାକିରି ସାକ୍ଷାତକାରରେ ଏକାଠି ହୋଇଥିବା ଜନତାଙ୍କୁ ନେଇ ରାହୁଲ ଗାନ୍ଧୀ ରାଜ୍ୟ ଭାଜପା ସରକାରଙ୍କୁ ଟାର୍ଗେଟ କରିଛନ୍ତି। ସେ କହିଛନ୍ତି ଯେ 'ବେକାରୀ ରୋଗ' ଦେଶରେ ମହାମାରୀର ରୂପେ ଗ୍ରହଣ କରିଛି ଏବଂ ଭାଜପା ଶାସିତ ରାଜ୍ୟ ଏହି ରୋଗର କେନ୍ଦ୍ରବିନ୍ଦୁ ପାଲଟିଛି। ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଟାର୍ଗେଟ କରି ରାହୁଲ ଗାନ୍ଧୀ କହିଛନ୍ତି ଯେ ଆଜି 'ଭାରତର ଭବିଷ୍ୟତ' ଚାକିରି ପାଇଁ ଧକ୍କା ଖାଉଛି। ସୂଚନାଯୋଗ୍ୟ, ଏହା ପ୍ରଥମ ଘଟଣା ନୁହେଁ ଯେ ରାହୁଲ ଗାନ୍ଧୀ ବେରୋଜଗାର ପ୍ରସଙ୍ଗରେ ମୋଦି ସରକାରଙ୍କୁ ଟାର୍ଗେଟ କରିଛନ୍ତି। ୨୦୨୪ ଲୋକ ସଭା ନିର୍ବାଚନରେ ରାହୁଲ ଗାନ୍ଧୀ ଦେଶରେ ବେରୋଜଗାରକୁ ଏକ ବଡ ପ୍ରସଙ୍ଗ କରିଦେଇଥିଲେ। କଂଗ୍ରେସ ଏହାର ମନିଫେଷ୍ଟୋରେ ଏ ସମ୍ପର୍କରେ ଅନେକ ଘୋଷଣା କରିଛି। ଏଥିରୁ ତାଙ୍କ ଦଳ ମଧ୍ୟ ଉପକୃତ ହୋଇଥିଲେ। ଏହି କାରଣରୁ ଦଳର ଏମପିଙ୍କ ସଂଖ୍ୟା ଏଥର ବୃଦ୍ଧି ପାଇଛି। ବର୍ତ୍ତମାନ ରାହୁଲ ଗାନ୍ଧୀ ଗୁଜୁରାଟର ପରିସ୍ଥିତିକୁ ନେଇ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏକ ପୋଷ୍ଟ କରିଛନ୍ତି ଯେଉଁଥିରେ ରାହୁଲ ଚାକିରି ସାକ୍ଷାତକାର ପାଇଁ ଏକତ୍ରିତ ହୋଇଥିବା ଯୁବବର୍ଗଙ୍କୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଟାର୍ଗେଟ କରିଛନ୍ତି। ରାହୁଲ ଗାନ୍ଧୀ ଟୁଇଟରରେ ଲେଖିଛନ୍ତି ଯେ ବେକାରୀ ରୋଗ ଦେଶରେ ମହାମାରୀ ରୂପେ ପରିଣତ ହୋଇଛି ଏବଂ ଭାଜପା ଶାସିତ ରାଜ୍ୟମାନେ ଏହି ରୋଗର କେନ୍ଦ୍ର ପାଲଟିଛନ୍ତି। ଏକ ସାଧାରଣ ଚାକିରି ପାଇଁ ଧାଡ଼ିରେ ଠିଆ ହୋଇଥିବା 'ଭାରତର ଭବିଷ୍ୟତ' ହେଉଛି ନରେନ୍ଦ୍ର ମୋଦିଙ୍କ 'ଅମୃତ କାଳ'ର ବାସ୍ତବତା।

# ଜେଡିୟୁର ଜାତୀୟ ସାଧାରଣ ସମ୍ପାଦକ ହେଲେ ମନୀଷ କୁମାର



**ପାଟନା,୧୧।୭:** ପୂର୍ବତନ ଆଇଏଏସ୍ ଅଧିକାରୀ ମନୀଷ କୁମାର ଭର୍ମା ଗତ ମଙ୍ଗଳବାର ଦିନ ଜେଡିୟୁରେ ଯୋଗ ଦେଇଥିଲେ। ଏବେ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ତାଙ୍କୁ ଦଳରେ ଏକ ବଡ଼ ଦାୟିତ୍ୱ ଦେଇଛନ୍ତି। ମନୀଷ କୁମାର ଭର୍ମାଙ୍କୁ ଜେଡିୟୁର ଜାତୀୟ ସାଧାରଣ ସମ୍ପାଦକ କରାଯାଇଛି । ମୁଖ୍ୟମନ୍ତ୍ରୀ ତଥା ଜେଡିୟୁ ରାଷ୍ଟ୍ରୀୟ ସଭାପତି ନୀତୀଶ କୁମାର ଏହି ନିର୍ଦ୍ଦେଶନାମା ତୁରନ୍ତ କାର୍ଯ୍ୟକାରୀ ହେବ ବୋଲି କହିଛନ୍ତି । ଉଲ୍ଲେଖ ଥାଉ କି ଦୁଇ ଦିନ ତଳେ ଅବସର ନେଇଥିବା ପୂର୍ବତନ ଆଇଏଏସ ଅଧିକାରୀ ମନୀଷ ଭର୍ମା ବିହାରରେ ନୀତୀଶ କୁମାରଙ୍କ ପାର୍ଟି ଜେଡିୟୁରେ ମିଶିଥିଲେ । ଜେଡିୟୁରେ ଯୋଗଦେବା ମାତ୍ରେ ମନୀଷ କୁମାର ଭର୍ମା କହିଥିଲେ ଯେ ପୂର୍ବରୁ ମୁଁ ନୀତୀଶଙ୍କ ହୃଦୟରେ ଥିଲି ଏବଂ ବର୍ତ୍ତମାନ ମୁଁ ତାଙ୍କ ପାର୍ଟିକୁ ଆସିଛି। ଏଠାରେ ଉପସ୍ଥିତ ଥିବା ସମସ୍ତ ନେତାଙ୍କଠାରୁ କିଛି ଶିଖିବାର ସୁଯୋଗ ମିଳିବ । ମନୀଷ ଭର୍ମା କହିଥିଲେ ଯେ ଯେତେବେଳେ ମୁଁ ବିହାର ଡେପୁଟେସନ ପାଇଥିଲି, ସେତେବେଳେ ନୀତୀଶ କୁମାରଙ୍କ କାର୍ଯ୍ୟ ମୋତେ ପ୍ରଭାବିତ କରିଥିଲା ଏବଂ ତାଙ୍କ ସହିତ ୫ ବର୍ଷ ସଚିବ ରହି ମୁଁ ତାଙ୍କଠାରୁ ଅନେକ ଅଭିଜ୍ଞତା ହାସଲ କରିଥିଲି। ଯେତେବେଳେ ୨୦୨୧ ମସିହାରେ ମୋର ଡେପୁଟେସନ ଅବଧି ସରିଗଲା ଓ ଓଡ଼ିଶାରୁ ଡାକରା ଆସିଲା, ମୁଁ ଗଲି ନାହିଁ ।ଏହାପରେ ନୀତୀଶ କୁମାର ମୋତେ ତାଙ୍କ ପାଖରେ ରଖିଥିଲେ ଏବଂ ମୋତେ ଅନେକ ଦାୟିତ୍ୱ ଦେଇଥିଲେ । ମୁଁ ସେହି ଦିନଠାରୁ ଭାବୁଥିଲି ଯେ ମୁଁ ତାଙ୍କ ଦଳର ସେବା କରିବା ଉଚିତ ଏବଂ ମୋତେ ଏହି ସୁଯୋଗ ମିଳିଛି ।

# ଆମେରିକାରେ ପୁଣି ଗୁଳିକାଣ୍ଡ,୩ ମୃତ



**ଆଲାମେଡା, ୧୧/୭ :** ଆମେରିକାରେ ପୁଣି ଥରେ ଗୁଳିକାଣ୍ଡ ହୋଇଛି । କାଲିଫର୍ଣ୍ଣିଆର ଆଲାମେଡା ସହରରେ ବୁଧବାର ରାତିରେ ଜଣେ ବନ୍ଧୁକଧାରୀ ୩ ଜଣଙ୍କୁ ଗୁଳି କରି ହତ୍ୟା କରିଛି। ଫଳରେ ସଂପୃକ୍ତ ଅଞ୍ଚଳରେ ଆତଙ୍କ ଖେଳିଯାଇଛି। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଜଣେ ସନ୍ଦିଗ୍ଧଙ୍କୁ ଅଟକ ରଖିଛି। ଘଟଣା ପଛର କାରଣ ଜାଣିବା ପାଇଁ ସଂଦିଗ୍ଧଙ୍କୁ ପୁଲିସ ପଚରାଉଚରା କରୁଛି। ଫୋରେନସିକ୍ ପରୀକ୍ଷା ପାଇଁ ଘଟଣାସ୍ଥଳରୁ ନମୁନା ନିଆଯାଇଛି। ମୃତକଙ୍କ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ଆଲାମେଡା ପୁଲିସ ବିଭାଗ (ଏପିଡି) ଏହି ସୂଚନା ଦେଇଛି। ଫେସବୁକରେ ଜାରି କରାଯାଇଥିବା ଏକ ବିବୃତିରେ ପୁଲିସ କହିଛି ଯେ ଆଲାମେଡା ସହରର କିଟି ହକ୍ ରୋଡର ୪୦୦ ବ୍ଲକରେ କେହିଜଣେ ତାଙ୍କ ପଡ଼ୋଶୀଙ୍କୁ ଗୁଳି କରାଯାଇଛି ବୋଲି ଜଣେ ବ୍ୟକ୍ତିଙ୍କ ଠାରୁ ଫୋନ୍ ଆସିଥିଲା। ଏହାପରେ ଆଲାମେଡା ଥାନା ଅଧିକାରୀ ମାନେ ସଙ୍ଗେ ସଙ୍ଗେ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଠାବ କରିଥିଲେ। ଗୋଟିଏ ପରିବାରର ଜଣେ ନାବାଳକଙ୍କ ସମେତ ପରିବାରର ଅନ୍ୟ ସଦସ୍ୟ ମଧ୍ୟ ଆହତ ହୋଇଥିବା ଦେଖିବାକୁ ମିଳିଥିଲା। ଘଟଣାସ୍ଥଳରୁ ଜଣେ ସନ୍ଦିଗ୍ଧଙ୍କୁ ଅଟକ ରଖାଯାଇଛି। କାଲିଫର୍ଣ୍ଣିଆରେ ଘରେ ପଶି ଏହି ସନ୍ଦେହଜନକ ହତ୍ୟାକାଣ୍ଡ କୁ ନେଇ ସମସ୍ତେ ଆତଙ୍କିତ ହୋଇପଡ଼ିଛନ୍ତି। ଗୁଳିକାଣ୍ଡପଛର କାରଣ ପୁଲିସ ସ୍ପଷ୍ଟ କରିନାହିଁ। ୩ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ପରିବାରର ଅନ୍ୟ ସଦସ୍ୟମାନେ ସ୍ଥାନୀୟ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ସାଧାରଣ ଲୋକଙ୍କ ପ୍ରତି କୌଣସି ବିପଦ ନାହିଁ ବୋଲି ପୁଲିସ କହିଛି।

# ଭାଜପା ନେତାଙ୍କ ଘରୁ ଚୋରି

**ନୂଆଦିଲ୍ଲୀ,୧୧।୭:** ଭାରତୀୟ ଜନତା ପାର୍ଟି (ଭାଜପା) ର ରାଜ୍ୟ ସଭା ଏମପି ତଥା ମୁଖପାତ୍ର ସୁଦର୍ଶନ ତ୍ରିବେଦୀଙ୍କ ବଡ ଭାଇ ହିମାଂଶୁ ତ୍ରିବେଦୀଙ୍କ ଘରୁ ଚୋରି ମାମଲା ସାମ୍ନାକୁ ଆସିଛି। ତାଙ୍କ ବାସଭବନ ଲକ୍ଷ୍ନୌର ଇନ୍ଦିରା ନଗର ସେକ୍ଟର ୨୧ରେ ଅବସ୍ଥିତ। ଭାଜପା ନେତାଙ୍କ ଭାଇଙ୍କ ଏହି ବ୍ୟକ୍ତିଗତ ବାସଭବନ ଘାଜିପୁର ରିଙ୍ଗ ରୋଡ ପୋଲିସ ଷ୍ଟେଶନଠାରୁ ୨୦୦ ମିଟର ଦୂରରେ। ହିମାଂଶୁ ତ୍ରିବେଦୀଙ୍କ ଏହି ବାସଭବନ ଅନେକ ମାସ ଧରି ବନ୍ଦ ରହିଥିଲା। ତ୍ରିବେଦୀ ପରିବାର ଇନ୍ଦିରା ନଗରରୁ ଗୋମତି ନଗରରେ ନିର୍ମିତ ଏକ ନୂତନ ଘରକୁ ଯାଇଥିଲେ ଏବଂ ସେହି ଦିନଠାରୁ ଏହି ଘର ବନ୍ଦ ରହିଥିଲା। ଏହି ଚୋରି ମାମଲା ଗାଜିପୁର ପୋଲିସ ଷ୍ଟେଶନରେ ପଞ୍ଜିକୃତ ହୋଇଥିଲା। ଏହି ବିଷୟରେ ସୂଚନା ପାଇବା ମାତ୍ରେ ଡିସିପି ଉତ୍ତର ଘଟଣାସ୍ଥଳରେ ପହଞ୍ଚି କୁକୁର ସ୍କ୍ୱାଡ ଟିମ ମଧ୍ୟ ଘଟଣାସ୍ଥଳରେ ପହଞ୍ଚିଥିଲେ।

# NEET-UG ପ୍ରଶ୍ନପତ୍ର ଲିକ୍ ମାମଲାର କିଙ୍ଗପିନ୍ ଗିରଫ





**ନୂଆଦିଲ୍ଲୀ,୧୧।୭:** NEET-UG ପ୍ରଶ୍ନପତ୍ର ଲିକ୍ ମାମଲାର କିଙ୍ଗପିନ୍ ଗିରଫ। ଆଜି ସିବିଆଇ ବିହାରର ବିଭିନ୍ନ ସ୍ଥାନରେ ଛାପା ମାରି ପାଟନାରୁ ମୁଖ୍ୟ ଅଭିଯୁକ୍ତ ରାକେଶ ରଞ୍ଜନ ଓରଫ୍ ରକିକୁ ଗିରଫ କରିଛି। ଗିରଫ ପରେ ପାଟନା ଏବଂ କୋଲକାତାର ବିଭିନ୍ନ ସ୍ଥାନରେ ତଦନ୍ତ କରିଥିଲା ସିବିଆଇ। ଏହି ସମୟରେ ସିବିଆଇ ହାତରେ ଅନେକ ଗୁରୁତ୍ୱପୂର୍ଣ୍ଣ ଦଲିଲ ଲାଗିଛି। ରକିକୁ ଗିରଫ ପରେ ସିବିଆଇ ଆଜି କୋର୍ଟରେ ହାଜର କରିଥିଲା। ବିହାରରେ ହୋଇଥିବା ପେପର୍ ଲିକରେ ରକିର ହାତ ଥିବା ସିବିଆଇ କହିଛି। ଅଧିକ ତଦନ୍ତ ପାଇଁ ସିବିଆଇ ତାଙ୍କୁ ୧୦ ଦିନ ରିମାଣ୍ଡରେ ନେଇଛି। ସେପଟେ ଆଜି ସିବିଆଇ ସୁପ୍ରିମକୋର୍ଟରେ ଯାଞ୍ଚ ରିପୋର୍ଟ ଦାଖଲ କରିଛି। NEET-UG ପ୍ରଶ୍ନପତ୍ର ଲିକ୍ ଏବଂ ପରୀକ୍ଷାରେ ଜାଲିଆତିକୁ ନେଇ କରିଥିବା ତଦନ୍ତ ରିପୋର୍ଟକୁ ସୁପ୍ରିମକୋର୍ଟରେ ଦାଖଲ କରିଛି। ଜୁଲାଇ ୧୮ରେ ମାମଲାର ପରବର୍ତ୍ତୀ ଶୁଣାଣି କରାଯିବ। ଚଳିତ ବର୍ଷ ନିଟ୍ ପରୀକ୍ଷାକୁ ନେଇ ବିବାଦ ଲାଗି ରହିଛି। ୬୭ ଜଣ ପରୀକ୍ଷାର୍ଥୀ ଫୁଲ୍ ମାର୍କ ରଖି ପାସ୍ ହେବା ପରେ ପରୀକ୍ଷାରେ ଅନିୟମିତତା ସନ୍ଦେହ କରା ଯାଇଥିଲା। ଏହାକୁ ନେଇ ଛାତ୍ରଛାତ୍ରୀ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଘଟଣାର ସତ୍ୟାସତ୍ୟ ଯାଞ୍ଚ ପାଇଁ ଘଞ୍ଚଇ ଉଇଓକୁ ତଦନ୍ତ ନିର୍ଦ୍ଦେଶ ଦେଇଛି।

# ଓଡ଼ିଶା ସମେତ ୧୫ ରାଜ୍ୟର ମୁଖ୍ୟ ସଚିବଙ୍କୁ ସମନ ପଠାଇଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୧୧।୭:** ଦ୍ୱିତୀୟ ଜାତୀୟ ନ୍ୟାୟିକ ବେତନ କମିଶନଙ୍କ ସୁପାରିସ୍‌କୁ ଅନୁପାଳନ କରି ନ ଥିବା ଓଡ଼ିଶା ସମେତ ୧୬ ରାଜ୍ୟର ମୁଖ୍ୟ ସଚିବ ଏବଂ ଅର୍ଥ ସଚିବଙ୍କୁ ସୁପ୍ରିମକୋର୍ଟ ଗୁରୁବାର ସମନ ଜାରି କରିଛନ୍ତି। ନ୍ୟାୟିକ ଅଧିକାରୀମାନଙ୍କ ବକେୟା ପେନ୍‌ଶନ ଏବଂ ଅବସରକାଳୀନ ଅନ୍ୟାନ୍ୟ ସୁବିଧା ପୈଠ କରିବା ପାଇଁ କମିଶନ ସୁପାରିସ କରିଥିଲେ। ବେତନ କମିଶନଙ୍କ ସୁପାରିସ କାର୍ଯ୍ୟକାରୀ କରାଯାଉ ନ ଥିବାରୁ ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼, ଜଷ୍ଟିସ୍ ଜେ.ବି. ପରଡିୱାଲା ଏବଂ ମନୋଜ ମିଶ୍ରାଙ୍କ ଖଣ୍ଡପୀଠ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଅନୁପାଳନ କିପରି କରାଇବାକୁ ହେବ ତାହା ଆମକୁ ଜଣା। ଆମେ ମୁଖ୍ୟ ସଚିବ ଓ ଅର୍ଥ ସଚିବଙ୍କୁ ଜେଲ ପଠାଉନାହୁଁ। ସେମାନେ କୋର୍ଟରେ ବ୍ୟକ୍ତିଗତ ଭାବେ ହାଜର ହୋଇ ସତ୍ୟପାଠ ଦାଖଲ କରିବା ଚାହୁଁଛୁ ବୋଲି ଖଣ୍ଡପୀଠ କହିଛନ୍ତି। ସୁପାରିସ କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟଗୁଡ଼ିକୁ ୭ ଥର ସୁଯୋଗ ଦିଆଯିବା ସତ୍ତ୍ୱେ ଏହାର ଅନୁପାଳନ କରାଯାଇ ନାହିଁ। ଅଗଷ୍ଟ ୨୩ରେ ମୁଖ୍ୟ ସଚିବ ଏବଂ ଅର୍ଥ ସଚିବ ଉପସ୍ଥିତ ନ ହେଲେ, ସେମାନଙ୍କ ବିରୋଧରେ ଅଦାଲତ ଅବମାନନା ମାମଲାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଖଣ୍ଡପୀଠ କହିଛନ୍ତି। ନ୍ୟାୟିକ ବେତନ କମିଶନଙ୍କ ସୁପାରିସ ଅନୁପାଳନ କରି ନ ଥିବା ରାଜ୍ୟଗୁଡ଼ିକ ହେଲେ, ଓଡ଼ିଶା, ଆନ୍ଧ୍ରପ୍ରଦେଶ, ପଶ୍ଚିମବଙ୍ଗ, ଛତିଶଗଡ଼, ଦିଲ୍ଲୀ, ଆସାମ, ଅରୁଣାଚଳପ୍ରଦେଶ, ନାଗାଲାଣ୍ଡ, ମିଜୋରାମ, ହିମାଚଳପ୍ରଦେଶ, କେରଳ, ମେଘାଳୟ, ମଧ୍ୟପ୍ରଦେଶ, ତାମିଲନାଡୁ, ମଣିପୁର, ରାଜସ୍ଥାନ।

# ମେଗା ପାନୀୟ ଜଳ ପ୍ରକଳ୍ପ ନାମକୁ ମାତ୍ର, ଯୋଜନାରେ ମିଳୁନି ପାଣି

**ହାଟଡିହି,(ମହାଭାରତ) :** ପାନୀୟ ଜଳ ପାଇଁ ହା ହା କାର ପଡିଛି । ବର୍ଷା ତାତି ଠାରୁ ପାନୀୟ ଜଳ କଷ୍ଟ ଯନ୍ତ୍ରଣା ଅଧିକ ହୋଇଛି । ୯ଟି ଗ୍ରାମର ୮୦୦ରୁ ଊର୍ଦ୍ଧ୍ୱ ପରିବାର ପାନୀୟ ଜଳ ପାଇଁ ଛଟପଟ ହେଉଛନ୍ତି । ପାନୀୟ ଜଳ ବିନା କେତେବେଳେ କାହାର ଯେ ଜୀବନ ଚାଲିଯିବା ପରି ପରିସ୍ଥିତି ସୃଷ୍ଟି ହୋଇଛି । ବ୍ଲକ ପ୍ରଶାସନ ପାନୀୟ ଜଳ କଷ୍ଟକୁ ଦୂର କରିବା ପାଇଁ ପଦକ୍ଷେପ ନେବା ଆରମ୍ଭ କରିଥିଲେ ବି ଆହୁରି ସାଙ୍ଘାତିକ ସମସ୍ୟା ରହିଛି । ସୂଚନା ଅନୁସାରେ ବଣ, ପାହାଡ଼ ଘେରା ବଳୟ ମଧ୍ୟରେ କେନ୍ଦୁଝର ଜିଲା ହାଟଡିହି ବ୍ଲକ ଅଧୀନରେ ହଦଗଡ଼ ଏବଂ କେ. ବାଲିପାଳ ପଞ୍ଚାୟତ ରହିଛି । ଏହି ଦୁଇ ପଞ୍ଚାୟତ ପ୍ରାୟ ୯୦ ଶତକଡା ଲୋକ ଆଦିବାସୀ ଗରିବ ଏବଂ ଦିନ ମଜୁରିଆ ଅଟନ୍ତି । ଦୁଇ ପଞ୍ଚାୟତ ଅଧୀନ ଦଲିକି, ପିତାନାଉ, ମଲିପଶି, ସରମୁଣ୍ଡି, ଜୁଣପସୀ, ରାଇଘାଟି, ସିଆଡ଼ିମାଳିଆ, ହରଡ଼ବାଡ଼ି ପ୍ରଭୃତି ଗ୍ରାମ ଗୁଡିକରେ ପାନୀୟ ଜଳ ପାଇଁ



ଭୟାନକ ପରିସ୍ଥିତି ସୃଷ୍ଟି ହୋଇଛି । ପୂର୍ବରୁ ବସିଥିବା ବହୁ ନଳକୂପ ଏବେ ଅଚଳ । କାରଣ ଖରା ଦିନେ ଜଳସ୍ତର କମୁଥିବାରୁ ନଳକୂପରୁ ପାଣି ବାହାରୁନି । ଅଦ୍ୟାବଧି ବର୍ଷାର ମଧ୍ୟ ଦେଖା ନାହିଁ । ବହୁ ସ୍ଥାନରେ ନଳକୂପ ମଧ୍ୟ ନାହିଁ । ଆଉ କେତେକ ସ୍ଥାନରେ ବସିଥିବା ନଳକୂପରୁ ଦୁର୍ଗନ୍ଧ, ଗୋଳିଆ ପାଣି ବାହାରୁଛି । ଏହି ପାଣି ବ୍ୟବହାର ଅନୁପଯୋଗୀ ହୋଇପଡିଛି । ପାନୀୟ ଜଳ ପାଇଁ କିଛି ସ୍ଥାନରେ ଲୋକ ମାନେ ୫ କିମି ଦୂର ଝରଣା ଉପରେ ନିର୍ଭର କରୁଛନ୍ତି । ଏହି ଝରଣାରୁ ଝରୁଥିବା ପାଣି ନିକଟସ୍ଥ ଏକ ଖାଲ ରେ ଜମି ରହେ । ମହିଳା ମାନେ ଚାଲି ଚାଲି ଯାଇ ଏହି ଖାଲର ପାଣିକୁ ସଂଗ୍ରହ କରନ୍ତି । ଏହାକୁ ପାନୀୟ ଜଳ, ରୋଷେଇ ଏବଂ ଅନ୍ୟ କାର୍ଯ୍ୟରେ ବ୍ୟବହାର କରୁଛନ୍ତି । ଗ୍ରୀଷ୍ମ ମାସରେ ଏଠି ଲୋକ ମାନେ ଖରା ଉତ୍ତାପରେ ଡହଳ ବିକଳ ହେଉଛନ୍ତି । ବର୍ଷା ଏବଂ ତାତି କଷ୍ଟ ଠାରୁ ପାନୀୟ ଜଳ କଷ୍ଟ ଏମାନଙ୍କର ଦୈନନ୍ଦିନ ଜୀବନ କୁ ଅଧିକ ଯନ୍ତ୍ରଣା ଦାୟକ କରିଦେଇଛି । ହାଟଡିହି ବ୍ଲକ ଅଞ୍ଚଳର ବିଭିନ୍ନ ଗ୍ରାମରେ ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକାରୀ ହୋଇଥିବା ବେଳେ ଏହି ୯ ଗ୍ରାମରେ ତାହା ନିଖୋଜ ହୋଇଯାଇଛି । ଅଦ୍ୟାବଧି ପାନୀୟ ଜଳକୁ ନେଇ ଅନେକ ଅଭିଯୋଗ ଦାୟର ହୋଇଛି । ବ୍ଲକ ପ୍ରଶାସନ ସେ ସବୁ ସମାଧାନ ପାଇଁ ପଦକ୍ଷେପ ମଧ୍ୟ ନେଉଛି । ସୂଚନା ଯୋଗ୍ୟ ୯ ଗ୍ରାମରେ ଥିବା ଜଳ କଷ୍ଟ ଲାଗି ରୁହେ । କେ. ବାଲିପାଳ ଏବଂ ହଦଗଡ଼ ପଞ୍ଚାୟତ ର ୯ଟି ଗ୍ରାମର ଲୋକ ପାନୀୟ ଜଳ କଷ୍ଟ ଦୁର୍ଦ୍ଦଶା ଭୋଗୁଛନ୍ତି । ସେମାନଙ୍କୁ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଣ କରାଯାଉଛି । ଜୁଣପସୀ ରେ ୪ଟି ଏବଂ ମଲିପଶି ରେ ଗୋଟିଏ ନୂତନ ନଳକୂପ ବସାଇବା ପାଇଁ ନିଷ୍ପତି ନିଆଯାଇଛି । ସମଗ୍ର ବ୍ଲକ ଅଞ୍ଚଳରେ ପାନୀୟ ଜଳ ସମସ୍ୟା ବାବଦରେ ପ୍ରାୟ ୨୦୦ଟି ଅଭିଯୋଗ ଆସିଥିଲେ ମଧ୍ୟ ସେଥିରୁ ପ୍ରାୟ ସବୁ ଅଭିଯୋଗ ସମାଧାନ ସରିଛି । କିନ୍ତୁ ପାନୀୟ ଜଳ କଷ୍ଟ ଆଦିବାସୀ ଲୋକଙ୍କ ପାଇଁ ବଡ଼ ଉଦବେଗର ପ୍ରସଙ୍ଗ ସାଜିଛି । ତେବେ ଏପରି ସମସ୍ୟା କେବେ ପୁର୍ଣ୍ୟଛେଦ ପଡିବ ତାହା ଦେଖିବାକୁ ବାକି ରହିଲା।

# ୧୦ ପଦବୀକୁ ୧୮୦୦ ଆଶାୟୀ

**ଗୁଜରାଟ,୧୧।୭:** ଗୁଜରାଟର ଭରୁଚ ଜିଲ୍ଲାର ଝଗଡ଼ିୟା ସ୍ଥିତ ଗୁଜରାଟ ଇଣ୍ଡଷ୍ଟ୍ରୀଆଲ ଡେଭଲପମେଣ୍ଟ କର୍ପୋରେସନ କଂପ୍ଲେକ୍ସରେ ଥିବା ଏକ ଇଞ୍ଜିନିୟରିଂ କଂପାନୀ ୧୦ଟି ପଦବୀରେ ନିଯୁକ୍ତି ଦେବାକୁ ବିଜ୍ଞାପନ ଦେଇଥିଲା। ଏଥିପାଇଁ ସୋମବାର ଅଙ୍କଲେଶ୍ୱରରେ ଏକ ହୋଟେଲରେ ଆଶାୟୀଙ୍କ ପାଇଁ ସାକ୍ଷାତକାରର ବ୍ୟବସ୍ଥା କରିଥିଲା। ହେଲେ କଂପାନୀ ଜାଣି ନଥିଲା ଯେ ୧୦ଟି ପଦବୀ ପାଇଁ ୧୮୦୦ ଆଶାୟୀ ଆସିବେ ଓ ସେମାନଙ୍କୁ ଅକଳ ସ୍ଥିତିରେ ପକାଇବେ। ଭାଇରାଲ ଭିଡିଓରେ ଦେଖିବାକୁ ମିଳିଛି ଯେ, ହୋଟେଲର ପ୍ରବେଶ ଦ୍ୱାରରେ ଆଶୟୀଙ୍କ ଜବରଦସ୍ତ ଭିଡ ଲାଗିଛି। ଭିଡ଼ ବଢ଼ିବା ଯୋଗୁ ପ୍ରବେଶ ଦ୍ୱାର ନିକଟରେ ଲାଗିଥିବା ଏକ ଲୁହା ରେଲିଂ ଉପରେ ଧୀରେ ଧୀରେ ଚାପ ବଢ଼ିଥିଲା ଓ ତାହା ଧୀରେ ଧୀରେ ତଳକୁ ନଇଁବା ଆରମ୍ଭ କରିଥିଲା। ଭିଡ଼ ଯୋଗୁ କିଛି ଆଶାୟୀ



ଏହି ନଇଁ ପଡ଼ିଥିବା ରେଲିଂ ଉପରେ ଚଢ଼ି ଯାଇଥିଲେ। ଆଉ ଦେଖୁ ଦେଖୁ ତାହା ଆହୁରି ନଇଁ ଶେଷରେ ଭାଙ୍ଗି ଯାଇଥିଲା। ଲୁହା ରେଲିଂଟି ଭାଙ୍ଗବା ସମୟରେ ଦୁଇ ଜଣ ଆଶାୟୀ ସେଥିରୁ ଡେଇଁ ପଡ଼ିଥିଲା। ଆଉ ପ୍ରାୟ ୬ ଜଣ ରେଲିଂ ସହିତ ତଳେ ପଡ଼ି ଯାଇଥିଲେ। ଅବଶ୍ୟ କେହି ଗୁରୁତର ଆହତ ହୋଇନାହାନ୍ତି। କିନ୍ତୁ ଏହି ଘଟଣାର ଭିଡିଓ ଭାଇରାଲ ହେବା ପରେ ବିଜେପିକୁ ଟାର୍ଗେଟ କରିଛି କଂଗ୍ରେସ। ଦଳ କହିଛି, ଏହା କ'ଣ ଗୁଜରାଟ ମଡେଲ ? ଦେଶରେ ବଢୁଥିବା ବେକାରୀ ସଂଖ୍ୟା ଏଥିରୁ ପ୍ରମାଣିତ ହୋଇଛି। ଅନ୍ୟପକ୍ଷରେ ଏହି ଘଟଣା ପାଇଁ ଭରୁଚ ବିଜେପି ସାଂସଦ ଉକ୍ତ କଂପାନୀକୁ ଦାୟୀ କରିଛନ୍ତି। ଏମିତି ଖୋଲା ସାକ୍ଷାତକାର ନେବା ଅପେକ୍ଷା ଆଶାୟୀମାନଙ୍କ ଯୋଗ୍ୟତା ଓ ଅନ୍ୟାନ୍ୟ ଦିଗକୁ ନେଇ ସେମାନ ନିର୍ଦ୍ଦିଷ୍ଟ ଭାବେ ସୂଚନା ଦେଇଥିଲେ, ଏତେ ଭିଡ଼ ହୋଇନଥାନ୍ତେ ବୋଲି ସେ କହିଛନ୍ତି। ଭବିଷ୍ୟତରେ ଯେଭଳି ଏଭଳି ଘଟଣାର ପୁନରାବୃତ୍ତି ନଘଟେ ସେଥିପାଇଁ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

# ଚାମ୍ପିଅନ୍ସ ଟ୍ରଫି: ଶ୍ରୀଲଙ୍କା କିମ୍ବା ଦୁବାଇରେ ଖେଳିବ ଭାରତ !



ନୂଆଦିଲ୍ଲୀ,୧୧।୭(ଏଜେନ୍ସି): ଚାମ୍ପିଅନ୍ସ ଟ୍ରଫି ୨୦୨୫ ପାକିସ୍ତାନରେ ଆୟୋଜିତ ହେବ। ଅନ୍ତର୍ଜାତୀୟ କ୍ରିକେଟ ପରିଷଦ ବା ଆଇସିସି ୨୦୨୫ରେ ଚାମ୍ପିଅନ୍ସ ଟ୍ରଫି ଆୟୋଜନ କରିବାର ଦାୟିତ୍ୱ ପାକିସ୍ତାନକୁ ଦେଇଥିଲା। ଏବେ ଏହାକୁ ନେଇ ଏକ ବଡ଼ ଖବର ସାମ୍ନାକୁ ଆସିଛି। ଏହି ଟୁର୍ନାମେଣ୍ଟ ପାଇଁ ଟିମ୍ ଇଣ୍ଡିଆ। ପାକିସ୍ତାନ ଯିବାର କେଣସି ସମ୍ଭାବନା ନାହିଁ ବୋଲି ଜଣାଯାଇଛି।

ଏକ ରିପୋର୍ଟ ଅନୁଯାୟୀ, ବିସିସିଆଇ ଏନେଇ ଆଇସିସି ସହିତ ଆଲୋଚନା କରିବ ଏଭଳି ସ୍ଥିତିରେ ହାଇବ୍ରିଡ ମଡେଲ ଅଧୀନରେ ଚାମ୍ପିଅନ୍ସ ଟ୍ରଫି ଆୟୋଜିତ ହୋଇପାରେ। ଯାହା ଦ୍ୱାରା ଅନ୍ୟ ମ୍ୟାଚ୍ ପାକିସ୍ତାନରେ ଖେଳାଗଲେ ବି ଟିମ୍ ଇଣ୍ଡିଆର ମ୍ୟାଚ୍ ଦୁବାଇ କିମ୍ବା ଶ୍ରୀଲଙ୍କାରେ ଅନୁଷ୍ଠିତ ହୋଇପାରେ। ପୂର୍ବରୁ ଏସିଆ କପରେ ମଧ୍ୟ ସମାନ ଘଟଣା ଘଟିଥିଲା। ଭାରତ ସମସ୍ତ ମ୍ୟାଚ୍ ଶ୍ରୀଲଙ୍କାରେ ଖେଳିଥିଲା। ଜାତୀୟ ଗଣମାଧ୍ୟମ ଏବିପି ନ୍ୟୁଜ୍ ଅନୁଯାୟୀ, ଟିମ୍ ଇଣ୍ଡିଆର କେଣସି ଖେଳାଳି ପାକିସ୍ତାନ ଯିବାକୁ ପ୍ରସ୍ତୁତ ନୁହଁନ୍ତି। ଏହାକୁ ନଜରରେ ରଖି ଭାରତ ଖେଳିବାକୁ ଥିବା ମ୍ୟାଚର ସ୍ଥାନ ବଦଳାଯାଇପାରେ ବୋଲି କୁହାଯାଉଛି। ଏହି ବିବାଦ ଏସିଆ କପ ସମୟରେ ମଧ୍ୟ ହୋଇଥିଲା। ଭାରତ ପାକିସ୍ତାନ ଯିବାକୁ ମନା କରିବାରୁ ଶ୍ରୀଲଙ୍କାରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା ହେଲେ ପାକିସ୍ତାନ ଖେଳାଳି ଭାରତ ଆସି ଖେଳିବାକୁ ମନା କରିନଥିଲେ। ଏବେ ପୁଣି ଭାରତ, ପାକିସ୍ତାନ ଯିବାକୁ ପ୍ରସ୍ତୁତ ନଥିବାରୁ ଏହାକୁ ନେଇ ବିବାଦ ଦେଖାଦେଇପାରେ ବୋଲି ଚର୍ଚ୍ଚା ହେଉଛି। ଉଲ୍ଲେଖଯୋଗ୍ୟ, ୮ଟି ଟିମ୍ ଫେବ୍ରୁଆରି ୧୯ରୁ ମାର୍ଚ୍ଚ ୯ପର୍ଯ୍ୟନ୍ତ ଚାମ୍ପିଅନ୍ସ ଟ୍ରଫି ପାଇଁ ମୁକାବିଲା କରିବେ ମାର୍ଚ୍ଚ ୧ରେ ମୁହାଁମୁହିଁ ହେବେ ଭାରତ-ପାକ୍, ଯାହା ଲାହୋରରେ ଅନୁଷ୍ଠିତ ହେବାର ଯୋଜନା ରହିଛି।

## ଆଇସିସି ଟି-୨୦ ମାନ୍ୟତା

# ଶ୍ରେଷ୍ଠ ୧୦ରେ ଋତୁରାଜ

ନୂଆଦିଲ୍ଲୀ,୧୧।୭(ଏଜେନ୍ସି): ଜିମ୍ବାୱେ ବିପକ୍ଷରେ ବିସ୍ଫୋରକ ପ୍ରଦର୍ଶନ ଭାରତୀୟ କ୍ରିକେଟର ଋତୁରାଜ ଗାଇକାଡଙ୍କୁ ଦେଇଛି। ନୂଆ ପରିଚୟ ଆଇସିସି ପୁରୁଷ ଟି-୨୦ ଅନ୍ତର୍ଜାତୀୟ ମାନ୍ୟତାରେ ୧୩ ସ୍ଥାନ ଉପରକୁ ଉଠିଛନ୍ତି ଋତୁରାଜ। ଦ୍ୱିତୀୟ ଟି-୨୦ରେ ୪୭ ବଲ୍‌ରୁ ୭୭ ରନ୍ କରି ଋତୁରାଜ ଆଇସିସି ମାନ୍ୟତାରେ ସିଧାସଳଖ ୨୦ତମ ସ୍ଥାନରୁ ସପ୍ତମ ସ୍ଥାନକୁ ଉନ୍ନୀତ ହୋଇଛନ୍ତି। ଆଇସିସି ପକ୍ଷରୁ ପ୍ରକାଶିତ ସଦ୍ୟତମ ମାନ୍ୟତାରେ ଭାରତୀୟ ବ୍ୟାଟ୍ସମ୍ୟାନ୍ ରିଙ୍କୁ ସିଂହ ଓ ଅଭିଷେକ ଶର୍ମା ମଧ୍ୟ ନିଜ ମାନ୍ୟତାରେ ଉନ୍ନତି ଆଣିଛନ୍ତି।



ଟି-୨୦ ବିଶ୍ୱକପ୍ ପାଇଁ ଭାରତୀୟ ଦଳରେ ଥିବା ରିଙ୍କୁ ସିଂହ ୪ ସ୍ଥାନ ଉପରକୁ ଉଠି ୩୯ତମ ସ୍ଥାନରେ ପହଞ୍ଚିଛନ୍ତି ଅନ୍ୟପକ୍ଷରେ ଅଲରାଉଣ୍ଡର ଅଭିଷେକ ଶର୍ମା ଦ୍ୱିତୀୟ ମ୍ୟାଚ୍ ରେ ୪୭ ବଲ୍‌ରୁ ଚମତ୍କାର ୧୦୦ ରନ୍ କରି ଆଇସିସି ମାନ୍ୟତାର ସପ୍ତମ ସ୍ଥାନରେ ପହଞ୍ଚିଛନ୍ତି। ଜିମ୍ବାୱେର ବ୍ରାୟନ ବେନେଟ୍ ମାନ୍ୟତାରେ ୨୫ ସ୍ଥାନରୁ ୯୬ ତମ ସ୍ଥାନରେ ପହଞ୍ଚିଛନ୍ତି ଜିମ୍ବାୱେ ବିପକ୍ଷ ଶୃଙ୍ଖଳାରେ ଅଧିକାଂଶ ନୂଆ ଭାରତୀୟ ଖେଳାଳିଙ୍କୁ ସୁଯୋଗ ଦିଆଯାଇଥିଲା। ଆଇସିସି ପୁରୁଷ ଟି-୨୦ ବୋଲିଂ ରାଙ୍କିଂରେ ଆଡାମ ଜାମ୍ପା ସପ୍ତମ, ଫଜଲହାକ୍ ଫାରୁକି ଅଷ୍ଟମ ଓ ମହିଶ ଥିକ୍‌ଶାନା ଦଶମ ସ୍ଥାନରେ ରହିଛନ୍ତି। ରବି ବିଷ୍ଣୋଇ ୮ ସ୍ଥାନ ଉପରକୁ ଉଠି ୧୪ତମ ସ୍ଥାନରେ ପହଞ୍ଚିଛନ୍ତି। ବ୍ଲେସିଂ ମୁଜାରାବାଣୀ ମଧ୍ୟ ୮ ଟି ସ୍ଥାନ ଉପରକୁ ଉଠି ୫୫ତମ ସ୍ଥାନରେ ପହଞ୍ଚିଛନ୍ତି।


# ଗାଭାସ୍କରଙ୍କୁ ୭୫

ମୁମ୍ବାଇ: କିଂବଦନ୍ତି କ୍ରିକେଟର୍ ସୁନୀଲ ଗାଭାସ୍କର ବୁଧବାର ଆଉ ଏକ ମାଇଲଖୁଣ୍ଟ ଛୁଇଁଛନ୍ତି। ସେ ଆଜି ନିଜର ୭୫ତମ ଜନ୍ମଦିବସ ଧୁମ୍‌ଧାମ୍‌ରେ ପାଳନ କରିଛନ୍ତି। ଏହି ଅବସରରେ ପ୍ରଥମ କ୍ରିକେଟର୍ ଭାବେ ଟେଷ୍ଟ କ୍ରିକେଟ୍‌ରେ ୧୦,୦୦୦ ରନ୍ ପୂରଣ କରିଥିବା ମହାନ ତାରକା ଗାଭାସ୍କରଙ୍କୁ ପ୍ରଶଂସକ ଓ ପୂର୍ବତନ କ୍ରିକେଟର୍‌ମାନେ ଶୁଭେଚ୍ଛା ଓ ଶୁଭକାମନାରେ ପୋତି ପକାଇଛନ୍ତି। ବିସିସିଆଇ ସଂପାଦକ ଜୟ ଶାହ ଏହାର ନେତୃତ୍ୱ ନେଇଛନ୍ତି। ସାମାଜିକ ଗଣମାଧ୍ୟମ ପ୍ଲାଟ୍‌ଫର୍ମ ଏକ୍ସରେ ଲେଖା ଲେଖି ସେ କହିଛନ୍ତି, ସୁନୀଲ ଗାଭାସ୍କର ଆପଣଙ୍କୁ ଜନ୍ମଦିନର ଅଶେଷ ଅଶେଷ ଅଭିନନ୍ଦନ।

# କୋପା ଆମେରିକା ଫାଇନାଲରେ କଲମ୍ବିଆ-ଆର୍ଜେଣ୍ଟିନା

ନର୍ଥ କାରୋଲିନା,୧୧।୭(ଏଜେନସି): କୋପା ଆମେରିକା କପ୍ ସେମିଫାଇନାଲରେ କଲମ୍ବିଆ। ୧-୦ ଗୋଲରେ ଉରୁଗୁଏକୁ ପରାସ୍ତ କରିଛି। ଏହି ମ୍ୟାଚରେ କଲମ୍ବିଆ। ପକ୍ଷରୁ ଜେଫରସନ ଲେର୍ମା ଏକମାତ୍ର ଗୋଲ ସ୍କୋର କରିଥିଲେ ତାଙ୍କ ଯୋଗୁଁ କଲମ୍ବିଆ। ଦଳ ମ୍ୟାଚ୍ ଜିତିବାରେ ସଫଳ ହୋଇଥିଲା। ଏହି ବିଜୟ ସହ କଲମ୍ବିଆ। ଦଳ ଫାଇନାଲରେ ନିଜ ସ୍ଥାନ ସୁନିଶ୍ଚିତ କରିଛି। ୨୩ ବର୍ଷ ପରେ କୋପା ଆମେରିକା ଫାଇନାଲରେ ପ୍ରବେଶ କରିଛି କଲମ୍ବିଆ ଦଳ। ଫାଇନାଲରେ କଲମ୍ବିଆ ଲିଓନେଲ ମେସିଙ୍କ ଆର୍ଜେଣ୍ଟିନାକୁ ଭେଟିବେ। ନର୍ଥ କାରୋଲିନାରେ କଲମ୍ବିଆ ଓ ଉରୁଗୁଏ ମଧ୍ୟରେ ମ୍ୟାଚ୍ ଖେଳାଯାଇଥିଲା। କିନ୍ତୁ ଏହି ମ୍ୟାଚରେ ଏକ ବଡ ବିବାଦ ସୃଷ୍ଟି ହୋଇଛି।

ମ୍ୟାଚ୍ ହାରିବା ପରେ ଉରୁଗୁଏର ଖେଳାଳିମାନେ ପ୍ରଶଂସକଙ୍କ ସହ ମୁହାଁମୁହିଁ ହୋଇଥିଲେ। ସୋସିଆଲ ମିଡିଆରେ ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି, ଯେଉଁଥିରେ ଉରୁଗୁଏର ଫରୱାର୍ଡ ଡାରି୍‌ନ ନୁନେଜ୍ ଷ୍ଟାଣ୍ଡଉପରେ ଚଢ଼ିଥିଲେ ଏବଂ ଏହା ପରେ ତାଙ୍କର ପ୍ରଶଂସକଙ୍କ ସହ ଧସ୍ତାଧସ୍ତି ହେଉଛି। ପ୍ରଶଂସକମାନେ ଜୋରଦାର ମାଡ଼ ମାରୁଛନ୍ତି ଏବଂ ଏହାର ଜବାବରେ ଡାରି୍‌ନ୍





ନୁନେଜ୍ ମଧ୍ୟ ପ୍ରଶଂସକଙ୍କ ସହ ଲଢ଼େଇ କରୁଥିବା ଦେଖିବାକୁ ମିଳିଥିଲା। ଉରୁଗୁଏର ଅଧିକ ଖେଳାଳି ମଧ୍ୟ ପ୍ରଶଂସକଙ୍କ ସହ ମୁହାଁମୁହିଁ ହୋଇଥିବା ଦେଖିବାକୁ ମିଳିଥିଲା। ରୋନାଲ୍ଡ ଆରାଜୋ ସବୁଠୁ ଆଗରେ ଥିଲେ ।ଏହାପରେ ସୁରକ୍ଷାକର୍ମୀଙ୍କୁ ଉଦ୍ଧାର ପାଇଁ ଆସିବାକୁ ପଡ଼ିଥିଲା। ଅନେକ ପ୍ରଶଂସକ ଡାରି୍‌ନ୍ ନୁନେଜ୍‌ଙ୍କୁ ମକାରେ ମାଡ଼ ମାରିଥିଲେ। ଏହାବ୍ୟତୀତ ଜଣେ ପ୍ରଶଂସକ ତାଙ୍କ ମୁଣ୍ଡରେ ମଧ୍ୟ ମାଡ଼ ମାରିଥିଲେ। ଏହାପରେ ଝଗଡ଼ା ବଢ଼ିଯାଇଥିଲା।


ଅନ୍ୟ ସେମିରେ କାନାଡାକୁ ୨-୦ ଗୋଲ୍‌ରେ ହରାଇ ଆର୍ଜେଣ୍ଟିନା ଲଗାତାର ଦ୍ୱିତୀୟ ଥର ପାଇଁ କୋପା ଆମେରିକା ଫୁଟ୍‌ବଲ୍ ପ୍ରତିଯୋଗିତାର ଫାଇନାଲ୍‌ରେ ପ୍ରବେଶ କରିଛି। ଅନ୍ୟପକ୍ଷରେ କୋପା ଆମେରିକାରେ ଆର୍ଜେଣ୍ଟିନା ୩୦ତମ ଫାଇନାଲ୍ ଖେଳିବାକୁ ଯାଉଛି। ସର୍ବାଧିକ ଫାଇନାଲ୍ ଖେଳିଥିବା ଦଳଙ୍କ ମଧ୍ୟରେ ମେସିଙ୍କ ଦଳ ଉରୁଗୁଏ ସହିତ ମିଳିତ ଭାବେ ଶୀର୍ଷ ସ୍ଥାନରେ ରହିଛି।

ଯୁଲିଆନ୍ ଆଲଭାରେଜ୍ (୨୨ ମିନିଟ୍) ଓ ଅଧିନାୟକ ଲିଓନେଲ୍ ମେସି (୫୧ ମିନିଟ୍)ଙ୍କ ଗୋଲ୍ ବଳରେ ଆର୍ଜେଣ୍ଟିନା ବୁଧବାର ଏହି ସଫଳତା ପାଇଛି। ଏଥିସହିତ ଚଳିତ ସଂସ୍କରଣରେ ଏହା ମେସିଙ୍କ ପ୍ରଥମ ଗୋଲ୍ ହୋଇଥିଲା ବେଳେ ତାଙ୍କ ଆନ୍ତର୍ଜାତିକ ଗୋଲ୍ ସଂଖ୍ୟା ୧୦୯ରେ ପହଞ୍ଚିଛି। ଫଳରେ କ୍ରିଷ୍ଟିଆନୋ ରୋନାଲ୍ଡୋ (୧୩୦)ଙ୍କ ପଛକୁ ମେସି ଦ୍ୱିତୀୟ ସ୍ଥାନରେ ଅଛନ୍ତି ଇରାନ୍‌ର ଅଲି ଦାଇ (୧୦୮) ତୃତୀୟ ଓ ଭାରତର ସୁନୀଲ ଛେତ୍ରୀ (୯୪) ଚତୁର୍ଥ ସ୍ଥାନରେ ଅଛନ୍ତି। ଅନ୍ୟପକ୍ଷରେ ଆର୍ଜେଣ୍ଟିନା ଏହି ମ୍ୟାଚ୍ ଜିତି କୌଣସି ବଡ଼ ପ୍ରତିଯୋଗିତାରେ ଲଗାତାର ତୃତୀୟ ଥର ପାଇଁ ଫାଇନାଲ୍ ଖେଳିବାକୁ ଯାଉଛି। ପୂର୍ବରୁ ୨୦୨୧ କୋପା ଆମେରିକା ଫାଇନାଲ୍‌ରେ ଆର୍ଜେଣ୍ଟିନା ୧-୦ ଗୋଲ୍‌ରେ ବ୍ରାଜିଲ୍‌କୁ ହରାଇଥିଲା। ସେହିପରି ୨୦୨୨ ଫିଫା ବିଶ୍ୱକପ୍ ଫାଇନାଲ୍‌ରେ ଆର୍ଜେଣ୍ଟିନା ପେନାଲ୍‌ଟି ସୁଟ୍‌ଆଉଟ୍‌ରେ ଫ୍ରାନ୍ସକୁ ହରାଇଥିଲା।

# ଅଷ୍ଟ୍ରେଲିଆ କ୍ରିକେଟରେ ଫାଟ

## ଦଳର ନିଷ୍ପତ୍ତି ବିରୋଧରେ ପ୍ରଶ୍ନ ଉଠାଇଲେ ମିଚେଲ ଷ୍ଟାର୍କ

ସିଡନୀ,୧୧।୮(ଏଜେନସି): ଅଷ୍ଟ୍ରେଲିଆର ଦ୍ରୁତ ବୋଲର ମିଚେଲ ଷ୍ଟାର୍କ ଏବେ ଦଳକୁ ନେଇ ଏମିତି ଏକ ବିବୃତ୍ତି ଦେଇଛନ୍ତି, ଯାହାକୁ ନେଇ ଚର୍ଚ୍ଚା ଜୋର ଧରିଛି। ୨୦୨୪ ଟି -୨୦ ବିଶ୍ୱକପରେ ଆଫଗାନିସ୍ତାନ ବିପକ୍ଷରେ ଦଳ ପରିଚାଳନା ରଣନୀତି ଉପରେ ଷ୍ଟାର୍କ ପ୍ରଶ୍ନ ଉଠାଇଛନ୍ତି।





ସୂଚନା ଥାଉ କି ଯେ ଆଫଗାନିସ୍ତାନ ବିପକ୍ଷ ମ୍ୟାଚରେ ଦଳରୁ ଷ୍ଟାର୍କଙ୍କୁ ଡ୍ରପ କରାଯାଇଥିଲା। ଏହି ମ୍ୟାଚରେ କଙ୍ଗାରୁ ଦଳକୁ ପରାଜୟର ସାମ୍ନା କରିବାକୁ ପଡିଥିଲା ଏବଂ ତାପରେ ଅଷ୍ଟ୍ରେଲିଆ। ଦଳ ସେମିଫାଇନାଲରେ ପ୍ରବେଶ କରିପାରି ନଥିଲା। ଦ୍ରୁତ ବୋଲର ମିଚେଲ ଷ୍ଟାର୍କ ଟି -୨୦ ବିଶ୍ୱକପରେ ଆଫଗାନିସ୍ତାନ ବିପକ୍ଷ ସୁପର -୮ ମ୍ୟାଚରେ ଖେଳୁଥିବା ଏକାଦଶରେ ସ୍ଥାନ ପାଇ ନ ଥିବାରୁ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଆଫଗାନିସ୍ତାନ ବିପକ୍ଷରେ ଏହି ମ୍ୟାଚରେ ଅଷ୍ଟ୍ରେଲିଆକୁ ୨୧ ରନରେ ପରାଜୟର ସମ୍ମୁଖୀନ ହେବାକୁ ପଡିଥିଲା ଏବଂ ଦଳ ସେମିଫାଇନାଲରେ ମଧ୍ୟ ପହଞ୍ଚି ପାରି ନଥିଲା। ମିଚେଲ ଷ୍ଟାର୍କଙ୍କ ସ୍ଥାନରେ ଅଷ୍ଟ୍ରେଲିଆ ବାମହାତୀ ସ୍ପିନର ଆଷ୍ଟେନ ଅଗରଙ୍କୁ ସ୍ଥାନ ଦିଆଯାଇଥିଲା, କିନ୍ତୁ ସେ କୌଣସି ୱିକେଟ୍ ନେଇପାରିନଥିଲେ ଏବଂ ବ୍ୟାଟିଂରେ ସେତେ ଭଲ ପ୍ରଦର୍ଶନ କରିପାରିନଥିଲେ।

ମିଚେଲ ଷ୍ଟାର୍କ ଏକ ସାକ୍ଷାତକାରରେ କହିଛନ୍ତି, ଟିମ ମ୍ୟାନେଜମେଣ୍ଟ ମ୍ୟାଚରେ ବିଶ୍ୱାସ କରୁଥିଲା। କାରଣ ଗତ ମ୍ୟାଚରେ ସେହି ଗ୍ରାଉଣ୍ଡରେ ସ୍ପିନର ଥିଲେ, ତେଣୁ ଆଷ୍ଟେନଙ୍କୁ ଏକ ସୁଯୋଗ ଦିଆଯାଇଥିଲା। କିନ୍ତୁ ଆଫଗାନିସ୍ତାନ ବହୁତ ଭଲ ସ୍ପିନ୍ ଖେଳିଥିଲା ଏବଂ ବୋଧହୁଏ ପରିସ୍ଥିତିକୁ ବୁଝିସାରିଥିଲା। ଆମେ କିଛି ଭୁଲ କରିଛୁ ଏବଂ ଏହାର ପରିଣାମ ଭୋଗିବାକୁ ପଡିଛି। ଟୁର୍ଣ୍ଣାମେଣ୍ଟର କାର୍ଯ୍ୟସୂଚୀକୁ ନେଇ ଷ୍ଟାର୍କ ମଧ୍ୟ ଅସନ୍ତୋଷ ବ୍ୟକ୍ତ କରି କହିଛନ୍ତି, ଗ୍ରୁପ୍ ପର୍ଯ୍ୟାୟରେ ଆମେ ଇଂଲଣ୍ଡଠାରୁ ଆଗରେ ଥିଲୁ ଏବଂ ହଠାତ ଏକ ଭିନ୍ନ ଦଳକୁ ଆସିଥିଲୁ। ଦିନରାତି ଦୁଇଟି ମ୍ୟାଚ୍ ଖେଳିଥିଲୁ ଏବଂ ତୃତୀୟ ମ୍ୟାଚ୍ ଦିନରେ ଥିଲା ଆମେ ସର୍ବୋତ୍ତମ ପ୍ରସ୍ତୁତି କରିପାରିନଥିଲୁ। ଆମର ବିମାନ ମଧ୍ୟ ବିଳମ୍ବରେ ପହଁଚିଲା ଏବଂ ପରଦିନ ସକାଳେ ମ୍ୟାଚ୍ ଖେଳିବାକୁ ପଡିଲା।

# ମୋତେ ଘର କାମ କରୁଥିବା ଝିଅ ଦରକାର : କୁଲଦୀପ

ନୂଆଦିଲ୍ଲୀ,୧୧।୮(ଏଜେନସି): ମନ କଥା କହି ବିବାଦରେ ଲୋକପ୍ରିୟ ଭାରତୀୟ କ୍ରିକେଟର କୁଲଦୀପ ଯାଦବ ମତେ ଚାକିରି କରୁଥିବା ଝିଅ ନୁହେଁ ବରଂ ମୋର ଓ ମୋ ପରିବାରର ଯତ୍ନ ନେଉଥିବା ଝିଅ ଦରକାର ବୋଲି କହି ବିବାଦରେ କୁଲଦୀପ। ଆଜିକାଲି ଉଭୟ ପୁଅ-ଝିଅ ରୋଜଗାର କରି ସ୍ୱାଧୀନ ହେବାକୁ ଓ ନିଜର ଏବଂ ପରିବାରର ଖର୍ଚ୍ଚ ସାଙ୍ଗ ହୋଇ ଉଠାଇବାକୁ ଚାହୁଥିବା ବେଳେ କୁଲଦୀପଙ୍କ ବୟାନ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଦେଶ ଏତେ ଆଗକୁ ବଢ଼ିବା ପରେ କୁଲଦୀପ ଏତେ ପଛରେ କେମିତି ବୋଲି ଲୋକେ ପ୍ରଶ୍ନ କରିବା ଆରମ୍ଭ କରିଛନ୍ତି।



ସୂଚନା ମୁତାବକ, ଟି-୨୦ ବିଶ୍ୱକପ ଜିତିବା ପରେ ଏକ ସାକ୍ଷାତକାରରେ କୁଲଦୀପଙ୍କୁ ତାଙ୍କ ବିବାହ ଯୋଜନା ବିଷୟରେ ପଚରାଯାଇଥିଲା। ଉତ୍ତରରେ ସେ କହିଥିଲେ, ଆପଣ ଶୀଘ୍ର ଭଲ ଖବର ଶୁଣିବେ। କିନ୍ତୁ ସେ ଜଣେ ବଲିଉଡ ଅଭିନେତ୍ରୀ ହୋଇନଥିବେ। ସେ ମୋର ଏବଂ ମୋ ପରିବାରର ଯତ୍ନ ନେବା ଗୁରୁତ୍ୱପୂର୍ଣ୍ଣ ତେଣୁ ସେଭଳି ଝିଅ ମୁଁ ଖୋଜିବି।
ତାଙ୍କର ଏଭଳି ବୟାନକୁ ନେଇ ଏବେ ଲୋକେ ତାଙ୍କୁ ଟ୍ରୋଲ କରିବା ଆରମ୍ଭ କରିଛନ୍ତି। ଜଣେ ଏକ୍ସ ବ୍ୟବହାରକାରୀ ଲେଖିଛନ୍ତି, ଭାରତୀୟ ପୁରୁଷ ପୁଣି ଥରେ ବିବାହ କରିବା ଏବଂ ନର୍ସ ନିଯୁକ୍ତି ମଧ୍ୟରେ ପାର୍ଥକ୍ୟ ଜାଣିପାରୁ ନାହାନ୍ତି। ଅନ୍ୟ ଜଣେ ଲେଖିଛନ୍ତି, ଏତେ ଟଙ୍କା ପାଇ ବି ତାଙ୍କ ପରିବାରକୁ କଣ ସ୍ତ୍ରୀ ରୂପରେ ଜଣେ ଗୃହ ସହାୟିକା ଦରକାର ?

# ଶ୍ରୀଲଙ୍କା ଟ୍ୱେଣ୍ଟି-୨୦ରେ ପାଣ୍ଡ୍ୟା ଅଧିନାୟକ



ମୁମ୍ବାଇ,୧୧।୭(ଏଜେନ୍ସି): ରୋହିତ ଶର୍ମାଙ୍କ ଅବସର ପରେ ଭାରତୀୟ ଟ୍ୱେଣ୍ଟି-୨୦ ଦଳର ନେତୃତ୍ୱ କିଏ ନେବେ, ସେ ଚର୍ଚ୍ଚା ଏବେ ସବୁଠି। ତେବେ ବିସିସିଆଇ ଉପଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଅଧିନାୟକ ପଦକୁ ପଦୋନ୍ନତି ଦେବାକୁ ସଜବାଜ ହେଉଥିବାର ସୂଚନା ମିଳିଛି। ପାଣ୍ଡ୍ୟା ଆଗାମୀ ଶ୍ରୀଲଙ୍କା ବିପକ୍ଷ ଶୃଙ୍ଖଳାରେ ଅନୁଷ୍ଠାନିକ ଭାବେ ନିୟମିତ ଅଧିନାୟକ ଦାୟିତ୍ୱ ନେବେ। ଏହି ଶୃଙ୍ଖଳାରୁ ମଧ୍ୟ ନୂଆ ପ୍ରଶିକ୍ଷକ ଗୌତମ ଗମ୍ଭୀର ନିଜ କାର୍ଯ୍ୟକାଳ ଆରମ୍ଭ କରିବେ। ସେହିଭଳି ଦିନିକିଆ ଶୃଙ୍ଖଳାରେ ବରିଷ୍ଠ ଖେଳାଳିଙ୍କୁ ବିଶ୍ରାମ ଦେବ ବୋଲି ବିସିସିଆଇ ସଙ୍କେତ ଦେଇ ସାରିଥିବାରୁ ରୋହିତ ଶର୍ମାଙ୍କ ସ୍ଥାନରେ କେଏଲ୍ ରାହୁଲ ଏହି ଗସ୍ତର ୫୦ ଓଭରିଆ ପର୍ଯ୍ୟାୟରେ ଭାରତର ନେତୃତ୍ୱ ନେବେ।

ଉଭୟ ଶୃଙ୍ଖଳା ଲାଗି ଦଳ ଘୋଷଣା ଆଗାମୀ କିଛି ଦିନ ଭିତରେ ହେବ ସୂଚନାଯୋଗ୍ୟ ଯେ ଭାରତ-ଶ୍ରୀଲଙ୍କା ଟ୍ୱେଣ୍ଟି-୨୦ ଶୃଙ୍ଖଳା ଚଳିତ ମାସ ୨୭ ତାରିଖରୁ ଆରମ୍ଭ ହେବ। ତିନି ଟିକିଆ ଶୃଙ୍ଖଳାର ପରବର୍ତ୍ତୀ ଦୁଇ ମ୍ୟାଚ୍ ୨୯ ଓ ୩୧ ତାରିଖରେ ଖେଳାଯିବ। ସବୁ ମ୍ୟାଚ୍ ରାତି ୭ଟାରୁ ଆରମ୍ଭ ହେବ। ସେହିଭଳି ତିନି ଟିକିଆ। ଦିନିକିଆ। ଶୃଙ୍ଖଳା ଅଗଷ୍ଟ ୨ରୁ ଆରମ୍ଭ ହୋଇ ୭ରେ ଶେଷ ହେବ ଦିନିକିଆ। ମ୍ୟାଚ୍‌ଗୁଡ଼ିକ ଦିବା/ରାତ୍ର ଭିତ୍ତିରେ ଖେଳାଯିବ ଏବଂ ଅପରାହ୍ନ ୨ଟା ୩୦ରୁ ଆରମ୍ଭ ହେବ।

# ଖେଲୋ ଇଣ୍ଡିଆ ଭାରୋତ୍ତୋଳନ ଉଦ୍‌ଘାଟିତ

## ଭାଗ ନେଉଛନ୍ତି ୧୦ ରାଜ୍ୟର ୧୩୫ ମହିଳା ଖେଳାଳି

ଭୁବନେଶ୍ୱର,୧୧।୭(ଏଜେନ୍ସି): ଅସ୍ମିତା ଖେଲୋ ଇଣ୍ଡିଆ ମହିଳା ଭାରୋତ୍ତୋଳନର ଜୋନାଲ୍ ଲିଗ୍ ବୁଧବାର କଳିଙ୍ଗ ଷ୍ଟାଡିୟମସ୍ଥିତ ବିଜୁ ପଟ୍ଟନାୟକ ଭାରୋତ୍ତୋଳନ ହଲ୍‌ରେ ଉଦ୍‌ଘାଟିତ ହୋଇଯାଇଛି। ୧୪ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରତିଯୋଗିତାରେ ୧୦ ରାଜ୍ୟର ୧୩୫ ଭାରୋତ୍ତୋଳିକା ଅଂଶଗ୍ରହଣ କରୁଛନ୍ତି ଏଥିରେ ବରିଷ୍ଠ, ଯୁବ ଓ କନିଷ୍ଠ ଭଳି ତିନିଟି ସ୍ତରର ବିଭିନ୍ନ ଓଜନ ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା ହେବ ଆୟୋଜକ ଓଡ଼ିଶାର ୨୨ଜଣ ପ୍ରତିଯୋଗୀ ଏଥିରେ ପଦକ ଜିତିବାକୁ ଚେଷ୍ଟା କରିବେ। ଓଡ଼ିଶା ଭାରୋତ୍ତୋଳନ ସଂଘ ଆନୁକୂଲ୍ୟରେ ଆୟୋଜିତ ହେଉଥିବା ଏହି ପ୍ରତିଯୋଗିତାର ଲକ୍ଷ୍ୟ ହେଉଛି। ମହିଳା ଭାରୋତ୍ତୋଳନର ପ୍ରଚାର ପ୍ରସାର ତଥା ଏହି ଖେଳ ପ୍ରତି ଅଧିକରୁ ଅଧିକ ଯୁବ



ଖେଳାଳିଙ୍କୁ ଆକର୍ଷିତ କରିବା ବୁଧବାରର ଉଦ୍‌ଘାଟନୀ ଉତ୍ସବରେ କ୍ରୀଡ଼ା ବିଭାଗର ମୁଖ୍ୟ ଶାସନ ସଚିବ ଆର୍. ଭିନିଲ କ୍ରିଷ୍ଣା, ଭାରତୀୟ ଭାରୋତ୍ତୋଳନ ମହାସଚିବ ତଥା ପ୍ରତିଯୋଗିତା ନିର୍ଦ୍ଦେଶକ ଆନନ୍ଦ ଗୌଡ଼, ଓଡ଼ିଶା ଭାରୋତ୍ତୋଳନ ସଂଘର ସଭାପତି ଚିତ୍ତରଞ୍ଜନ ସ୍ୱାଇଁ, ସମ୍ପାଦକ ତଥା ଅଲିମ୍ପିଆନ୍ କେ. ରବିକୁମାର ପ୍ରମୁଖ ଉପସ୍ଥିତ ଥିଲେ। ଆଜି ପ୍ରତିଯୋଗିତା ଉଦ୍‌ଘାଟିତ ହେଉଥିଲା ବେଳେ ଗୁରୁବାରଠାରୁ ପ୍ରତିଦ୍ୱନ୍ଦ୍ୱିତା ଆରମ୍ଭ ହେବ ବୋଲି ଆୟୋଜକ ସୂଚନା ଦେଇଛନ୍ତି।

# ନୂଆ କୋଚ୍ ନିଯୁକ୍ତି ନେଇ କୋହଲିଙ୍କୁ ଜଣାଯାଇନଥିଲା !

ନୂଆଦିଲ୍ଲୀ: ପୂର୍ବତନ କ୍ରିକେଟର୍ ତଥା ଦୁଇଥର ବିଶ୍ୱକପ୍ ବିଜେତା ଦଳର ସଦସ୍ୟ ଗୌତମ ଗମ୍ଭୀର ଭାରତୀୟ କ୍ରିକେଟ୍ ଦଳର ନୂଆ ମୁଖ୍ୟ ପ୍ରଶିକ୍ଷକ ଭାବେ ନିଯୁକ୍ତ ହୋଇଛନ୍ତି। ବିସିସିଆଇ ସମ୍ପାଦକ ଜୟ ଶାହ ଏ ସଂକ୍ରାନ୍ତରେ ସାମାଜିକ ଗଣମାଧ୍ୟମରେ ସୂଚନା ଦେବା ସହ ଗମ୍ଭୀରଙ୍କୁ ସ୍ୱାଗତ ଜଣାଇଥିଲେ।



ପୂର୍ବତନ ମୁଖ୍ୟ ପ୍ରଶିକ୍ଷକ ରାହୁଲ ଦ୍ରାବିଡ଼ଙ୍କ କାର୍ଯ୍ୟକାଳ ଶେଷ ହେବା ପରେ ବର୍ତ୍ତମାନ ଭାରତୀୟ ଦଳ ୫ ମ୍ୟାଚ୍ ବିଶିଷ୍ଟ ଟ୍ୱେଣ୍ଟି-୨୦ ଶୃଙ୍ଖଳା ଖେଳିବା ପାଇଁ ଜିମ୍ବାୱେ ଗସ୍ତରେ ଅଛି। ଏହି ଗସ୍ତରେ ଭିଭିଏସ୍ ଲକ୍ଷ୍ମଣ ଦଳର କାମଚଳା ପ୍ରଶିକ୍ଷକ ଭାବେ ନିୟୋଜିତ ଅଛନ୍ତି। ତେଣୁ ଶ୍ରୀଲଙ୍କା ଗସ୍ତରୁ ଗମ୍ଭୀର ତାଙ୍କ ଦାୟିତ୍ୱ ଗ୍ରହଣ କରିବେ। ଶ୍ରୀଲଙ୍କାରେ ଜୁଲାଇ ୨୭ରୁ ଅଗଷ୍ଟ ୭ ତାରିଖ ମଧ୍ୟରେ ଭାରତ ୩ଟି ଲେଖାଏଁ ଟ୍ୱେଣ୍ଟି-୨୦ ଓ ଦିନିକିଆ ମ୍ୟାଚ୍ ଖେଳିବ। ୨୦୨୭ ଡିସେମ୍ବର ୩୧ ତାରିଖ ପର୍ଯ୍ୟନ୍ତ ଗମ୍ଭୀର ଭାରତୀୟ ଦଳର ମୁଖ୍ୟ ପ୍ରଶିକ୍ଷକ ପଦରେ ରହିବେ। ତେବେ ଏସବୁ ଭିତରେ ଏକ ରୋଚକ ଖବର ସାମ୍ନାକୁ ଆସିଛି।

ବାସ୍ତବରେ ଗମ୍ଭୀରଙ୍କୁ ମୁଖ୍ୟ ପ୍ରଶିକ୍ଷକ କରିବା ପୂର୍ବରୁ ବହୁ ଆଲୋଚନା ହୋଇଥିଲା। ତାଙ୍କ ସହ ଡବ୍ଲୁବି ରମଣଙ୍କର ମଧ୍ୟ ସାକ୍ଷାତକାର ଦିଆଯାଇଥିଲା କିନ୍ତୁ ଗମ୍ଭୀରଙ୍କୁ ଚୟନ କରାଯାଇଥିଲା।

ରିପୋର୍ଟ ଅନୁଯାୟୀ, ଗମ୍ଭୀରଙ୍କୁ କୋଚ୍ କରିବା ପୂର୍ବରୁ ବିରାଟ କୋହଲିଙ୍କ ସହ କୌଣସି ଆଲୋଚନା ହୋଇନଥିଲା। ଯେତେବେଳେ କି ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ସମେତ କିଛି ଖେଳାଳି ଏହା ବିଷୟରେ ଅବଗତ ଥିଲେ। ଉଲ୍ଲେଖ ଥାଉ କି କୋହଲି ଏବଂ ଗମ୍ଭୀରଙ୍କ ମଧ୍ୟରେ ବିବାଦ ପୂର୍ବରୁ ଦେଖିବାକୁ ମିଳିଛି। ଆଇପିଏଲ ସମୟରେ ଏହି ଦୁଇ ଖେଳାଳି ପଡ଼ିଆରେ ମୁହାଁମୁହିଁ ହୋଇଥିଲେ। ଖବର ଅନୁଯାୟୀ ବିସିସିଆଇ ମୁଖ୍ୟ ପ୍ରଶିକ୍ଷକଙ୍କ ବିଷୟରେ କୋହଲିଙ୍କ ସହ କଥାବାର୍ତ୍ତା କରି ନଥିଲେ। ଦାୟିତ୍ୱ ଗମ୍ଭୀରଙ୍କୁ ହସ୍ତାନ୍ତର କରିବା ପୂର୍ବରୁ ତାଙ୍କୁ ମଧ୍ୟ ସୂଚନା ଦିଆଯାଇ ନ ଥିଲା। ବିସିସିଆଇର କ୍ରିକେଟ୍ ପରାମର୍ଶଦାତା କମିଟି ଦ୍ୱାରା ଗମ୍ଭୀରଙ୍କ ନାମ ଚୂଡାନ୍ତ ହୋଇଥିଲା। କିନ୍ତୁ କୋହଲିଙ୍କୁ ଏହି ଘଟଣାରୁ ଦୂରେଇ ରଖାଯାଇଥିଲା। ରିପୋର୍ଟ ଅନୁଯାୟୀ, ପାଣ୍ଡ୍ୟା ସେହି ଖେଳାଳିଙ୍କ ମଧ୍ୟରେ ଅଛନ୍ତି ଯେଉଁମାନେ ଜାଣିଥିଲେ ଯେ ଗୌତମ ଗମ୍ଭୀର ପରବର୍ତ୍ତୀ ମୁଖ୍ୟ ପ୍ରଶିକ୍ଷକ ହେବେ କିନ୍ତୁ କୋହଲି ଏ ବିଷୟରେ ଅବଗତ ନଥିଲେ।

# ୟୁରୋ କପ୍ ଫାଇନାଲରେ ପହଞ୍ଚିଲା ସ୍ପେନ

ନୂଆଦିଲ୍ଲୀ୧୧।୭(ଏଜେନ୍ସି): ଜର୍ମାନୀରେ ଚାଲିଥିବା ୟୁରୋପୀୟ ଫୁଟବଲ ଆସୋସିଏସନ ୟୁନିୟନ (ଉଫା) ୟୁରୋ କପ୍ ୨୦୨୪ ଟୁର୍ଣ୍ଣାମେଣ୍ଟ ଏହା ମଧ୍ୟରେ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ଗତକାଲି ବିଳମ୍ବିତ ରାତିରେ ୟୁରୋ କପ୍ ୨୦୨୪ର ପ୍ରଥମ ସେମି ଫାଇନାଲରେ ପରସ୍ପରକୁ ଭେଟିଥିଲେ ସ୍ପେନ୍ ଓ ଫ୍ରାନ୍ସ। ଏହି ମ୍ୟାଚରେ ଫ୍ରାନ୍ସକୁ ୨-୧ ଗୋଲ ବ୍ୟବଧାନରେ ପରାସ୍ତ କରି ୟୁରୋ ୨୦୨୪ ଫାଇନାଲରେ ପ୍ରବେଶ କରିଛି ସ୍ପେନ। ସ୍ପେନର ଫୁଟବଲ ଖେଳାଳି ଲାମିନେ ୟାମଲ ଏକ ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟରେ ସର୍ବକନିଷ୍ଠ ଗୋଲ ସ୍କୋରର ମାନ୍ୟତା ହାସଲ କରିଛନ୍ତି।

୧୬ ବର୍ଷୀୟ ସ୍ପେନ ତାରକା ଲାମିନୋ ୟାମଲ ଗୋଲ ସ୍କୋର କରି ଏକ ଉଫା ୟୁରୋ ଟୁର୍ଣ୍ଣାମେଣ୍ଟର ସର୍ବକନିଷ୍ଠ ଗୋଲ ସ୍କୋରର ହୋଇଛନ୍ତି। ଏହି ମ୍ୟାଚରେ ବିଜୟୀ ହେବା ପରେ ସ୍ପେନ ଫାଇନାଲରେ ପହଞ୍ଚିବା ପରେ ସେ ବହୁତ ଖୁସି ଥିବା ନିଜ ପ୍ରତିକ୍ରିୟାରେ ୟାମଲ କହିଛନ୍ତି। ବିଜୟ ହେବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଛନ୍ତି। ଏହି ବିଜୟ ଫଳରେ ସ୍ପେନ୍ ୟୁରୋ ୨୦୨୪ର ଫାଇନାଲରେ ଫାଇନାଲରେ ପହଞ୍ଚି ଯାଇଛି। ଇଂଲଣ୍ଡ ଓ ନେଦରଲାଣ୍ଡସ ମଧ୍ୟରେ ଖେଳାଯିବାକୁ ଥିବା ଦ୍ୱିତୀୟ ସେମିଫାଇନାଲର ବିଜେତାଙ୍କୁ ସ୍ପେନ ଫାଇନାଲରେ ଭେଟିବ। ଆସନ୍ତା ରବିବାର ଦିନ ବର୍ଲିନରେ ଫାଇନାଲ ମୁକାବିଲା ଖେଳାଯିବ। ଏହି ସେମି ମୁକାବିଲା ବେଶ୍ ରୋମାଞ୍ଚକର ରହିଥିଲା । ଏହି ମ୍ୟାଚରେ ସ୍ପେନ ମାତ୍ର ୪ ମିନିଟରେ ୨ଟି ଗୋଲ ସ୍କୋର କରି ମ୍ୟାଚକୁ ନିଜ ନିୟନ୍ତ୍ରଣକୁ ନେଇ ଆସିଥିଲା ।ଏହା ପୂର୍ବରୁ ଗତ ୨୦୧୨ ୟୁରୋ କପରେ ଇଟାଲୀକୁ ହରାଇ ସ୍ପେନ୍ ଫାଇନାଲରେ ପହଞ୍ଚିଥିଲା ସ୍ପେନ ପକ୍ଷରୁ ଲାମିନେ ୟାମଲ ଓ ଡେନୀ ଓଲମୋ ଦୁହେଁ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ।


Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ